

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୯ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 May 2024
Vol.No. 35 ■ No.134 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସରିଲା ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର: ଦିନକ ପରେ ସିଲ୍ ହେବ ୩୦୫ ପ୍ରାର୍ଥୀଙ୍କ ଭାଗ୍ୟ

ଭୁବନେଶ୍ୱର, ୧୮/୫ (ନି.ପ୍ର): ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୫ ଲୋକସଭା ମଣ୍ଡଳୀ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ଏବଂ ଏହା ଅନ୍ତର୍ଗତ ସମସ୍ତ ୩୫ଟି ବିଧାନସଭା ଆସନରେ ଦିନକ ପରେ ଅର୍ଥାତ୍ ସୋମବାର ଭୋଟଗ୍ରହଣ ହେବ। ଏହି ଅଂଚଳର ମୋଟ ୨୬୫ଜଣ ବିଧାୟକ ପ୍ରାର୍ଥୀ ଓ ୪୦ଜଣ ଲୋକସଭା ପ୍ରାର୍ଥୀଙ୍କ ଭାଗ୍ୟ ୭୯ଲକ୍ଷ ୬୯ହଜାର ୮୮୭ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରି ନିର୍ଦ୍ଧାରଣ କରିବେ । ମତଦାନକୁ ଶାନ୍ତିଶୃଙ୍ଖଳାର ସହ



ଶେଷ କରିବା ପାଇଁ ୧୦୨ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ ହୋଇଛି। ଚଳିତ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବା ହିଞ୍ଜିଳି ଓ କଂଟାବାଞ୍ଜି ବିଧାନସଭା ଆସନରେ ବି ମତଦାନ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ୫ଟି ଲୋକସଭା ଆସନ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସିକା ସଂସଦୀୟ କ୍ଷେତ୍ରରେ ମୋଟ ୭୯.୬୯ଲକ୍ଷ ଭୋଟର ଅଛନ୍ତି । ସେମାନଙ୍କ ମଧ୍ୟରେ ୪୦.୩୪ ପୁରୁଷ, ୩୯.୩୫ ମହିଳା ଓ୮୫୧ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି । ଏହି ଭୋଟରଙ୍କ ମଧ୍ୟରେ ୨.୧୩ଲକ୍ଷ ଭୋଟର ପ୍ରଥମଥର ପାଇଁ ନିଜର ମତାଧିକାର ସାବ୍ୟସ୍ତ କରିବେ ଏବଂ ପ୍ରାୟ ୧୬.୯୮ଲକ୍ଷ ଯୁବ ଭୋଟର ବି ମତଦାନ କରିବେ। ଏହି ପର୍ଯ୍ୟାୟରେ ସହରାଂଚଳରେ ୧୦୯୦ଟି ଓ ଗ୍ରାମାଂଚଳରେ ୮୦୮୫ଟି ମତଦାନ ▶▶ପୃଷ୍ଠା ୭

## ନବ ଦାସଙ୍କ ପୁଅଙ୍କୁ ୪ ଘଣ୍ଟା ଘାଣ୍ଟିଲା ଆଇଟି ଟିମ୍

ଭୁବନେଶ୍ୱର, ୧୮/୫ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ରାଜନୀତି ସରଗରମ ରହିଛି। ଏହି ସମୟରେ ଦିବଙ୍ଗତ ମନ୍ତ୍ରୀ ନବ ଦାସଙ୍କ ପୁଅ ତଥା ଝାରସୁଗୁଡ଼ା ବିଧାୟିକା ପ୍ରାର୍ଥୀ ଦୀପାଳି ଦାସଙ୍କ ଭାଇ ବିଶାଳ



ଦାସଙ୍କୁ ଦୀର୍ଘ ସମୟ ଧରି ଜେରା କରିଛି ଆୟକର ବିଭାଗ। ବିଶାଳଙ୍କୁ ଆୟକର ବିଭାଗର କର୍ମଚାରୀ ଦୀର୍ଘ ୪ ଘଣ୍ଟା ଧରି ଜେରା କରିଥିବା ଜଣାପଡ଼ିଛି। ଗତକାଲି ଆୟକର ବିଭାଗ ବିଶାଳ ଦାସଙ୍କୁ ଝାରସୁଗୁଡ଼ାର ଏକ ଘରୋଇ ହୋଟେଲକୁ ଡାକିଥିଲା। ସେଠାରେ ବିଶାଳଙ୍କୁ ଦୀର୍ଘସମୟ ଧରି ଜେରା କରିଥିବା ଜଣାପଡ଼ିଛି। ତେବେ କେଉଁଥି ପାଇଁ ଆୟକର ବିଭାଗ ବିଶାଳଙ୍କୁ ଜେରା କରିଥିଲା, ବିଶାଳ ଟିକସ ଫାଙ୍କି ଥିଲେ କି, ନା ଅନ୍ୟ କିଛି କାରଣ ରହିଛି ତାହା ମଧ୍ୟ ଜଣାପଡ଼ିନାହିଁ। ତେବେ ବିଶାଳଙ୍କୁ ଜେରା ବେଳେ ଆୟ କର ବିଭାଗ ହାତରେ କେଉଁ ତଥ୍ୟ ଲାଗିଛି, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ପଚରାଉଚରା ପରେ ଆୟକର ବିଭାଗ ବିଶାଳଙ୍କୁ ଛାଡ଼ି ଦେଇଥିବା ସୂଚନା ମିଳିଛି।

## ପୁରୀରେ ରୋଡ୍ ଶୋ’ କରିବେ ମୋଦି



ପୁରୀ, ୧୮/୫ (ନି.ପ୍ର): ଆସନ୍ତାକାଲି ସନ୍ଧ୍ୟାରେ ପୁଣି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୨୦ ତାରିଖରେ ସକାଳ ୮ଟାରେ ପୁରୀରେ ସେ ରୋଡ୍ ଶୋ’ କରିବେ। ମହାପ୍ରଭୁଙ୍କ ଦର୍ଶନ କରି ସେ ରୋଡ୍ ଶୋ’ କରିବେ। ପୁରୀରେ ରୋଡ୍ ଶୋ’ କରି ଅନୁଗୋଳ ଯିବେ ପ୍ରଧାନମନ୍ତ୍ରୀ। ସକାଳ ସାଢ଼େ ୯ଟାରେ ସେଠାରେ ଏକ ବିରାଟ ଜନସଭାକୁ ସମ୍ବୋଧି କରିବେ ମୋଦି। ସେଠାରୁ କଟକ ଫେରିବେ। ସାଢ଼େ ୧୧ଟାରେ ସେ କଟକରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ। ଆସନ୍ତାକାଲି ଓଡ଼ିଶା ଆସିବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ରେଢ଼ାଖୋଲ, ପାଟଣା ଏବଂ ଖୋର୍ଦ୍ଧାରେ ସାଧାରଣ ସଭାରେ ଯୋଗ ଦେବେ। ଆସନ୍ତାକାଲି କୁଚିଣ୍ଡାରେ ସଭା କରିବେ ବିଜେପି ନେତା ତଥା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ। ୨୧ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ କାର୍ଯ୍ୟକ୍ରମ ରହିଛି। ସେ ସମ୍ବଲପୁର, କେନ୍ଦୁଝର, ପରଜଙ୍ଗ ଓ ନୟାଗଡ଼ ଗସ୍ତ କରିବେ।

## ୨୨ରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର: ୨୪ରେ ଅବପାତ

ଭୁବନେଶ୍ୱର, ୧୮/୫ (ନି.ପ୍ର): ରାଜ୍ୟବାସୀଙ୍କ ତାତିରୁ ମିଳିବ ଆଶ୍ୱସ୍ତି। ୨୨ ତାରିଖରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା ରହିଛି।



ଏହାକ୍ରମେ ଘନୀଭୂତ ହୋଇ ଉତ୍ତରପୂର୍ବ ଦିଗରେ ଗତି କରିବ। କେନ୍ଦ୍ରୀୟ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହୋଇ ୨୪ ତାରିଖରେ ଅବପାତ ରୂପ ନେବାର ସମ୍ଭାବନା ରହିଛି। ▶▶ପୃଷ୍ଠା ୭

## ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୧୨୬ ପ୍ରାର୍ଥୀ କୋଟିପତି: ସନା ସବୁଠୁ ଧନୀ, ଦ୍ୱିତୀୟରେ ସୌମ୍ୟ

ଭୁବନେଶ୍ୱର, ୧୮/୫ (ନି.ପ୍ର): ଓଡ଼ିଶାରେ ଆସନ୍ତା ୨୫ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୩୮୩ ଜଣ ବିଧାୟକ ପ୍ରାର୍ଥୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୩୮୧ ଜଣ ବିଧାୟକ ପ୍ରାର୍ଥୀଙ୍କ ସତ୍ୟପାଠ ବିଶ୍ଳେଷଣ କରିଛି ଇଉଜ ଓ ଓଡ଼ିଶା ଇଲେକ୍ସନ ୱାଚ। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୧୨୬ ଜଣ ଅର୍ଥାତ୍ ୩୩ ପ୍ରତିଶତ ବିଧାୟକ ପ୍ରାର୍ଥୀ କୋଟିପତି ଥିବା ଜଣାଯାଇଛି । କେନ୍ଦୁଝର ଚମ୍ପୁଆର ଇଔଉ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼



ତୃତୀୟ ପର୍ଯ୍ୟାୟର ସବୁଠୁ ଧନୀ ବିଧାୟକ ପ୍ରାର୍ଥୀ । ତାଙ୍କ ସମ୍ପତ୍ତି ମୂଲ୍ୟ ୨୨୭ କୋଟି ୬୭ ଲକ୍ଷ ଟଙ୍କା । ସେହିପରି ୧୨୨ କୋଟି ୮୬ ଲକ୍ଷ ଟଙ୍କା ସମ୍ପତ୍ତି ସହ ଘଷିପୁରାର ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ପର୍ଯ୍ୟାୟର ଦ୍ୱିତୀୟ ଧନୀ ବିଧାୟକ ପ୍ରାର୍ଥୀ । ସେହିପରି ୧୨୦ କୋଟି ୫୬ ଲକ୍ଷ ଟଙ୍କା ସମ୍ପତ୍ତି ସହ ତୃତୀୟ ସ୍ଥାନରେ ଅଛନ୍ତି ନୟାଗଡ଼ ଇଔଚ ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ । ୩୮୧ ବିଧାୟକ ପ୍ରାର୍ଥୀଙ୍କ ▶▶ପୃଷ୍ଠା ୭

## କିସ୍ ବିଦ୍ୟାଳୟ ପରିସରରେ ବ୍ୟାପକ ଭଙ୍ଗାରୁଜା

ବୌଦ୍ଧ, ୧୮/୫ (ନି.ପ୍ର): ବୌଦ୍ଧ ସ୍ଥିତ ହରଭଙ୍ଗା ବ୍ଲକ ଲୁଣିବାହାଲ କିସ୍ ବିଦ୍ୟାଳୟ ପରିସରରେ ବ୍ୟାପକ ଭଙ୍ଗାରୁଜା ହୋଇଛି। ଗୋଚର ଜମି ଉପରେ ବେଆଇନ୍ ରାସ୍ତା ନିର୍ମାଣ, ସ୍ଥାନୀୟ ଲୋକଙ୍କୁ ସ୍କୁଲରେ ନିଯୁକ୍ତି ନମିଳିବା, ନାମଲେଖା ନାଁରେ ଆଦିବାସୀ ପିଲାଙ୍କୁ ଶୋଷଣ ଆଦି ଏକାଧିକ ଅଭିଯୋଗ କରି ଭଙ୍ଗାରୁଜା କରିଛନ୍ତି ଲୁଣିବାହାଲ ଗ୍ରାମବାସୀ। ଶତାଧିକ ପୁରୁଷ ଓ ମହିଳା ବିକ୍ଷୋଭ କରିବା ସହ ଏସବୁ ସମସ୍ୟାର ସମାଧାନ ଦାବି କରିଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି। ତେବେ ଲୁଣିବାହାଲ ଗ୍ରାମବାସୀ ଉଠାଇଥିବା ▶▶ପୃଷ୍ଠା ୭

## କଂଗ୍ରେସର ଶୋଭାଯାତ୍ରା ବେଳେ ଫୁଟିଲା ଗୁଳି

ନୂଆଦିଲ୍ଲୀ, ୧୮/୫ : ଦିନକ ତଳେ ଦିଲ୍ଲୀର କଂଗ୍ରେସ ପ୍ରାର୍ଥୀ କହ୍ନେୟା କୁମାରଙ୍କୁ ପ୍ରଚାର ବେଳେ ଆକ୍ରମଣ କରାଯାଇଥିଲା। ଏହାକୁ ନେଇ ବିବାଦ ଚାଲିଥିବା ବେଳେ ଆଜି କଂଗ୍ରେସ ପ୍ରାର୍ଥୀ ଗୁରଜିତ ସିଂହ ଅଜୁଆଲଙ୍କ ରାଲିରେ ଗୁଳିମାଡ଼ ହୋଇଛି। ଗୁରଜିତ ବିଶାଳ ଶୋଭାଯାତ୍ରା କରୁଥିବା ବେଳେ ପଞ୍ଜାବର ଅମୃତସର ନିକଟ ଅଜନାଲା ଠାରେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଆହତ



ହୋଇଛନ୍ତି। ଗୁରଜିତଙ୍କୁ କଂଗ୍ରେସ ଅମୃତସରୁ ପ୍ରାର୍ଥୀ କରିଛି। ଘଟଣା ପଛରେ ଇଣ୍ଡିଆ ମେଣ୍ଟରେ ଥିବା ଆପ୍ର ହାତଥିବାର ସେ ଅଭିଯୋଗ କରିଛନ୍ତି। ୫୧ ବର୍ଷୀୟ ଗୁରଜିତ ଅଭିଯୋଗ କରିଛନ୍ତି ଯେ ଅମୃତସରର ଆପ୍ ପ୍ରାର୍ଥୀ କୁଲଦୀପ ଧାଲିୱାଲଙ୍କ ଜଣେ ସମ୍ପର୍କୀୟ ଗୁଳିମାଡ଼ ପଛରେ ରହିଛନ୍ତି। ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ କାହିଁକି ତାଙ୍କର ବନ୍ଧୁକ ସିଜ କରି ନଥିଲେ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ତେବେ ଆପ୍ର କୁଲଦୀପ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, “ଉକ୍ତ ଅଞ୍ଚଳରେ ମୋର କୌଣସି ସମ୍ପର୍କୀୟ ନାହାନ୍ତି। ସାଂସଦ ଗୁରଜିତ ▶▶ପୃଷ୍ଠା ୭

## ଓଡ଼ିଶାରେ ଜବତ ହେଲାଣି ୭୩ କୋଟି ଟଙ୍କାର ନିଶାଦ୍ରବ୍ୟ ସମେତ ୨୫୪ କୋଟି ଟଙ୍କା

ଭୁବନେଶ୍ୱର, ୧୮/୫ (ନି.ପ୍ର): ଆସନ୍ତା ସୋମବାର ରାଜ୍ୟରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ। ୫ଟି ସଂସଦୀୟ କ୍ଷେତ୍ର ସହ ୩୫ ବିଧାନସଭା କ୍ଷେତ୍ରରେ ନିର୍ବାଚନ



ହେବ । ହେଲେ ଏଯାବତ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୭ କୋଟି ୧୮ ଲକ୍ଷ ଟଙ୍କା ଜବତ ହୋଇ ସାରିଲାଣି। ସେହିପରି ୭୩ କୋଟି ଟଙ୍କାର ଗଞ୍ଜେଇ, ବ୍ରାଉନସୁଗର ଆଦି ଡ୍ରଗସ୍ ଜବତ ହୋଇଥିବା ବେଳେ ୧୪ କୋଟି ୩୫ ଲକ୍ଷ ଟଙ୍କାର ସୁନା ଗହଣା ଜବତ ହୋଇଛି। ସମୁଦାୟ ଜବତ ଜନିଷର ମୂଲ୍ୟ ୨୫୪ ▶▶ପୃଷ୍ଠା ୭

## ଓୟୁଜେ ବାଲେଶ୍ୱର ଶାଖାର ଆଲୋଚନା ଚକ୍ର

ବାଲେଶ୍ୱର, ୧୮/୫ (ନି.ପ୍ର): ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶେଷ କରି ନିର୍ବାଚନ ବେଳେ ଗଣମାଧ୍ୟମ ର ଦାୟିତ୍ୱ ଓ କର୍ତ୍ତବ୍ୟ ଅଧିକ ମାତ୍ରାରେ ବୃଦ୍ଧି ପାଇଥାଏ। ଜନମତକୁ ବିଭ୍ରାନ୍ତ କରିବା ନିଜ ସପକ୍ଷରେ ମିଛ, ଭିତ୍ତିହୀନ ଓ ପ୍ରଲୋଭିତ କଥା କହି ଗଣମାଧ୍ୟମ ମାଧ୍ୟମରେ ଲୋକଙ୍କୁ ନେତା ମାନେ ପ୍ରଭାବିତ କରିବାକୁ ଅପଚେଷ୍ଟା କରିଥାନ୍ତି। ନେତାଙ୍କ ଭାଷଣ ବା ମିଛ ଓ କପୋଳ କଳ୍ପିତ କଥାରେ ଭାସି ନ ଯାଇ ତଥ୍ୟ ପ୍ରକାଶନ ପୂର୍ବରୁ ତାର ସ୍ୱଚ୍ଛତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ବହୁ ବରିଷ୍ଠ ସାମ୍ବାଦିକ ମତ ପ୍ରକାଶ କରିଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ନିର୍ବାଚନ ବେଳେ ଗଣମାଧ୍ୟମର ଭୂମିକା ଓ କର୍ତ୍ତବ୍ୟ




ସମ୍ପର୍କରେ ଆୟୋଜିତ ଏକ ଦିବସୀୟ କର୍ମଶାଳା ରେ ବହୁ ବରିଷ୍ଠ ସାମ୍ବାଦିକ ଯୋଗଦେଇ କହିଲେ ଯେ,ଫେକ୍ ନିଉଜ୍, ପେଡ ନିଉଜ୍ ପାଇଁ ଅଧିକାଂଶ ରାଜନୈତିକ ଦଳର ନେତା ଓ କର୍ମୀ ଆଗଭର ହୋଇପାରନ୍ତି ।ସେଥିପ୍ରତି ସମସ୍ତ ସାମ୍ବାଦିକ ଅଧିକ ସଚେତନ ଓ ଯତ୍ନବାନ ହେବା ଆବଶ୍ୟକ। ଏଦିଗରେ ପ୍ରେସ କାଉନସିଲ ଅଫ ଇଣ୍ଡିଆ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରାଜନୈତିକ ହିଂସା, ଦାୟିତ୍ୱହୀନ ଓ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ, ଅତିରଞ୍ଜିତତଥ୍ୟ,ଚରିତ୍ର ସଂହାର ଭଳି ଭାଷଣ କୁ ତରବରିଆ ଭାବେ ନ ଛାପି ସ୍କ୍ରିନିଂ କରି ଲୋକଙ୍କ ବିଶ୍ୱାସ ଭାଜନ ହେବା ଭଳି ଖବର ପ୍ରକାଶ କରିବା ଉଚିତ। ସାମ୍ବାଦିକଙ୍କୁ ଟଙ୍କା ଦେଇ ପ୍ରଲୋଭିତ କରି ବିପକ୍ଷ ଦଳକୁ ସମାଲୋଚନା କରିବା ଭଳି ସମ୍ବାଦ ପ୍ରତି ସମସ୍ତେ ସଚେତନ ହେବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ନିଜର ସ୍ଥିତି ଓ ନିତି ପ୍ରତି ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଥିଲା। ସଂଘର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍ ର ସଭାପତି ବିପ୍ଳବ କୁମାର ମହାନ୍ତି, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସେଇଠୁ ଆରମ୍ଭର ସମ୍ପାଦକ ଶୁଭେନ୍ଦୁ ଦାସ, ସମାଜ ର ଡେସ୍କଇନ ଚାର୍ଜ ଶଶୀ ରଞ୍ଜନ ମଲ୍ଲିକ, ଓୟୁଜେ ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜାତୀୟ କାର୍ଯ୍ୟ କାରିଣୀ ସଦସ୍ୟ ରାମନାରାୟଣ ଶତପଥୀ,ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଦାସ,ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ,ଅଭୟ କୁମାର ଦାସ,ସଂଘ ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ହାଇଦର ଖାନ, ଲକ୍ଷ୍ମୀଧର ଗାନ, ରମାକାନ୍ତ ପଣ୍ଡା, କଂହେଇ ଚରଣ ପ୍ରଧାନ ,ସୋମନାଥ ସାହୁ, କାଞ୍ଚମଣି ସ୍ୱାଇଁ,ମନୋରଞ୍ଜନ ବାରିକ, ପ୍ରସଂଜିତ୍ ଆଶ,ସୁଧାନିଧି ମହାପାତ୍ର, ଲୋକନାଥ ପିରୀ, ଦେବବ୍ରତ ପାଣିଗ୍ରାହୀ, ମହେଶ୍ୱର ପ୍ରଧାନ,ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସିଂଗାପୁରରେ ସାଂଘାତିକ ରୂପ ଧାରଣ କରୁଛି କରୋନା: ମାସ୍କ ପିନ୍ଧିବାକୁ ସତର୍କ ସୂଚନା ଜାରି

ନୂଆଦିଲ୍ଲୀ, ୧୮/୫ : କରୋନ ସଂକ୍ରମଣକୁ ନେଇ ଟିକେ ଆଶ୍ୱସ୍ତି ମିଳିଥିବା ବେଳେ ଏବେ କରୋନାର ଅନ୍ୟ ଏକ ଭାରିଆଣ୍ଟ ସିଂଗାପୁରରେ ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ଏହାକୁ ନେଇ ଅନ୍ୟଦେଶମାନଙ୍କରେ ଆତଙ୍କ ଦେଖାଦେଇଛି । ସିଂଗାପୁରରେ ସ୍ଥିତି ସଂକଟ ଜନକ ଅବସ୍ଥାରେ ପହଂଚିଛି । ମେ’ ୫ ତାରିଖରୁ ୧୧ ତାରିଖ ମଧ୍ୟରେ ସିଂଗାପୁରରେ ୨୬ ହଜାର ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସିଂଗାପୁର ସ୍ୱାସ୍ଥ୍ୟମନ୍ତ୍ରୀ ଏନେଇ ଲୋକଙ୍କ ସତର୍କ ରହିବା ସହ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି । ସିଂଗାପୁର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି କି, ଏଠାରେ କରୋନାର ଏକ ନୂଆ ଭାରିଆଣ୍ଟ ଦେଖିବାକୁ ମିଳିଛି । ଏହି



ଭାରିଆଣ୍ଟ ଦୃତ ଗତିରେ ସଂକ୍ରମିତ କରୁଛି । ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସଂକ୍ରମଣ ଶୀଖରରେ ପହଂଚିପାରେ ବୋଲି ଅନୁମାନ କରାଯାଇଛି। ସିଂଗାପୁର ସ୍ୱାସ୍ଥ୍ୟମନ୍ତ୍ରଣାଳୟ କହିଛି କି, ପୂର୍ବ ସପ୍ତାହରେ ୧୩ ହଜାର ୭ ଶହ ସଂକ୍ରମିତ ଚିହ୍ନଟ ହୋଇଥିଲେ। ହେଲେ ଏବେ ସଂକ୍ରମିତଙ୍କ ସଂଖ୍ୟା ୨୬ ହଜାର ପାର ହୋଇଛି । ଦୈନିକ ୧୮୧ ରୁ ୨୫୦ ଜଣ ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ମନ୍ତ୍ରଣାଳୟ କହିଛି ଯେ ହସ୍ପିଟାଲରେ ଶଯ୍ୟା କ୍ଷମତା ସଂରକ୍ଷଣ ପାଇଁ ନୂତନ ପଦକ୍ଷେପ ନିଆଯାଉଛି । ସରକାରୀ ଡାକ୍ତରଖାନାଗୁଡ଼ିକୁ ସେମାନଙ୍କର ଅଣ-ଜରୁରୀ ଇଲେକ୍ଟିଭ୍ ସର୍ଜରୀ ମାମଲା ହ୍ରାସ କରିବାକୁ ଏବଂ ଆକ୍ରାନ୍ତଙ୍କୁ ଉପଯୁକ୍ତ ପ୍ରଭାବଶାଳୀ ଚିକିତ୍ସା ପ୍ରଦାନ କରିବାକୁ କୁହାଯାଇଛି।

# ମାଓ କ୍ୟାମ୍ପ୍ ଏବେ ଯବାନଙ୍କ ଆଶ୍ରୟସ୍ଥଳୀ: କାନ୍ଥରେ ଝୁଲୁଛି ମୃତ କମ୍ରେଡ୍ଙ୍କ ଫଟୋ



ମାଲକାନଗିରି, ୧୮/୫ (ନି.ପ୍ର): ଦିନେ ଏଠାରୁ ରଣନୀତି କରି ମାଓବାଦୀ ପ୍ରଜାମେଳି, ସଭା ସହ ପୁଲିସ୍ ଓ ସୁରକ୍ଷାବାହିନୀକୁ ଟାର୍ଗେଟ୍ କରୁଥିଲେ। ଆଜି ସେହି କ୍ୟାମ୍ପରୁ ସୁରକ୍ଷା ବାହିନୀ ମାଓବାଦୀଙ୍କୁ ଟାର୍ଗେଟ୍ କରୁଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳରେ ଥିବା ମାଓବାଦୀଙ୍କ କ୍ୟାମ୍ପ ଅଫିସ୍‌କୁ ସୁରକ୍ଷାକର୍ମୀ ନିଜ ଅକ୍ତିଆରକୁ ନେବା ପରେ ରୋଚକ ଚିତ୍ର ଦେଖିବାକୁ ମିଳିଛି। ଯୋଡ଼ାମ୍ବରେ ଥାନା ପ୍ରତିଷ୍ଠା ପରେ ନକ୍ସଲ୍ ପଛଘୁଞ୍ଚା ଦେଇଛନ୍ତି। ବିଚ୍ଛିନ୍ନାଞ୍ଚଳରେ ପୂର୍ବରୁ ପୁଲିସ୍ ପହଞ୍ଚି ପାରୁନଥିଲା। ଏହାର ସୁଯୋଗ ନେଇ ମାଓବାଦୀ ଏଠାରେ ସ୍ଥାୟୀ କ୍ୟାମ୍ପ କରି ରହୁଥିଲେ। କ୍ୟାମ୍ପରେ କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ସହ ଅନ୍ୟ କ୍ୟାଡର ମାଓବାଦୀ ରହୁଥିଲେ। ମୃତ କମ୍ରେଡ୍ଙ୍କ ଫଟୋଗୁଡ଼ିକୁ ସୁସଜ୍ଜିତ କରି ରଖିଥିଲେ। ଗୋଟିଏ କୋଠରିରେ ମାଓବାଦୀମାନେ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଅନ୍ୟ ଘରଟି ରୋଷେଇ ପାଇଁ ବ୍ୟବହାର କରାଯାଉଥିଲା। ଏହି ଅଞ୍ଚଳ ସଂପୂର୍ଣ୍ଣ ନିରାପଦ ଥିବାରୁ ସେଣ୍ଟ୍ରାଲ କମିଟିର ଅଧ୍ୟକ୍ଷ ସହ ବହୁ ନେତା ଏଠାରେ ରାତ୍ରିଯାପନ କରୁଥିଲେ। ଏବେ ସ୍ଥାନୀୟ ଲୋକଙ୍କ କହିବା କଥା, ଗୁରୁପ୍ରିୟା ସେତୁ ହେବା ପରେ ଯବାନ ଧୀରେ ଧୀରେ ସ୍ୱାଭିମାନ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେଇଥିଲେ। ବର୍ତ୍ତମାନ ସ୍ୱାଭିମାନ ଅଞ୍ଚଳରେ ଥିବା ୯ଟି ପଞ୍ଚାୟତରେ ବିଏସ୍ଏଫ୍ କ୍ୟାମ୍ପ ରହିଛି। ଯବାନମାନେ ସ୍ୱାଭିମାନ ଅଞ୍ଚଳର ୧୫୨ଟି ଗ୍ରାମକୁ ଜଗି ରହିଛନ୍ତି। ଯୋଡ଼ାମ୍ବ ଥାନା ପ୍ରତିଷ୍ଠା ପରେ ଏହି ଅଞ୍ଚଳରେ ଶାନ୍ତି ବଜାୟ ରହିଛି। ନକ୍ସଲ ଏହି ଅଞ୍ଚଳରୁ ଛତ୍ରଭଙ୍ଗ ଦେଇଛନ୍ତି, ଆଉ ପଶି ପାରୁନାହାନ୍ତି। କୌଣସି ପ୍ରକାରେ ଲୋକଙ୍କୁ ଭୁତାଇବାକୁ ନକ୍ସଲ ଉଦ୍ୟମ କରୁଥିଲେ ହେଁ ବିଫଳ ହେଉଛନ୍ତି। ଅନ୍ୟପଟେ ଅଞ୍ଚଳବାସୀ ସଚେତନ ହେବା ପରେ ନକ୍ସଲଙ୍କୁ ଆଉ ଭୟ କରୁନାହାନ୍ତି। ଚଳିତ ନିର୍ବାଚନରେ ସ୍ୱାଭିମାନ ଅଞ୍ଚଳର ସମସ୍ତ ୨୩ଟି ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଥିଲା। ସ୍ୱାଭିମାନ ଅଞ୍ଚଳରେ ଚଳିତ ନିର୍ବାଚନରେ ରେକର୍ଡ ସଂଖ୍ୟକ ୭୧ ପ୍ରତିଶତ ମତଦାନ ହୋଇଥିଲା। ପୂର୍ବରୁ ଅଞ୍ଚଳକୁ ନିଜ ଅକ୍ତିଆରରେ ରଖିଥିବା ନକ୍ସଲମାନେ ଚଳିତ ନିର୍ବାଚନରେ କୌଣସି ସ୍ଥାନରେ ବ୍ୟାନର କିମ୍ବା ପୋଷ୍ଟର ମାରି ପାରିନଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ଯବାନଙ୍କ ପକ୍ଷରୁ ଅଞ୍ଚଳରେ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଶେଷ କରି ଏଥିରେ ପୁଲିସ୍, ବିଏସ୍ଏଫ୍ ଏବଂ ଜିଲ୍ଲା ପ୍ରଶାସନର ଭୂମିକା ପ୍ରଶଂସନୀୟ। ମାଓ କ୍ୟାମ୍ପ ଅଫିସକୁ ତତ୍କାଳୀନ ଡିଜିପି ନ ଭାଙ୍ଗିବାକୁ ପରାମର୍ଶ ଦେଇଥିଲେ। କାରଣ ଆଗାମୀ ପିଢ଼ି ପାଇଁ ଏହା ଇତିହାସ ଏବଂ ସେମାନଙ୍କ ସଂପର୍କୀୟଙ୍କ ମୃତ୍ୟୁର ମୂକସାକ୍ଷୀ ହୋଇ ରହିବ ବୋଲି ସେ କହିଥିଲେ।

# ଫୁଲବାଣୀରେ ସମାଜବାଦୀ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର କହଁରଙ୍କ ନିର୍ବାଚନ ପ୍ରଚାର

କନ୍ଧମାଳ, ୧୮/୫ (ନି.ପ୍ର): ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କ ପ୍ରଚାର ଜୋର ଧରିଥିବାବେଳେ ଦଳ ଏବଂ ପ୍ରାର୍ଥୀମାନେ ଭୋଟରମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଫୁଲବାଣୀ ସହରରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବା ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ଏକ ବିରାଟ ରୋଡ ସୋରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଅବସରରେ ତାଙ୍କର ଯୁବ ସମର୍ଥକ ମାନେ ଯୋଗ ଦେଇ ଭୋଟର ମାନଙ୍କୁ ଭୋଟ ଭିକ୍ଷା କରିଥିଲେ। ଶୋଭାଯାତ୍ରା ସ୍ଥାନୀୟ ମାଦିକୁନ୍ଦା ଛକରୁ ବାହାରି ଫୁଲବାଣୀ ସହର ପରିକ୍ରମା କରିବା ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଠାରେ ଏକ ସାଧାରଣ ସଭାରେ ଦେବେନ୍ଦ୍ର କହଁର ଜଣେ ଶିକ୍ଷିତ ଯୁବକ ହୋଇଥିବା ଯୋଗୁ ବିଧାୟକ ଭାବେ ଲୋକଙ୍କ ପାଇଁ କାମ କରି ପାରିବେ ବୋଲି କହିଥିଲେ। ଗତ ପ୍ରାୟ ୧୦ ବର୍ଷ ହେଲା ସେ ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀ ର ସହରାଂଚଳର ଲୋକଙ୍କ ସମେତ ଗ୍ରାମାଂଚଳର ଲୋକମାନଙ୍କ ପାଇଁ ଲଗାତାର ଭାବେ କାମ କରି ଆସିଛନ୍ତି ବୋଲି କହିଥିଲେ। ତେଣୁ ଏହି ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ କରିବାକୁ ଭୋଟରମାନଙ୍କୁ ଅନୁରୋଧ କରିଥିଲେ। ସୁଚନା ଯୋଗ୍ୟ କି ତାଙ୍କ ଭଉଣି ଅନିମା କହଁର କନ୍ଧମାଳ ମହିଳା ବିଜୁ ଜନତା ଦଳର ସଭାପତି ଥିଲେ। ସେ ଚଳିତ ଥର ଫୁଲବାଣୀ ବିଧସଭା ଆସନ ପାଇଁ ଆଶାୟୀ ପ୍ରାର୍ଥୀନୀ ଥିଲେ। ହେଲେ ଦଳ ତାଙ୍କୁ ଟିକଟ ନ ଦେବାରୁ ସେ ମହିଳା ବିଜେଡି ସଭାପତି ପଦରୁ ଇସ୍ତଫା ଦେଇଥିଲେ। ସେ ଖଜୁରୀପଡା ବ୍ଲକର ଅଧକ୍ଷା ଭାବରେ ନିର୍ବାଚିତ ହୋଇଥିଲେ। ବର୍ତମାନ ସେ ବ୍ଲକ ଅଧକ୍ଷା ଅଛନ୍ତି। ପଦରୁ ଇସ୍ତଫା ଦେବା ପରେ ଅନିମା ମଧ୍ୟ ଭାଇ ଦେବେନ୍ଦ୍ରଙ୍କୁ ଜିତାଇବାକୁ ପ୍ରଚାର ଜୋରଦାର କରିଛନ୍ତି। ବର୍ତମାନ ଭୋଟର ମାନଙ୍କ ଭୋଟ ହିଁ ନିର୍ଣ୍ଣୟ କରିବ ତାଙ୍କର ଭାଗ୍ୟ।

# ପୌରାଂଚଳରେ ଗଣେଶ୍ୱରଙ୍କ ନିର୍ବାଚନୀ ପ୍ରଚାର

କେନ୍ଦ୍ରାପଡ଼ା, ୧୮/୫ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା ତାଙ୍କ ନିର୍ବାଚନ ପ୍ରଚାରକୁ କେନ୍ଦ୍ରାପଡା ପୌରାଂଚଳ ମଧ୍ୟରେ ଗତି ଦେଇଛନ୍ତି । ଶ୍ରୀ ବେହେରା ପୂର୍ବାହ୍ନରେ ନିର୍ବାଚନ ମଣ୍ଡଳୀ ଅଧିନ ବିଭିନ୍ନ ପଂଚାୟତରେ ପ୍ରଚାର ଅଭିଯାନ ଚଳାଇଥିବାବେଳେ ଅପରାହ୍ନରେ ପୌରାଂଚଳ ଅଧିନ ବିଭିନ୍ନ ୱାର୍ଡରେ ଘର ଘର ବୁଲି ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି । ଶୁକ୍ରବାର ସଂନ୍ଧ୍ୟାରେ ମା କାକଟ ମଙ୍ଗଳା ଛକ ୧୭ନଂ ୱାର୍ଡରୁ ବିରାଟ ଶୋଭାଯାତ୍ରା ଆରମ୍ଭ କରି ଫକିରାବାଦ, ବଡହାଟ, ପୁରୁଣା ବସଷ୍ଟାଣ୍ଡ, କାକାଟ ଛକ ପ୍ରଭୃତି ଅଂଚଳ ଗୁଡିକରେ ଥିବା ଭୋଟର ମାନଙ୍କୁ ଭେଟି ଶଙ୍ଖ ଚିହ୍ନରେ ଭୋଟ ଦେଇ ତାଙ୍କୁ ଓ ଲୋକସଭା ପ୍ରାର୍ଥୀ ଅଂଶୁମାନଙ୍କୁ ଜିତାଇବା ପାଇଁ ନିବେଦନ କରୁଥିବା ଜଣାପଡିଛି । ଏହି ପ୍ରଚାର ଅଭିଯାନରେ ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ସଭାପତି ଧିରେନ ସାହୁ, ରଂଜିତ ସାହୁ, ଉମେଶ ନାୟକ, ସୌମେନ୍ଦ୍ର ପୃଷ୍ଟି, ହିରଣ୍ୟ ପଣ୍ଡା, ମିର ମୁରସିଦ, ହିବଜୁବୁର ରହେମାନ, ଛାତ୍ରନେତା ପରୱେଜ ଅଖତର, ମୁକ୍ତାର ଖାନ, ସମ୍ବିତ ଶ୍ରୀଚନ୍ଦନ ପ୍ରମୁଖ ଶ୍ରୀ ବେହେରାଙ୍କ ସହ ସାମିଲ ହୋଇ ଭୋଟରମାନଙ୍କୁ ଭେଟିଥିଲେ ।

## ୩ ଚୋରା କାଠ ମାଫିଆଙ୍କୁ କୋର୍ଟ ଚାଲାଣ କଲା ବନବିଭାଗ

ପଟ୍ଟାମୁଣ୍ଡାଇ , ୧୮/୫ (ନି.ପ୍ର): ଆଜି ସକାଳ ୪.୩୦ ମି ସମୟରେ କନିକା ରେଞ୍ଜ ଅନ୍ତର୍ଗତ କାଳିଭଞ୍ଜଡ଼ିଆ ବିଟ୍ ଷ୍ଟାଫ୍ ଙ୍କ ଦ୍ୱାରା ରାତ୍ର ପେଟ୍ରୋଲିଂ କରୁଥିବାବେଳେ କନିକା ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଷ୍ଟାଫ୍ ମାନେ ଭିତରକନିକା ଜାତୀୟ ଉଦ୍ୟାନ ପରିସର ଅନ୍ତର୍ଭୁକ୍ତ କାଳିଭଞ୍ଜଡ଼ିଆ ଜଙ୍ଗଲ ମଧ୍ୟରୁ ଚଡଦିଆ ଗ୍ରାମ , ବାଂସଡା ଥାନା , ଭଦ୍ରକ ଜିଲ୍ଲା ର ୩ ଜଣ ଆସାମୀ (୧) ହୃଷୀକେଶ ମାଝୀ , ପି - ଗଜେନ୍ଦ୍ର ମାଝୀ (୨) ଭଜହରି ମାଝୀ, ପି -ଗୋଲେଖ ମାଝୀ (୩) ଅଜୟ ମହାଳିକ, ପି - ଭୀମସେନ ମହାଳିକ ଙ୍କୁ ୭ ବସ୍ତା ବାଡେରା ଚେର, ୩ ବସ୍ତା ଗରାଣୀ ଚେର, ଦୁଇଟି କଟୁରୀ, ଏକ ଗୋଟି କୁରାଢ଼ୀ , ଦୁଇଟି ମୋବାଇଲ ଫୋନ୍ ଏବଂ ଏକ ଗ୍ୟାସ ଲାଇଟର ସହ ଜବତ କରାଯାଇଥିଲା। ଉକ୍ତ ଚେରର ଓଜନ ଆନୁମାନିକ ୫ କୁଇଣ୍ଟାଲ୍ ହେବ। ଶ୍ରୀ ଲକ୍ଷ୍ମୀଧର ବାରିକ ଫରେଷ୍ଟର ତାଳଚୁଆ, ଶ୍ରୀ କଳ୍ପତରୁ ସେଠି ବନରକ୍ଷୀ, ଶ୍ରୀ ଅବକାଶ ପାତ୍ର ବନରକ୍ଷୀ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ। ଆସାମୀ ମାନେ ଲୋଭରେ ପଡ଼ି ଉକ୍ତ ଚେର ଓ କାଠ କୁ ରାସାୟନିକ ସେଣ୍ଟ ଦ୍ୱାରା ରକ୍ତ ଚନ୍ଦନ କହି ବିକ୍ରି ଉଦ୍ଦେଶ୍ୟରେ ଏପରି କରିଛନ୍ତି ବୋଲି ସହକାରୀ ବନ ସଂରକ୍ଷକ ଶ୍ରୀ ମାନସ କୁମାର ଦାସ ଙ୍କ ନିକଟରେ ସ୍ୱୀକାର କରିବା ପରେ ରାଜନଗର ଗ୍ରାମ୍ୟ ନ୍ୟାୟାଳୟ କୁ ପଠାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ସ୍ଥିତ ଉପକାରାଗର କୁ ପଠାଯାଇଛି।

# ନିର୍ଦ୍ଦିଷ୍ଟ ଜାତି ମଧ୍ୟରେ ସୀମିତ ରହିନି ହସ୍ତତନ୍ତ କାରିଗରୀ: ସହଯୋଗୀ ସାଜିଛନ୍ତି ଆଦିବାସୀ ବୁଣାକାର



ସମ୍ବଲପୁର, ୧୮/୫ (ନି.ପ୍ର): ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ହସ୍ତତନ୍ତ ଏବେ କୌଣସି ନିର୍ଦ୍ଦିଷ୍ଟ ଜାତି କି ସଂପ୍ରଦାୟର ବୃତ୍ତି ହୋଇ ରହିନାହିଁ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସମ୍ବଲପୁରୀ ପୋଷାକ ପ୍ରସ୍ତୁତି ପାଇଁ ମେହେର ଏବଂ କୁଷ୍ଟା ଜାତିର ବୁଣାକାରଙ୍କ ବିଶେଷ ଖ୍ୟାତି ରହିଛି। ଯେଉଁମାନେ କୌଳିକ ବୃତ୍ତି ଭାବରେ ନିଜ ପୂର୍ବଜଙ୍କ ଠାରୁ ଏହି କଳା ଶିଖି ପରବର୍ତ୍ତୀ ପିଢ଼ିକୁ ଶିକ୍ଷା ଦିଅନ୍ତି। କିନ୍ତୁ କିଛି ବର୍ଷ ହେଲା ଅନୁସୂଚିତ ଜାତି, ଜନଜାତି ସମେତ ବିଭିନ୍ନ ସମୁଦାୟର ଲୋକେ ସୂତା ବାନ୍ଧିବା, ସୂତା ଉପରେ ଡିଜାଇନ ଏବଂ ବାନ୍ଧ ରଙ୍ଗ ସମେତ ସମ୍ବଲପୁରୀ ବାନ୍ଧର ସହଯୋଗର କାର୍ଯ୍ୟରେ ଲାଗିଛନ୍ତି। ଅର୍ଥାତ୍ ବର୍ତ୍ତମାନ ହସ୍ତତନ୍ତ ସମୃଦ୍ଧ ଅଞ୍ଚଳରେ ସହଯୋଗୀ ବୁଣାକାର ଭାବରେ ନୂତନ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି। କିନ୍ତୁ ମୂଳ ବୁଣା କାର୍ଯ୍ୟ ଏବେ ମଧ୍ୟ ବୁଣାକାରଙ୍କ ପରିବାରରେ ରହିଛି। ବରଗଡ଼ ଜିଲ୍ଲା ଭଟଲି ଅନ୍ତର୍ଗତ ସହଁରାପଡ଼ାର ଇନ୍ଦୁମତୀ ସାହାଣୀ ଦୁଇ ବର୍ଷ ହେଲା ସୂତା କାମରେ ଲାଗିଛନ୍ତି। ସେ ମେସିନ ଜରିଆରେ ବଣ୍ଡଲ ସୂତାରୁ ସିଙ୍ଗଲ ସୂତାରେ ପରିଣତ କରି ବୁଣାକାରଙ୍କୁ ଦେଉଛନ୍ତି। ଯାହା ପରବର୍ତ୍ତୀ ସମୟରେ ସମ୍ବଲପୁରୀ ପୋଷାକର ବିଭିନ୍ନ ରୂପ ନେଉଛି। ପୂର୍ବରୁ ବୁଣାକାର ପରିବାରରେ ଏହି କାର୍ଯ୍ୟ କରୁଥିଲେ, ବର୍ତ୍ତମାନ ସେମାନେ ତାଙ୍କ ପରିବାର ବାହାରେ ଇନ୍ଦୁମତୀଙ୍କ ଭଳି ଅନେକ ଅଣମେହେର ପରିବାରଙ୍କୁ ମେସିନ ଦେଇ ଏହି କାର୍ଯ୍ୟ କରାଉଛନ୍ତି। ଇନ୍ଦୁମୀ କହନ୍ତି, ତାଙ୍କ ସ୍ୱାମୀ ରାଜମିସ୍ତ୍ରି ଅଟନ୍ତି। ସେମାନେ ଅନୁସୂଚିତ ଜନଜାତି। ପରିବାରର କେହି ମଧ୍ୟ ଏହି କାର୍ଯ୍ୟ ପୂର୍ବରୁ କରି ନାହାନ୍ତି। ଝିଅ, ପୁଅଙ୍କ ଉଚ୍ଚଶିକ୍ଷା ପାଇଁ ଟଙ୍କାର ଆବଶ୍ୟକତା ପଡ଼ିବାରୁ ପ୍ରଥମ କରି ବୁଣାକାରଙ୍କ ସହଯୋଗୀ ଭାବରେ ସୂତା କାର୍ଯ୍ୟ କରୁଛନ୍ତି। ଆଦିବାସୀ ଝିଅ ବେବି ଭୁଏ ମଧ୍ୟ ନିଜ ପରିବାରର ପ୍ରଥମ ଝିଅ ଭାବରେ କମବନ୍ଧ କାର୍ଯ୍ୟ କରୁଛନ୍ତି। ମାଟ୍ରିକ ସରିବା ପରେ ଟଙ୍କା ଅଭାବରୁ କଲେଜରେ ନାମ ଲେଖାଇ ପାରିଲେ ନାହିଁ। ତେଣୁ କମବନ୍ଧ କାର୍ଯ୍ୟ ଶିଖି ଏବେ ପ୍ରାୟ ୯ ମାସ ହେଲା ଏହା କରୁଛନ୍ତି। ବୁଣାକାରଙ୍କ ଠାରୁ ଡିଜାଇନ ଆଣି ସେଥିରେ ସୂତା ବାନ୍ଧୁଛନ୍ତି। ସମ୍ବଲପୁରୀ ପୋଷାକ ବ୍ୟବସାୟୀ ଜଗୁ ମେହେର କହନ୍ତି, ୩ ବର୍ଷ ହେଲା, ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ମେହେର, କୁଷ୍ଟା ସମୁଦାୟ ବ୍ୟତୀତ ଅନ୍ୟମାନେ ମଧ୍ୟ ବୁଣାକାରଙ୍କ ସହଯୋଗୀ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଏହା ଆଖିଦୃଶିଆ ନଥିଲା ଏକ ବର୍ଷ ହେଲା ଏହି ସଂଖ୍ୟା ବଢୁଛି। ତାଙ୍କ ସଂସ୍ଥା ପକ୍ଷରୁ ବାନ୍ଧ ରଙ୍ଗ ପ୍ରଶିକ୍ଷଣରେ ବିଭିନ୍ନ ବର୍ଗର ସହଯୋଗୀ ବୁଣାକାର ଅଛନ୍ତି। ସାମାଜିକ କର୍ମକର୍ତ୍ତା ସୌମ୍ୟରଞ୍ଜନଙ୍କ ଅନୁସାରେ, ସମ୍ବଲପୁରୀ ହସ୍ତତନ୍ତ ଏକ ଜଟିଳ କାର୍ଯ୍ୟ। ସମୁଦାୟ ପରିବାର ଏଥିରେ ନିୟୋଜିତ ହୋଇ ପାରିଲେ ହିଁ ସୁନ୍ଦର ଶାଢ଼ି କିମ୍ବା ଡ୍ରେସ ତିଆରି ହୋଇ ପାରେ। କିନ୍ତୁ ବର୍ତ୍ତମାନ ପରିବାର ସଦସ୍ୟଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ବୁଣାକାରମାନଙ୍କୁ ସହଯୋଗୀ ବୁଣାକାରଙ୍କ ସହାୟତା ସେମାନଙ୍କୁ ନେବାକୁ ପଡୁଛି। ଲକ୍‌ଡାଉନ୍ ସମୟରେ ବିଭିନ୍ନ ବର୍ଗର ଲୋକେ ଘରେ ବସି ଏହି କାର୍ଯ୍ୟ ପାଇବାରୁ ଏଥିପ୍ରତି ଆଗ୍ରହ କରୁଛନ୍ତି। ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ। ସରକାର ଏବଂ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ବୁଣାକାରଙ୍କ ସହାୟତା ପାଇଁ ପ୍ୟାକେଜ ପ୍ରସ୍ତୁତ ବେଳେ ସହଯୋଗୀ ବୁଣାକାରମାନଙ୍କ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏପରିକି ସେମାନଙ୍କୁ ନେଇ ନିର୍ବାଚନ ପ୍ରସଙ୍ଗ କରାଯାଇ ପାରିଲେ ମଧ୍ୟ ବୁଣାକାରଙ୍କ ଶକ୍ତି ବୃଦ୍ଧି ହେବ। ବୁଣା କାର୍ଯ୍ୟ ନିର୍ଦ୍ଦିଷ୍ଟ ଜାତି କିମ୍ବା ଗୋଷ୍ଠୀରେ ସୀମିତ ନ ରହି ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଗଲେ ଅନେକ ସ୍ୱାବଲମ୍ବୀ ହୋଇପାରିବେ।

# କେନ୍ଦୁଝରରେ ଏନସିସି କ୍ୟାଡେଟମାନଙ୍କ ଦ୍ୱାରା ନିର୍ବାଚନୀ ସଚେତନତା

କେନ୍ଦୁଝର, ୧୮/୫ (ନି.ପ୍ର): ଆସନ୍ତା ମେ ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ଉଭୟେ କେନ୍ଦୁଝର ଲୋକସବା ଓ ଏହା ଅନ୍ତର୍ଗତ ସମସ୍ତ ବିଧାନ ସଭା ଆସନ ପାଇଁ ମତଦାନ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଗଣତନ୍ତ୍ରର ଏହି ମହାପର୍ବରେ କିଭଳି ସବୁ ବର୍ଗର ସାମିଲ ହେବେ ଏବଂ ଏହାକୁ ସଫଳ କରାଇବେ ଏ ନେଇ ଜିଲ୍ଲା ବ୍ୟାପି ବିଭିନ୍ନ ପ୍ରକାର ସଚେତନତାଧର୍ମୀ କାର୍ଯ୍ୟକ୍ରମ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାରି ରହିଛି । ଏହି ପରିପ୍ରେକ୍ଷିରେ ଗୁରୁବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ( ଏନସିସି) ର ୧୪ ଓଡିଶା ବ୍ୟାଟେଲିଆନ କ୍ୟାଡେଟ ମାନଙ୍କ ଦ୍ୱାରା ଜିଲ୍ଲାବ୍ୟାପି ନିଆରା ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନସିସି ୧୪ ଓଡିଶା ବ୍ୟାଟାଲିୟନର କାମାଣ୍ଡିଂଅପିସର କର୍ଣ୍ଣେଲ ଏମ ଚନ୍ଦ୍ର ଶେଖର ରାଓ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟ ଯଥା ଧରଣୀଧର ବିଶ୍ୱବିଦ୍ୟାଳୟ ,କୁଶଳେଶ୍ୱର ମହାବିଦ୍ୟାଳୟ ,ରେକୁଟିଆ , ପତିତପାବନ ମହାବିଦ୍ୟାଳୟ , ସାଇଁକୂଳ , ଆଚଂଳିକ ମହାବିଦ୍ୟାଳୟ , ସୋମପାଟଣା ଆଦି ଶିକ୍ଷାନୁଷ୍ଠାନ ମାନଙ୍କରେ ଏନସିସି କ୍ୟାଡେଟ୍ ମାନେ ନିଜ ନିଜ ଅଂଚଳରେ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ନିର୍ବାଚନୀ ସଚେତନତା ରାଲି , ସ୍ୱତନ୍ତ୍ର ପଥପ୍ରାନ୍ତ ନାଟକ ଏବଂ ପିରାମିଡ ଇତ୍ୟାଦି ଜରିଆରେ ଭୋଟର ମାନଙ୍କୁ ଆସନ୍ତା ମେ ୨୫ ତାରିଖରେ ବହୁ ସଂଖ୍ୟାରେ ଆସି ମତଦାନ କରିବାକୁ ବାର୍ତା ଦେଇଛନ୍ତି ସମସ୍ତ ଏନସିସି କ୍ୟାଡେଟ୍ । ୨୫୦ ରୁ ଉର୍ଦ୍ଧ ଏନସିସି କ୍ୟାଡେଟ ଏହି ସବୁ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବେଳେ ଏନସିସି ଅଫିସର ବିଜୟ କୁମାର ବେହେରା , ସତ୍ୟବ୍ରତ ପତି , ଜୟଦେବ ଦାସ , ସଲାମ କିସ୍କୁ , ଧର୍ମେନ୍ଦ୍ର କୁମାର ସାହୁ , ପ୍ରମୁଖ ବିଭିନ୍ନ କଲେଜଓ୍ୱାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନସିସି ର ଫିଜିକାଲ ଇନଷ୍ଟ୍ରକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିର ପଦବଂଟନ

କୋରାଇ, ୧୮/୫ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ଦଳବଦଳକାରୀଙ୍କୁ ଦଳରେ ଥଇଥାନ କରିବା ପାଇଁ ବିଜେଡି ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦଳବଦଳକାରୀଙ୍କୁ ଆଜି ଜିଲ୍ଲା ସଭାପତି ସରୋଜ ମହାପାତ୍ର ପଦବୀ ବଂଟନ କରି ସନ୍ତୁଷ୍ଟ କରିଛନ୍ତି। କୋରେଇ ବ୍ଲକର ମାନସ ସାହୁ ସାଧାରଣ ସମ୍ପାଦକ ଯାଜପୁର ଯୁବ ବିଜେଡି, ଦେବବ୍ରତ ମହାପାତ୍ର ସାଧାରଣ ସମ୍ପାଦକ ଜିଲ୍ଲା ଛାତ୍ର ବିଜେଡି, ପ୍ରମୋଦ ନାୟକ ଉପସଭାପତି ଯାଜପୁର ଜିଲ୍ଲା ବିଜେଡି, ସୁରଜ କୁମାର ଦାସ, ସମ୍ପାଦକ ଯାଜପୁର ଜିଲ୍ଲା ବିଜେଡି, ବିଜୟ କୁମାର ଘଡ଼େଇ ସମ୍ପାଦକ ଯାଜପୁର ଜିଲ୍ଲା ବିଜେଡି, ଶଶିଭୂଷଣ ସେନାପତି ଉପସଭାପତି ଯାଜପୁର ଜିଲ୍ଲା କୃଷକ ସେଲ, ଲୀଳାବତୀ ସ୍ୱାଇଁ ମହିଳା ସମ୍ପାଦିକା ଜିଲ୍ଲା ବିଜେଡି, ଅମ୍ଲାନ ସାହୁ ସମ୍ପାଦକ ଜିଲ୍ଲା ଯୁବ ବିଜେଡି, ରବିନ୍ଦ୍ର ବେହେରା ଜିଲ୍ଲା ଉପସଭାପତି ଦଳିତ ସେଲ, ଅଶିଷ ଦାସ ସମ୍ପାଦକ କୋରେଇ ବ୍ଲକ ଯୁବ ବିଜେଡି, ସଂଜୟ ବାରିକ ସମ୍ପାଦକ କୋରେଇ ବ୍ଲକ ଯୁବ ବିଜେଡି, ଆଶିଷ ଦାସ ଉପସଭାପତି ବ୍ୟାସନଗର ଯୁବ ବିଜେଡି, ସୁଶାନ୍ତ କୁମାର ସାହୁ ସମ୍ପାଦକ ଜିଲ୍ଲା ଯୁବ ବିଜେଡି, ମନୋଜ ଦାସ ସାଧାରଣ ସମ୍ପାଦକ ଜିଲ୍ଲା ଯୁବ ବିଜେଡି, ବଳରାମ ମହାନ୍ତି ସାଧାରଣ ସମ୍ପାଦକ ଜିଲ୍ଲା ବିଜେଡି, ଆଲୋକ କର ସମ୍ପାଦକ କୋରେଇ ବ୍ଲକ ବିଜେଡି, ମଦନ ପଲେଇ ସହ ସମ୍ପାଦକ କୋରେଇ ବିଜେଡି, ନିତ୍ୟାନନ୍ଦ ମହାଳିକ ସାଧାଣଣ ସମ୍ପାଦକ ବ୍ୟାସନଗର ବିଜେଡି, ଦୁର୍ଗାପ୍ରସାଦ ପରିଡ଼ା ସମ୍ପାଦକ କୋରେଇ ବ୍ଲକ ଯୁବ ବିଜେଡି, ପ୍ରଦୀପ ମଳିକ ସମ୍ପାଦକ ବ୍ଲକ ଛାତ୍ର ବିଜେଡି, ପୂନ୍ୟତୋଷ ସିହ୍ନା ସମ୍ପାଦକ ବ୍ଲକ ଛାତ୍ର ବିଜେଡି, କରୁଣାକର ମାଝୀ ସାଧାରଣ ସମ୍ପାଦକ ଜିଲ୍ଲା ଦଳିତ ସେଲ, ସଂଜୀବ ନାୟକ ସାଧାରଣ ସମ୍ପାଦକ ବ୍ଲକ ବିଜେଡି ।

## ଜ୍ୟୋସ୍ନାରାଣୀଙ୍କ ଘର ଘର ବୁଲି ଭୋଟ୍ ଭିକ୍ଷା

କେନ୍ଦ୍ରାପଡ଼ା, ୧୮/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ଡ଼ଃ ଜ୍ୟୋସ୍ନାରାଣୀ ଜେନା ଜିଲ୍ଲାର ବିଭିନ୍ନ ପଂଚାୟତ ଗ୍ରାମ ଗୁଡିକ ବୁଲି ମହିଳା ଭୋଟରମାନଙ୍କୁ ନରେନ୍ଦ୍ର ମୋଦୀଙ୍କର ବିଭିନ୍ନ ଯୋଜନା ସଂପର୍କରେ ବୁଝାଉଥିବା ଜଣାପଡିଛି । ଡ଼ଃ ଶ୍ରୀମତୀ ଜେନା ପେଣ୍ଠପାଳ, ବଲୁରିଆ, କୂଳସାହି ପ୍ରଭୃତି ସ୍ଥାନ ବୁଲି ସେଠାରେ ମହିଳା ଭୋଟରମାନଙ୍କ ସହିତ ଆଲୋଚନା କରିବା ସହିତ ବିଜେପିର ବିଭିନ୍ନ ଯୋଜନା ସଂପର୍କରେ ପ୍ରକାଶ କରିବା ସହିତ ମୋଦୀ ସରକାର ମହିଳା ମାନଙ୍କର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ସଂପର୍କରେ ପ୍ରକାଶ କରିଥିଲେ । ଚଳିତ ନିର୍ବାଚନ ରେ ବିଜେପି ପ୍ରାର୍ଥୀଙ୍କୁ ପଦ୍ମଫୁଲ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବାପାଇଁ ମହିଳା ଭୋଟରମାନଙ୍କୁ ନିବେଦନ କରୁଥିବା ଜଣାପଡିଛି ।

# ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କେନ୍ଦୁଝର ଗସ୍ତ ଓ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା

କେନ୍ଦୁଝର , ୧୮/୫ (ନି.ପ୍ର): ଅତିରିକ୍ତ ମୁଖ୍ୟ ଶାସନ ସଚୀବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଂଜ ବିହାରୀ ଧଳ କେନ୍ଦୁଝର ଗସ୍ତ କରି ସାଧାରଣ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ସେ ଜିଲ୍ଲା ମତଦାନ କେନ୍ଦ୍ର ଗୁଡିକରେ ପାନୀୟ ଜଳ , ବିଦ୍ୟୁତ , ଦିବ୍ୟାଙ୍ଗଙ୍କ ପାଇଂ ରାମ୍ପ , ଶୌଚାଳୟ ଏବଂ ଖରାରୁ ବର୍ତିବା ପାଇଂ ଶେଡ ନିର୍ମାଣ ଆଦିକୁ ଗୁରୁତ୍ୱ ଦେବାକୁ ଅଧିକାରୀ ମାନଙ୍କୁ କହିଥିଲେ। ପିଙ୍କ ବୁଥ , ହୋମ ଭୋଟିଂ , ପୋଷ୍ଟାଲ ବାଲାଟ , ଆଦିମ ଜନଜାତିଙ୍କ ଭୋଟହାର ବୃଦ୍ଧି , ଓ ନୂତନ ଭୋଟର ସଚେତନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସି ଭିଜଲ ଆପ , ଆଦର୍ଶ ଆଚତଣବିଧି , ଖର୍ଚ୍ଚ ବିବରଣୀ ଟିମ ଆଦି ଗୁଡିକ ର କାର୍ଯ୍ୟ ପଦ୍ଧତି ମଧ୍ୟ ସମୀକ୍ଷା କରିଥିଲେ । ଏବଂ ଏଦିଗ ଅଧିକ ତତ୍ପରତା ଦେଖାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଭୋଟର ସଚେତନତା ସଚେତନତା କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରିବା ସହ ଚଳିତ ନିର୍ବଚନ ରେ ସମସ୍ତ ବର୍ଗର ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଦୃଷ୍ଟି ରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପର ପ୍ରଶଂସା କରିଥିଲେ । ସାମ୍ଭବ୍ୟ କାଳବୈଶାଖୀ ଝଡ ବର୍ଷାର ଆଶଙ୍କା ରହିଲେ ଟେଟଂ ବ୍ୟବସ୍ତା କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ ଦିନ ୱେବ କାଷ୍ଟିଂମାଧମରେ ଜିଲ୍ଲା ପ୍ରାୟ ୬୦ ପ୍ରତିଶତ ବୁଥର ନିର୍ବାଚନ ପ୍ରକ୍ରିୟାର କାର୍ଯ୍ୟଧାରା ଜିଲ୍ଲା ଏ ବଂ ରିଟର୍ଣ୍ଣ ଅପିସରଙ୍କ କାର୍ଯ୍ୟାଳୟ ସ୍ତରରେ ନୀରିକ୍ଷଣ କରିବା ପାଇଂ ନିର୍ଦ୍ଦେଶ ଦେଇଥିଲେ । ଟହ୍‌କା ଓ ଅବକାରୀ ଦ୍ରବ୍ୟର ଅବାଧ ପ୍ରଚଳନକୁ ଅଟକାଇବା ଲାଗି ଗଠିତ ସ୍କ୍ୱାର୍ଡର ଧରପଗଡକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଏବଂ ସମ୍ବେଦନଶୀଳ ବୁଥ ଗୁଡିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅବୈଧ କାରବାର , ଅବକାରୀଦ୍ରବ୍ୟ ରୋକିବା କୁ ଅଦିକ ଚେକପୋଷ୍ଟ ସହ ପୋଲିସ ମୁତୟନ ଜରୁରୀ ବୋଲି କହିଥିଲେ । ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ସମୀକ୍ଷା କରି ମୁଖ୍ୟ ନିର୍ବାଚନ ଅଧିକାରୀ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦୁଝର ଲୋକସଭା କ୍ଷେତ୍ରରେ ଯେପରି ସଂପୁର୍ଣ୍ଣ ଶାନ୍ତିଶୃଙ୍ଖଳା ମଧ୍ୟରେ ସଂପାଦିତ ହେବ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ପାରମର୍ଶ ଦେଇଥିଲେ । ଆଦର୍ଶ ଆଚରଣ ବିଧିର ଉଚିତ ପାଳନ ଦିଗରେ ଜିଲ୍ଲା ପ୍ରଶାସନ , ପୋଲିସ ପ୍ରଶାସନ , ବିଭିନ୍ନ ପ୍ରବର୍ତନ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟକରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତିଟି ବୁଥ ଯେପରି ସୁରକ୍ଷା ବଳୟ ମଧ୍ୟରେ ରହିବ ଓ ଇଭିଏମ, ଭିଭିପାଟ , ମତଗଣନା ପ ର୍ଯ୍ୟନ୍ତ ସଂପୁର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିବ ସେଥିପାଇଁ ପୁର୍ଣ୍ଣ ସଜାଗ ରହିବାକୁ ଶ୍ରୀ ଧଳ କହିଥିଲେ ।

# ତାତିକୁ ଡରିଲେ ହାତୀ: ପୋଖରୀରେ ୩୦ ହାତୀ, ଅପେକ୍ଷା କରିଛନ୍ତି ୧୭

ଭୁବନେଶ୍ୱର, ୧୮/୫ (ନି.ପ୍ର): ଅପରାହ୍ଣ ପ୍ରାୟ ୧ଟା ହେବ। ଟାଇଁ ଟାଇଁ ଖରାରେ ଶରୀର ଜଳିଯାଉଛି। ଅସମ୍ଭାଳ ହେଉଛି ସୂର୍ଯ୍ୟଙ୍କ କୋପ। ତେଣୁ ପାଣି ଭିତରେ ପଶି ଟିକିଏ ଆଶ୍ୱସ୍ତ ହେବାକୁ ହାତୀଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ଜଙ୍ଗଲ ଭିତରେ ଥିବା ଗୋଟିଏ ପୋଖରୀରେ ୩ରୁ ୪ ଫୁଟ୍‌ର ପାଣି ରହିଛି। ତାତିରୁ ରକ୍ଷା ପାଇବାକୁ ତା’ ଭିତରେ ୨୮ରୁ ୩୦ ହାତୀ ପଶିଛନ୍ତି। ସେମାନଙ୍କ ମଧ୍ୟରେ ୧୧ଟି ଛୋଟ ହାତୀ ମଧ୍ୟ ରହିଛନ୍ତି। କେବଳ ପାଣିରେ ପଶିଛନ୍ତି ତାହା ନୁହେଁ, ପାଣି ନିକଟରେ ଓ ଉପରେ ଆହୁରି ୧୭ଟି ହାତୀ ପାଣି ଭିତରକୁ ପ୍ରବେଶ ଅପେକ୍ଷାରେ ରହିଛନ୍ତି। କେତେବେଳେ ସେମାନେ ପଦାକୁ ଆସିବେ ଏବଂ ଏମାନେ ଭିତରକୁ ପ୍ରବେଶ କରିବେ, ତାହାକୁ ଚାହିଁ ରହିଛନ୍ତି। ଆଠଗଡ଼ ଜଙ୍ଗଲରୁ ଆଜି ଏଭଳି ଏକ ରୋଚକ ଦୃଶ୍ୟ ସାମ୍ନାକୁ ଆସିଛି। ତାତିରୁ ରକ୍ଷା ପାଇବାକୁ ହାତୀମାନେ କେଉଁଭଳି ଜଳ ଭିତରେ ବୁଡ଼ି ରହୁଛନ୍ତି ସେନେଇ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଆଜି ‘ଏକ୍ସ’ ମାଧ୍ୟମରେ ଏକ ଭିଡିଓ ସେୟାର କରିଛନ୍ତି। ଗୋଟିଏ ପଟେ ସାରା ରାଜ୍ୟରେ ତାପମାତ୍ରା ଦିନକୁ ଦିନ ବଢୁଛି। ଅସହ୍ୟ ଗରମ ହେଉଛି। ଉପକୂଳ ଓଡ଼ିଶା ଏବେ ଟିକିଏ ଆଶ୍ୱସ୍ତ ହୋଇଥିବା ବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ତାତି ବଢୁଥିବାରୁ ହାତୀଙ୍କ ପରି ଜନ୍ତୁ ଅଧିକ ଗରମ ସହ୍ୟ କରିପାରୁ ନାହାନ୍ତି। ଜଙ୍ଗଲରେ ଥିବା ଛାଇ ସ୍ଥାନରେ ଆଶ୍ରୟ ନେଉଛନ୍ତି। ନ ହେଲେ ଜୀବନ ବିକଳରେ ପାଣି ଭିତରେ ବୁଡ଼ି ରହୁଥିବାର ଦୃଶ୍ୟ ସାମ୍ନାକୁ ଆସୁଛି। ରାଜ୍ୟର ସମସ୍ତ ଅଭୟାରଣ୍ୟରେ ଏଭଳି ଚିତ୍ର ସାମ୍ନାକୁ ଆସିଥିବା ବେଳେ ପିସିସିଏଫ୍(ବନ୍ୟପ୍ରାଣୀ) ସେୟାର କରିଥିବା ଭିଡିଓଟି ଆଠଖଣ୍ଡ ବନଖଣ୍ଡର ହୋଇଥିବା ଜଣାପଡ଼ିଛି। ଆଠଗଡ଼-ବଡମ୍ବା-ସାତକୋଶିଆ ଅଭୟାରଣ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ହାତୀମାନେ ତାତିରୁ ରକ୍ଷା ପାଇବାକୁ ଜଙ୍ଗଲ ଭିତରେ ଥିବା ଏକ ପୋଖରୀରେ ବୁଡ଼ିଥିବା ଜଣାପଡ଼ିଛି। ଆଠଗଡ଼ରେ ଏବେ ୪୭ ଟିକିଆ ହାତୀ ପଲ ରହିଛନ୍ତି। ପିସିସିଏଫ୍ ଶ୍ରୀ ନନ୍ଦ ଆହୁରି ଦର୍ଶାଇଛନ୍ତି ଯେ ହାତୀଙ୍କ ଶରୀରର ଆକାର ତୁଳନାରେ ଅଳ୍ପ ପରିମାଣର ଚର୍ମ ଆଚ୍ଛାଦନ ରହିଛି। ତେଣୁ ହାତୀମାନେ ଅତ୍ୟଧିକ ଗରମ ହୋଇଯାଆନ୍ତି। କାରଣ ସେମାନଙ୍କଠାରୁ ଉତ୍ପନ୍ନ ଆଭ୍ୟନ୍ତରୀଣ ଉତ୍ତାପ ବିସ୍ତାର ହୋଇପାରୁ ନାହିଁ। ଗ୍ରୀଷ୍ମ ସମୟରେ ସେମାନଙ୍କୁ ଅଧିକ ଗରମ ହୋଇଥାଏ। ସେଥିପାଇଁ ସେମାନେ ଶରୀରକୁ ଥଣ୍ଡା ପାଇଁ ପାଣିର ବ୍ୟବହାର କରନ୍ତି। ସେପଟେ ଓଡ଼ିଶାରେ ହାତୀଙ୍କ ଉପସ୍ଥିତି ଥିବା ୪୩ଟି ଡିଭିଜନ୍‌ରେ ହିଁ ହାତୀ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ମାନୁଆଲ ତଥା ସିଧାସଳଖ ଗଣନା କରାଯିବାକୁ ଥିବାରୁ ଓଡ଼ିଶା ଜଙ୍ଗଲରେ ୧,୧୩୬ଟି ମଞ୍ଚା ନିର୍ମାଣ ଚାଲିଛି। ଏହାବ୍ୟତୀତ ବାରାକ୍, ୱାଚ୍ ଟାୱାର ସମେତ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ଉଚ୍ଚା ସ୍ଥାନଗୁଡ଼ିକୁ ଗଣନା କାର୍ଯ୍ୟ ସମୟରେ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଛି। ଗତ ୧୫ ତାରିଖ ସୁଦ୍ଧା ହାତୀ ଗଣନା ସମ୍ପର୍କିତ ସମସ୍ତ ପ୍ରକାର ତାଲିମ ଶେଷ ହୋଇଛି। ଆସନ୍ତା ୨୧ ସୁଦ୍ଧା ଗଣନା କରିବାକୁ ଥିବା ଟିମ୍ ଜଙ୍ଗଲକୁ ଯିବେ। ମେ’ ୨୨ରୁ ୨୪ ତାରିଖ ମଧ୍ୟରେ ହାତୀ ଗଣନା ଅନୁଷ୍ଠିତ ହେବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୯ ମଇ ୨୦୨୪
email :
rabibarachayan2015@gmail.com

# ର ବି ବା ର ଚ ୟ ନ

ପୃଷ୍ଠା ୩

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୫୨**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏଠାରେ ଆସି ତୁମକୁ ମାଆ ଭାବରେ ମୁଁ ପାଇଛି । ତୁମେ ମୋର ଏତେ ସେବା ଯତ୍ନ ନେଉଛ ଯେ, ମୁଁ ମୋର ସମସ୍ତ ମାଆଙ୍କୁ ଭୁଲିଗଲିଣି । ତୁମକୁ ମୋର ଗୋଟାଏ ଅନୁରୋଧ ମାଆ ଏ ଅଭାଗିନୀ ସୀତା ପାଇଁ ଏସବୁ ଦ୍ରବ୍ୟର କୌଣସି ଆବଶ୍ୟକତା ନାହିଁ ।"

ମୋ ପାଟିରୁ କଥା ନେଇ ତ୍ରିଜଟା କହନ୍ତି, ଦେବୀ ସୀତା ମୁଁ ସବୁ ଜାଣେ ମାଆ । ହେଲେ ମୁଁ ନାଚାର । ଲଙ୍କପତିଙ୍କର ଆଦେଶକୁ ମୁଁ କ'ଣ ଲଙ୍ଘିପାରିବି ମାଆ । ସେ ଆଦେଶ ଦେଇଛନ୍ତି ଦେବୀ ସୀତାଙ୍କର ସେବା ଆତିଥ୍ୟରେ ଯେମିତି ତିଳେ ତ୍ରୁଟି ନହୁଏ । ତ୍ରୁଟି ହେଲେ ମୃତ୍ୟୁଦଣ୍ଡ । ତାଙ୍କ ଆଦେଶ ଅନୁସାରେ ଏ ପରିଚାରିକାମାନେ ତୁମ ସେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ତୁମେ ତ ଆମ ସେବା ଗ୍ରହଣ କରୁନାହିଁ କି ଆଜକୁ ପାଞ୍ଚଦିନ ହେଲାଣି ଏ ସ୍ଥାନର ଅନ୍ନଜଳ କିଛି ଗ୍ରହଣ କରୁନାହିଁ । ଏକଥା ଶୁଣି ଆମ ପ୍ରଭୁ ଦଶାନନ ଅନେକ ଚିନ୍ତିତ । ଏପରି ହେଲେ ତୁମେ ଜୀବନ ଧାରଣ କିପରି କରିବ ? ଯେଉଁ ସ୍ୱାମୀଙ୍କ ପ୍ରତି ତୁମର ଏତେ ସ୍ନେହ, ପ୍ରେମ, ଭକ୍ତି ପୂରି ରହିଛି, ତୁମେ ଜୀବିତ ରହିଲେ ସିନା ତାଙ୍କୁ ପାଇବ । ଯଦି ନଖାଇ ନପିଇ ତୁମେ ଏମିତି ବସି ରହିବ ତାହେଲେ ତୁମର ଅବସ୍ଥା କ'ଣ ହେବ ମାଆ ସୀତେ । ମୋ କଥା ମାନ ମୋତେ ଯଦି ମାଆ ଭାବରେ ଗ୍ରହଣ କରିନେଇଛ, ତାହେଲେ ଲଙ୍କପତିର ଏ ସମସ୍ତ ଉପଢୌକନ ଗ୍ରହଣ ନକରି, ନିଜ ଜୀବନକୁ ବଞ୍ଚାଇ ରଖିବା ପାଇଁ କିଛି ଖାଦ୍ୟପେୟ ଗ୍ରହଣ କର । ତୁମେ ତ ସବୁବେଳେ ଏହି ଅଶୋକବେଦୀ ମୂଳରେ ବସି କାନ୍ଦୁଛ । ନଖଦର୍ପଣରେ କ'ଣ ତୁମେ ଦେଖୁଛ ତାହା ତୁମକୁ ଜଣା । ସବୁବେଳେ ତୁମ ତୁଣ୍ଡରେ ରାମ ନାମ । ତୁମ ତୁଣ୍ଡରୁ ରାମ ନାମ ଶୁଣି ଏ ବନର ଶୁଆଶାରୀ ମାନେ ମଧ ରାମ ନାମ ଗାନ କଲେଣି ।

ତ୍ରିଜଟା ତୁଣ୍ଡରୁ ଏକଥା ଶୁଣି ମୁଁ ଆଶ୍ଚର୍ଯ୍ୟ ପ୍ରଶ୍ନ କରିଥିଲି ମାଆ ତ୍ରିଜଟା ତୁମ ଲଙ୍କପତି ଯଦି ଏହି ନିରୀହ ପକ୍ଷୀ ମୁଖରେ ରାମନାମ ଗାନ କଥା ଶୁଣିବେ, ତାହେଲେ ଏମାନଙ୍କର ମୃତ୍ୟୁ ସୁନିଶ୍ଚିତ।

ନା ସୀତେ । ତୁମ ଅଗୋଚରରେ ଦଶାନନ ଏ ବନକୁ ପ୍ରତ୍ୟେକ ପ୍ରଭାତରେ ଛପିଛପି ଆସୁଛନ୍ତି । ମୋ ଠାରୁ ତୁମ କୁଶଳ ମଂଗଳ ସମ୍ପର୍କରେ ପଚାରି ବୁଝୁଛନ୍ତି । ଶୁଆ ଶାରୀଙ୍କ ମୁଖରୁ ରାମ ନାମ ଶୁଣି ସେ ମୁଖମଣ୍ଡଳରେ ସ୍ମିତହସର ରେଖାଟିଏ ଟାଣି ଉଦ୍ୟାନରୁ ଫେରି ଯାଉଛନ୍ତି ।

ସୁଧାମୟୀ ! ତ୍ରିଜଟାର କଥା ଶୁଣି ମୋର ଆଶ୍ଚର୍ଯ୍ୟର ସୀମାଲଂଘନ କରୁଥାଏ । ମୋ ସ୍ୱାମୀଙ୍କ ନାମ ପକ୍ଷୀମାନଙ୍କ କଣ୍ଠରୁ ଶୁଣି ରାବଣ ମୁଖରେ ହସର ଧାରା । ଏ କି ବିପରୀତ କଥା । ପାଞ୍ଚଦିନ ଅଶୋକବନରେ ମୁଁ ଆହାର, ନିଦ୍ରା ସବୁ ପରିତ୍ୟାଗ କରି କାଠ କଣ୍ଢେଇ ଭଳି ବସି ରହିଥାଏ । ଷଷ୍ଠଦିନରେ ତ୍ରିଜଟା ମୋ ହାତଧରି କହିଥିଲେ, "ମାଆଲୋ ତୁ ମୋତେ ଭଲ ଭାବ କି ଖରାପ ଭାବ, ମୁଁ ତୋ ସ୍ୱାମୀ ରାମଚନ୍ଦ୍ରଙ୍କ ରାଣ ଦେଇ କହୁଛି, ତୁ ଅନ୍ନଜଳ ଗ୍ରହଣ କର ମାଆ ।

ମୋ ସ୍ୱାମୀଙ୍କ ନାମରେ ରାଣ, ମୁଁ ତାହା କେମିତି ସହିଥାନ୍ତି ସୁଧାମୟୀ । ଶେଷରେ ବାଧ୍ୟ ହେଲି ତାଙ୍କ କଥା ମାନିବାକୁ । ତାଙ୍କୁ ଶୁଣାଇ କହିଥିଲି ମାଆ ତ୍ରିଜଟା ମୁଁ ତୁମ କଥା ମାନିବି ଗୋଟାଏ ସର୍ତ୍ତରେ ।

କି ସର୍ତ୍ତ ରଖିବୁ ଲୋ ମାଆ । ତୋ ସର୍ତ୍ତ ମୁଁ ମାନିପାରିବି ତ । ଲଙ୍କପତି ଯଦି ଶୁଣିବେ.... । ମୋର ତୁମ ଲଙ୍କପତିକୁ ଭୟନାହିଁ ମାଆ । ଭୟ ମୋ ସ୍ୱାମୀଙ୍କୁ । ତାଙ୍କ ରାଣ ତୁମେ ଦେଇ ସାରିଲଣି । ମୋ ସ୍ୱାମୀ ମୋ ପାଇଁ ଦେବତା । ସେ ମୋ ଭଗବାନ । ସେ ମୋ ଗୁରୁ, ବନ୍ଧୁ, ମୋ ଜୀବନ ସବୁକିଛି । ତାଙ୍କ ପାଇଁ ମୁଁ ତୁମ କଥା ମାନିବି ମାଆ ହେଲେ ସର୍ତ୍ତାନୁସାରେ ।

ମୋ ତୁଣ୍ଡରୁ ବଚନ ନେଇ ସେ କହିଥିଲେ, ତୋର ସେ କଠୋର ସର୍ତ୍ତ କ'ଣ ମୋତେ ତୁ ଶୁଣାଇ ଦେ ମାଆ ।

ମୁଁ କହିଥିଲି ମା' ତୁମ ବ୍ୟତିରେକେ ଆଜିଠୁଁ ଅନ୍ୟ କୌଣସି ପରିଚାରିକା ମୋ ପାଖକୁ ଆସିବେ ନାହିଁ । ମୋ ପାଇଁ ସୁବର୍ଣ୍ଣଘଟରେ ଜଳ ଆଣିବେ ନାହିଁ କି ପିନ୍ଧିବା ପାଇଁ ମଖମଲୀ ପାଟ ଶାଢ଼ୀ, ବିଳାସ ସାମଗ୍ରୀ କିଛି ଆଣିବେ ନାହିଁ । ତୁମେ ମୋ ପାଇଁ ଗୋଟାଏ ମାଟି ପାତ୍ରରେ ଦୈନିକ କିଛି ଜଳ, ଭୋଜନ ପାଇଁ ଗୋଟାଏ ମାତ୍ର ଫଳ ଆଉ ମୋ ସ୍ୱାମୀଙ୍କୁ ପୂଜା କରିବାପାଇଁ କିଛି ଫୁଲ ଆଣି ଦେବ । ତୁମ ଦିଆ ମାଟିପାତ୍ର ଜଳରେ ମୁଁ ମୁଖ ଧୌତ କରିବି । ସାରାଦିବସ ସେହି ପାଣିକୁ ମୁଁ ପାନୀୟ ଭାବରେ ଗ୍ରହଣ କରିବି । ଗୋଟାଏ ଫଳ ଭୁଞ୍ଜିବି । ଆଉ ତୁମ ସହିତ ଏହି ଅଶୋକବନର ସରୋବରକୁ ସ୍ନାନ ପାଇଁ ଯିବି ।

ମୋ କଥା ଶୁଣି ଚକିତ ହୋଇ ସେ ପ୍ରଶ୍ନ କରିଥିଲେ ମାଆ ସୀତେ ! ସ୍ୱର୍ଣ୍ଣଘଟର ପାଣି ତୁ ଗ୍ରହଣ ନକର କିମ୍ବା ରାବଣ ଦତ୍ତ ସୁବାସିତ ଫୁଲ ଫଳ ତୁ ଗ୍ରହଣ ନକର । ସେଥିରେ ମୋର ଆପତ୍ତି ନାହିଁ । ହେଲେ ବସ୍ତ୍ର ଖଣ୍ଡିଏ ନହେଲେ ତୁ ଚଳିବୁ କେମିତି ମାଆ । ସ୍ନାନ ପରେ ପିନ୍ଧିବୁ କ'ଣ ?

ତ୍ରିଜଟା କଥାର ଉତ୍ତର ଦେଇ ମୁଁ କହିଥିଲି ମାଆଲୋ ବାପଘରେ ଝିଅ ପିତାମାତାଙ୍କ ଦିଆ ବସ୍ତ୍ର, ରୂପଚର୍ଯ୍ୟା ନିମିତ୍ତ ପ୍ରସାଧନ ଗ୍ରହଣ କରିଥାଏ । ଶାଶୁଘରେ ସେ ସବୁ ଦେଇଥାନ୍ତି ତାଙ୍କ ସ୍ୱାମୀ । ଏଠାରେ ମୋର ପିତାମାତା ନାହାନ୍ତିକି ସ୍ୱାମୀ ନାହାନ୍ତି । ତୁମକୁ ମୁଁ ମାତା ଭାବରେ ଗ୍ରହଣ କରି ନେଇଛି । ତୁମେ ତ ରାବଣର ଅନ୍ନ ବସ୍ତ୍ରରେ ପାଳିତ । ଏଣୁ ତୁମଦିଆ ଏଠାକାର ଅନ୍ନ ବସ୍ତ୍ର ମୁଁ ଗ୍ରହଣ କରିବି ନାହିଁ । କେବଳ ମାତ୍ର ପ୍ରାଣ ବଞ୍ଚାଇବା ପାଇଁ ରାବଣର ଉଦ୍ୟାନରୁ ଦୈନିକ ଫଳଟିଏ, ତା' ପୋଖରୀରୁ ଘଟିଏ ପାଣି ଗ୍ରହଣ କରିବି । ଏ ମାଟିପାତ୍ର, ଏ ଫଳ ବୃକ୍ଷ ଲଙ୍କପତି ଉଦ୍ୟାନର ହୋଇଥାଇ ପାରେ, ହେଲେ ମଧ ଏସବୁ ପ୍ରକୃତିଦତ୍ତ । ବାକି ରହିଲା ସ୍ନାନାନ୍ତେ ବସ୍ତ୍ର ପରିଧାନ । ଏ ଯେଉଁ ବସ୍ତ୍ରଟି ମୁଁ ପିନ୍ଧିଛି ଏଇଟି ମୋ ସ୍ୱାମୀଙ୍କ ଦିଆ ଦାନ । ଏହି ଲୁଗା ଖଣ୍ଡିକ ପିନ୍ଧି ମୁଁ ସେତେଦିନ ଏ ବନରେ କଟାଇଦେବି, ଯେତେଦିନ ପର୍ଯ୍ୟନ୍ତ ମୋ ସ୍ୱାମୀ ମୋତେ ଏଠାରୁ ଉଦ୍ଧାର କରି ନ ନେଇଛନ୍ତି ।

ମୋ କଥା ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ତ୍ରିଜଟା କହିଥିଲା, ମାଆ ସୀତେ ତୁ କ'ଣ ସ୍ନାନପରେ ଏହି ଓଦାବସ୍ତ୍ର ପିନ୍ଧି ରହିବୁ ?

ତାଙ୍କ କଥା ଶୁଣି ମୁଁ ହସିହସି କହିଥିଲି ହଁ ମାଆ, ମୋ ସ୍ୱାମୀଙ୍କ ନାମ ମୋ ତୁଣ୍ଡରେ ଥିଲେ ଓଦା ବସ୍ତ୍ର ବି ଶୁଖିଲା ହୋଇଯିବ । ସେଥିପାଇଁ ତୁମେ ଦୁଃଖ କରନାହିଁ । ମୁଁ ଏହି ଏକ ବସ୍ତ୍ର ଧାରଣ କରି ଏ ଅଶୋକ ବୃକ୍ଷ ମୂଳରେ ବସି ରହିଥିବି ।

ମୋର ସର୍ତ୍ତକୁ ତ୍ରିଜଟା ମାନି ନେଇଥିଲା । ରାବଣ ପାଖକୁ ସେ ଏ ସନ୍ଦେଶ ମଧ ପଠାଇ ଦେଇଥିଲା । ମୋ ସର୍ତ୍ତ ଶୁଣି ରାବଣ ଆଶ୍ଚର୍ଯ୍ୟ ନହୋଇ ତ୍ରିଜଟାକୁ କହିଥିଲେ, ତ୍ରିଜଟା ସୀତା ଯାହା ଚାହୁଁଛି ତୁମେ ତାହା ମାନିନିଅ । ସେ ଖାଦ୍ୟ ପାନୀୟ ଗ୍ରହଣ ନକଲେ ବି ମାସମାସ ବଞ୍ଚି ରହିବ । କିପରି ରହିବ ତାହା ମୁଁ ଜାଣେ । ଏକଥା ତ୍ରିଜଟା ମୁଖରୁ ଶୁଣି ମୁଁ ଆତ୍ମସନ୍ତୋଷ ଲାଭ କରିଥିଲି । ଅଶୋକବନ ରହଣିର ଷଷ୍ଠଦିନରୁ ମୁଁ ସ୍ନାନ ମାର୍ଜନା ଆଦି କାର୍ଯ୍ୟ ଆରମ୍ଭ କରିଥିଲି ।

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଆଲୋଚନା

# ହିନ୍ଦୁସ୍ଥାନ ଶବ୍ଦର ତାତ୍ପର୍ଯ୍ୟ

**ଅନୀତା ପଟ୍ଟନାୟକ**



ଥରେ ଖରାଛୁଟିରେ ମୋର ସ୍ୱାମୀ ପ୍ରବୁଦ୍ଧ ଝିଅ ପ୍ରଜ୍ଞା, ଶାଶୁ ଭାରତୀ ଓ ପୁଅ ବିବେକାନନ୍ଦ ମିଶି ଭାରତ ଭ୍ରମଣରେ ବାହାରିଲୁ। ରାଜସ୍ଥାନର ଜୟପୁର, ମଦୁରାଇର ମିନାକ୍ଷୀ, କାଶୀ ବିଶେଶ୍ୱର, ଜାମ୍ମୁ-କାଶ୍ମୀରର ବୈଷ୍ଣୋଦେବୀ ପ୍ରଭୃତି ସ୍ଥାନ ତୀର୍ଥସ୍ଥଳୀ ଦେଖି ଆମେ ମାନେ ଅଭିଭୂତ ହୋଇ ପଡ଼ିଥିଲୁ। ଭାରତର ପ୍ରତ୍ୟେକ ସ୍ଥାନ ଥିଲା ପବିତ୍ର ଓ ଗୋଟିଏ ଗୋଟିଏ ଫୁଲ ସଦୃଶ। ଲାଗୁଥିଲା ସତେ ଯେପରି ଭାରତର ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ସୂତାରେ ବନ୍ଧା ଏକ ବିରାଟ ଫୁଲହାର ଯାହାକି ଭାରତ ମାତାଙ୍କ ବକ୍ଷରେ ଶୋଭା ପାଉଛି। ଗଙ୍ଗା, ଯମୁନା, ସରସ୍ୱତୀ ପରି ପବିତ୍ର ନଦୀ ଯାହାକୁ ସମସ୍ତ ଭାରତୀୟ ପୂଜାର୍ଚ୍ଚନା କରନ୍ତି ସେଗୁଡ଼ିକ ଜଳ ଭାରତ ମାତାର ପାଦକୁ ଧୌତ କରୁଛି। ବିଭିନ୍ନ ଚିଡ଼ିଆଖାନା ଓ ଜଙ୍ଗଲରେ ଥିବା ପଶୁପକ୍ଷୀ ମାନଙ୍କୁ ଭାରତୀୟମାନେ ପୂଜା କରନ୍ତି। ଯଥା ଷଣ୍ଢକୁ ନନ୍ଦୀ ଭାବେ, ଗରୁଡ଼ ପକ୍ଷୀକୁ କୃଷ୍ଣଙ୍କ ବାହାନ ଭାବେ ପେଚାକୁ ଲକ୍ଷ୍ମୀଙ୍କ ବାହନ, ମୂଷାକୁ ଗଣେଶଙ୍କର, ମୟୂରକୁ କାର୍ତ୍ତିକେୟଙ୍କର ବାହାନ, ସିଂହକୁ ଦୁର୍ଗାଙ୍କର ବାହାନ ଓ ସର୍ପକୁ ଶିବଙ୍କର ଆଭୂଷଣ ଭାବେ ପୂଜା କରିଥାନ୍ତି। ସେହିପରି ଆମ୍ଭେମାନେ ଦେଖିଲୁ ହିମାଳୟ, ଗିରିଗୋବର୍ଦ୍ଧନ ପର୍ବତ, ବିନ୍ଧ୍ୟ ପର୍ବତକୁ ଭାରତୀୟମାନେ ପୂଜା କରନ୍। ବିବେକାନନ୍ଦ ଦେଖି ଖୁସି ହୋଇ କହିଲା 'ବାପା ଆମର କି ସୁନ୍ଦର ଦେଶ, ଯେଉଁଠାରେ ଜଳ, ସ୍ଥଳ, ବନ, ଗିରି, ଆକାଶ, ପଶୁପକ୍ଷୀ ସମସ୍ତେ ପୂଜ୍ୟ ଓ ପୂଜିତ।'

ମୁଁ ରାଜସ୍ଥାନୀ ଶାଢ଼ୀ, କାଞ୍ଜିଭରମ, ବିଷ୍ଣୁପୁରୀ ଶାଢ଼ୀ ସବୁ ଦେଖି ଇଚ୍ଛା ହେଉଥାଏ ପ୍ରତିମୁହୂର୍ତ୍ତରେ ଗୋଟିଏ ଗୋଟିଏ ବଦଳାଇ ପିନ୍ଧିବା ପାଇଁ ଅବଶ୍ୟ ଓଡ଼ିଶାର ସମ୍ବଲପୁରୀ ଶାଢ଼ୀ ମଧ ଅନ୍ୟଶାଢ଼ୀ ତୁଳନାରେ କିଛି କମ ନୁହେଁ। ସବୁଠାରୁ ଆନନ୍ଦର ବିଷୟ ଦେଖିଲି, ଜାତି, ଧର୍ମ, ବର୍ଣ୍ଣ, ରଙ୍ଗ ନିର୍ବିଶେଷରେ ଭାରତୀୟମାନେ ବିଭିନ୍ନ ପ୍ରକାରର ବସ୍ତ୍ର ଆଭୂଷଣ ପରିଧାନ କରି ଅପୂର୍ବ ଶୋଭା ବର୍ଦ୍ଧନ କରୁଛନ୍ତି। ଆମେ ଫେରୁଥିବା ସମୟରେ ନିର୍ବାଚନର ଉଷ୍ମତା ବଢ଼ି ଯାଇଥିଲା। କେତେକ ସ୍ଥାନରେ ଡାକବାଜି ଯନ୍ତ୍ର ଦ୍ୱାରା ଦୁଇ ତିନି ଦଳ ଲୋକ ଗୋଟିଏ ତିନିକୋଣିଆ ଛକରେ ବିଭିନ୍ନ ପ୍ରକାର ଡାକ ଦେଇଥିଲେ ଯଥା ଦଳେ କହୁଥାନ୍ତି ଜୟଶ୍ରୀରାମ। ଆଉ ଏକ ଦଳ କହୁଥାନ୍ତି ଜୟ ଶ୍ରୀରାମ ନୁହେଁ ଜୟ ମା'ଦୁର୍ଗା। ଆଉ ଏକ ଦଳ ଜୟଜଗନ୍ନାଥ କହୁଥାନ୍ତି। ଆଉ କେତେକ କହୁଥାନ୍ତି ଏସବୁ କିଛି ନୁହେଁ କୁହ ଜୟବଜରଙ୍ଗବାଲୀ। ରାସ୍ତାରେ ପ୍ରବଳ ଭିଡ଼ ଜମି ଥିବାରୁ ପ୍ରବୁଦ୍ଧ କହିଲେ ଚାଲ ଏ ଛକରୁ ପଳେଇ ଯିବା ନଚେତ ଯେ କୌଣସି ସମୟରେ ରାଜନୈତିକ ହିଂସା ଘଟିପାରେ। ଆମେ ଭାରତ ଭ୍ରମଣ ସାରି ଟ୍ରେନରେ ଫେରୁଥିବା ସମୟରେ ପ୍ରଜ୍ଞା ବାପାଙ୍କୁ ପଚାରିଲା ଆମ ଦେଶକୁ ଇଂରାଜୀରେ ଇଣ୍ଡିଆ କୁହାଯାଏ ଓ ହିନ୍ଦୀରେ ହିନ୍ଦୁସ୍ଥାନ କୁହାଯାଏ। ପ୍ରକୃତରେ ହିନ୍ଦୁସ୍ଥାନ ଶବ୍ଦର ଅର୍ଥ କ'ଣ? ପ୍ରବୁଦ୍ଧ ଇତିହାସର ଅଧ୍ୟାପକ ଥିଲେ। ବିଭିନ୍ନ ପ୍ରକାର ଆମୋଦ ପ୍ରମୋଦ ସହିତ ଟ୍ରେନରେ ସୁସ୍ୱାଦୁ ଖାଦ୍ୟ ଖାଉଥିବା ସମୟରେ ହିନ୍ଦୁସ୍ଥାନ ଶବ୍ଦର ଅର୍ଥ ବୁଝାଇ କହିଲେ, ସ୍ଥାନ ମାନେ ଏକ ଜାଗା। ହିନ୍ଦୁ ଶବ୍ଦକୁ ସେ ଭାଗ ଭାଗ କରିଦେଲେ ଓ କହିଲେ ହିନ୍ଦୁ - ହିନ୍ଦୁ। 'ହିନ୍ଦୁ' ଶବ୍ଦର ଅର୍ଥକୁ ଇତିହାସ। କୌଣସି ଦେଶର ଭାରତ ପରି ଇତିହାସ ନାହିଁ। ଯାହାକି ସର୍ବ ପୁରାତନ। ଏହା ରାମ, କୃଷ୍ଣ, ବୁଦ୍ଧ, ମହାବୀର, ଗୁରୁ ନାନକଙ୍କର ଜନ୍ମସ୍ଥାନ। ଏହା ହିଁ ଆମର ଇତିହାସ। ଏହା ଆମର କଳା, ସଂସ୍କୃତି ଅତ୍ୟନ୍ତ ପୁରାତନ। 'ଆଇ' ଶବ୍ଦକୁ ବୁଝାଇବାକୁ ଯାଇ କହିଲେ ବ୍ୟକ୍ତିତ୍ୱ। ତୁମେ ଦେଶର ଯେଉଁ କୋଣ ଅନୁକୋଣରେ ଥାଅନା କାହିଁକି ତୁମେ ତୁମର ବ୍ୟକ୍ତିତ୍ୱକୁ ବଜାୟ ରଖ। ଗର୍ବ ଅନୁଭବ କର ତୁମେ ବିଶାଳ ଦେଶର ଏକ ସ୍ୱତନ୍ତ୍ର ନାଗରିକ। ଏହା ନେତୃତ୍ୱକୁ ମଧ ବୁଝାଏ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱ ସାରା ପୃଥିବୀରେ ଆଦୃତ। 'ଏନ' ଶବ୍ଦକୁ ଯାଇ ବୁଝାଇବାକୁ କହିଲେ ଜାତୀୟତା। ବିଭିନ୍ନତାରେ ଭରା କାଶ୍ମୀର ଠାରୁ କନ୍ୟାକୁମାରୀ ଭାରତ ଏକ। ରହିବା, ଖାଇବା, ଚଳନୀ ବସ୍ତ୍ର ସବୁ ଅଲଗା ହୋଇପାରେ ମାତ୍ର ଆମେ ଏକ। ଜାତି, ବର୍ଣ୍ଣ, ରଙ୍ଗ, ଧର୍ମ ନିର୍ବିଶେଷରେ ମହାଭାରତ, ରାମାୟଣ, ଭଗବତ ଗୀତ ଅଦ୍ୱିତୀୟ ଓ ସର୍ବଜନପ୍ରିୟ। ଭାରତ ତାର ଜାତୀୟତା ବିଭିନ୍ନ ଯୁଦ୍ଧର ସମ୍ମୁଖୀନ ହୋଇଥିଲେ ମଧ ଏହାକୁ ବଜାୟ ରଖିଛି। 'ଡି' ଶବ୍ଦର ଅର୍ଥ ବୁଝାଇବାକୁ ଯାଇ କହିଲେ ଦୈବତ୍ୱ। ଭାରତର ନଦୀ, ପର୍ବତ, ପଶୁପକ୍ଷୀ ସମସ୍ତେ ପୂଜିତ। ପର୍ବତ ଉପରେ ଥିବା ତିରୁପତି ପୂଜା ପାଆନ୍ତି। ଦକ୍ଷିଣରେ ଶବରୀମାଳା ପର୍ବତ ମଧ ପୂଜା ପାଆନ୍ତି। ଭାରତୀୟମାନେ ଉଇହୁଙ୍କାରେ କ୍ଷୀର ଦେଇ ପୂଜା କରିଥାନ୍ତି। ଭାରତର ପ୍ରତ୍ୟେକ ମନୁଷ୍ୟ ଏକ ଏକ ଚାଲୁଥିବା ଭଗବାନ। 'ୟୁ' ଶବ୍ଦର ଅର୍ଥ ବୁଝାଇବାକୁ ଯାଇ କହିଲେ ଏକତ୍ୱ। ହାତ, ଗୋଡ଼, ପାଟି ଅଲଗା ହୋଇଥିଲେ ମଧ ମନୁଷତ୍ୱ ଏକ। ଆକାଶରେ ତାରକା ଅନେକ ଥିଲେ ମଧ ଆକାଶ ଏକ। ସେହିପରି ଭାରତରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅନେକ ଲୋକ ରହୁଥିଲେ ମଧ ଧର୍ମ ଏକ। ଭାରତ ସର୍ବ ଧର୍ମକୁ ସମ୍ମାନ ଦିଏ। ଭାରତରେ ଧର୍ମକୁ ନେଇ ବିଭାଜନ ସୃଷ୍ଟି କରାଯାଇ ପାରିବନାହିଁ। ଚଗଲି ପ୍ରଜ୍ଞା କହିଲା ବାପା ତୁମେ ଏତେ କଥା ଯଦି ଜାଣିଥିଲ ଆନ୍ଦୋଳନକାରୀଙ୍କୁ ତୁମେ ବୁଝାଇଲ ନାହିଁ କାହିଁକି ? ବାପା କହିଲେ ତୋ କଥା ଶୁଣିଥିଲେ 'ହାଟ ମଧ୍ୟେ ବ୍ରହ୍ମଜ୍ଞାନ' ହୋଇଯାଇଥାନ୍ତା।

♥ ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ-୧୦, କଟକ,
ମୋ : ୯୬୯୨୯୮୦୦୨୬






## ॥ କୃଷ୍ଣଚୂଡା ॥

**ସୁରେନ୍ଦ୍ର ପାଣିଗ୍ରାହୀ**

କୃଷ୍ଣଚୂଡାର କବରୀ ପାଶରେ କବଳିତ କିଆଁ ହେଲି
ଭାବିଭାବି ତା'ର ବାସ୍ନାରେ ବୁଡି ଭାବରେ ଭାସିଆସିଲି
କୃଷ୍ଣଚୂଡା ବି ରତି ଅରତିରେ ଆବୋରିନେଲା ମୋ ମନ
ହସିହସି ସିଏ ହାତଠାରି ଖାଲି ଡାକୁଥିଲା ଘନଘନ ।

ଧୀରେଧୀରେ ମୋତେ କାଉଁରି କରିଲା କୃଷ୍ଣଚୂଡାର ଆଶା
ଧୀରେଧୀରେ ମୋତେ ଘେରିନେଉଥିଲା ରଂଗୋଲିର ନାଲି ନିଶା
ଇସାରାରେ ମୋତେ ଈଷତ୍ ହସରେ ଇଂଗିତ କଲା ଯେବେ
ପ୍ରେମର ପଳାଶ ରଂଗରେ ରାତି ରଂଗିଣୀ ହୋଇଲା ତେବେ ।

ବିଶ୍ୱଭାରତୀର ଭାବ ବନସ୍ତରେ ଲଗେଇଥିଲା ସେ ନିଆଁ
ବାଣୀବିହାରର ବାଉଳା ବୟସେ କରିଲା କେତେ କିମିଆଁ
ରୂପାଲି ଛକରେ ଦେଖି ଭୁଲିଗଲି ରଂଗ ଯେତେ ଦୁନିଆଁରେ
ନଂଦନକାନନେ ଚୋରାଚାହାଣିର ଅସୁମାରି ଆଇନାରେ ।

ମାଗିଥିଲି ତାକୁ ଭଲପାଇବାର ଭିଜା ଭିଜା ମନଟିଏ
ଦେଇଗଲା ଦିନେ ଦୁଖର ଦରିଆ ଛାତିର ଛ'ମାଣେ ହାଏ ।

♥ ବରି,ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪

## ॥ ଗାଁର ତିନିଟି ଦୃଶ୍ୟ ॥



**କିଶୋର ପାଣିଗ୍ରାହୀ**

### ॥ ବେଙ୍ଗଳା ॥

ମେରିଖୁଣ୍ଟରେ
ଗୋଟେ ଦଉଡ଼ିକୁ ଚାରିପଘା ଛନ୍ଦା,
ଚାରିପଘାକୁ ତୁଣ୍ଡିଲଗା ଛ'ଟା ବଳଦ ବନ୍ଧା।
ପଛରୁ ପଡୁଚି କୁହାଟ,
ପିଠି ଉପରେ ଉଞ୍ଚେଇହେଇ ବୁଲୁଚି
ଗୋଟେ ଛାଟ।
ଚାଲିଚି ବେଙ୍ଗଳା,
ଅମଳ ହୋଉଚି କାଲିକା କ୍ଷେତକୁ ବିହନ,
ଆଜିର ଭୋକକୁ ଦାନା।

### ॥ ଗଣ୍ଡି ॥

ଯୋଉ ତୁଠକୁ
ତେଲ କି ହଳଦୀ ଗିନା ଜମାରୁ ଯାଏନା,
ଭୁଆସୁଣୀ ସିନାନ ଶଉଚ ମନା,
ଚାନ୍ଦ ବନ୍ଦାପନା, କଳସ ବୁଡ଼ିବା ମନା,
ସେଇ ବେଘାଟରେ,
ବେଘାଟିରେ ହାମୁଡ଼ି
ପିଠି ପତେଇ ପଡ଼ିଚି ଗଣ୍ଡିଟି ବିଚରା ।

ସୋଡ଼ାରେ ସିଝେଇ
ତା ପିଠିରେ ହରଦମ୍ ପିଟାଚାଲେ
ମାସିକିଆ ଅଶଉଚ ଲୁଗା,
ସୁତୁରା ହୁଏ ମଳିମୂତୁରା,
ଛୁଅଁତା ଛାଡ଼େ ଛୁତିକା, ମୃତିକା କନ୍ଥା,
କତରା;
ଜାଣିଚନା
ଧୋବାଗଣ୍ଡି ଛୁଇଁବାକୁ ମନା
ଧୋବାଘାଟରେ ମୁହଁଧୁଆ ମନା ?

### ॥ ବନିଶି ॥

ନଇ ଅତଡ଼ାରୁ ନହକୁଚି ନଗି,
ମେରୁଦଣ୍ଡରେ କଣ୍ଟା ଫୋଡ଼ି,
ପାଣିଛାତି ଚିର୍କେଇ
ଚେଙ୍ଗ ଆଜି ଜିଅଳ ବନିଚି;
ବାଲିଙ୍ଗି କଲେଣି
ପାଖ ମାଡୁନଥିବା ଜହ୍ଲା, ଦଣ୍ଡିକିରି;
ଓଃ, ଫୁଲଫୁଟିଙ୍କର କି ଟିଟିକାରି !

ଦିହଛପା ଦେଇ ଛକିଚି
ଗହୀର ଜଳର ଭୋକ,
ବଡ଼ ଆଁ, ବଡ଼ବଡ଼ ଦାନ୍ତ,
ଝମ୍ପ ମାରିବାକୁ ଟାକିଚି ସୁଯୋଗ।

ଏଣେ ଦେଖ,
କିଏ ଜଣେ ପଠାରୁ ଡୋର ଲମ୍ବେଇଚି,
ଶୁଖିଲାକୁ ନେଇଯିବ ଝିଙ୍କି।

♥ ବିରୁହାଁ, ଜାହାଙ୍ଗୀର,ଭଦ୍ରକ
(ମୋ) ୭୦୦୮୧୧୭୯୬୪

## ॥ କଳ୍ପନାର ବାଲିଘର ॥

**ଡ. ଶ୍ରୀଧର ସାମଲ**



ମୋ ନିରୀହପଣକୁ
କେଉଁ ଆଧାର ଓ ମାନଦଣ୍ଡରେ
ତୃଷିତର ଆଖ୍ୟାଦେଇ
ନିଷ୍ପତ୍ତି ନେଇଗଲ,
ମୁଁ ନଇଁପଡିବା ବେଳେ
ମୋ ଅନ୍ୟମନସ୍କତାର ସୁଯୋଗରେ
ସ୍ଥିର କରିନେଲ
ଏକତରଫା ନ୍ୟାୟରେ
ଅସ୍ତିତ୍ୱ ଉପରେ ଟାଣିଦେଲ
ଲମ୍ବା ପ୍ରଶ୍ନଚିହ୍ନ,
ଯାହାକୁ ଲିଭେଇବାକୁ
ଲାଗିଗଲା ତମାମ ଜୀବନ
ତଥାପି ବି ଅସମାହିତ ରହିଗଲା ପ୍ରଶ୍ନ ।

କେବେ ପଚାରିଛ
ମୁଣ୍ଡ ଉପରେ ନଇଁପଡିଥିବା ମେଘକୁ
କେଉଁ ବ୍ୟାକୁଳତାରେ
ସେ ହାତ ବଢେଇଦିଏ,
ଛୁଇଁବାକୁ ପୃଥିବୀକୁ
ବିନାସର୍ତ୍ତେ ଆଚ୍ଛନ୍ନ କରିଯାଏ
ସାରା ଆକାଶକୁ...

ଲୋଟିଯାଏ ନିର୍ଲିପ୍ତପଣରେ,
କେଉଁ ବିଶ୍ୱାସରେ ସମର୍ପିଦିଏ ନିଜକୁ...
ସବୁ ବାଧାବିଘ୍ନକୁ ଅତିକ୍ରମ କରି
କାହିଁ, ନଥାଏ ତ କିଛି ବାଛବିଚାର
କି ନିବିଡତାରେ ଫରକ୍ !

ଜହ୍ନକୁ ପଚାର...
ସେ କିମିତି ନଇଁପଡେ ସଂଜବେଳେ
ପାହାଡ ଫାଙ୍କରେ,
ଝାଟିମାଟି ଚାଳଘର ଅଗଣା ମଝିରେ,
ନଇକୂଳିଆ ପଠାରେ,
ଗାଁ ମୁଣ୍ଡ ପୋଖରୀ ତୁଠରେ;

ସେ ଆସିଲେ କିମିତି
ଅନ୍ଧାର ଲୁଚିଯାଏ ଗାଁ କିଆବୁଦା ମୂଳେ
କିଛି ତ ନଥାଏ ବାଛବିଚାର !

ଆକାଶକୁ ପଚାର
ସେ କାହିଁକି ନିର୍ବିକାର
କୋଟି କୋଟି ତାରାଙ୍କ ଗହଣେ
କେବେ ଛିଡି ପଡେନିତ ମୁଣ୍ଡ ଉପରେ
କେବେ ହୁଏନି ତ ବିଚଳିତ
ତା' ଅସ୍ତିତ୍ୱରେ ଲାଗେନା ତ ଦାଗ
ପୂର୍ବପର ସ୍ଥିତିରେ ?

କିଛି ତ ଆସେନି ଫରକ
ତା' ମହାନତାରେ ?
କାହିଁ ଲାଗେନା ତ କଳଙ୍କର ଚିହ୍ନ
ତା' ସତୀତ୍ୱ ଉପରେ !!

♥ ସଂପାଦକ, ମୌସୁମୀ ସାହିତ୍ୟ
ପରିଷଦ, କେନ୍ଦ୍ରାପଡା
(ମୋ)୯୪୩୭୬୦୭୯୯୭

## ॥ ବାଇଝାଲୀ ଚଇତି ॥



**ଅଶ୍ୱିନୀ ଦାଶ**

ବାଇଝାଲି ଚଇତି
ଦିହକୁ ମାଉଁସ ଲାଗିଲା ବେଳକୁ
ଲୁମ କନ୍ଦିରେ ଖୁନ୍ଦି ମରେ ତ
ସ୍ୱପ୍ନ ଉଜାଗର ମନଉଥାଏ
ବଣ ପଦର ଡୁଙ୍ଗୁରି ପାଲୀ ସାଇରେ ।

କେବେକେବେ ମାଟି ଘୋଡ଼ା- ସିନ୍ଦୂରଚଢ଼ା
ତରାଟ ଆଖିରେ କୁହାଟ ଛାଡ଼େ ମନ୍‌ସା ତ
ପଳାସ ଫୁଲ ଡାଳିମାରେ
ଝୁଲଣ ଝୁଲେ ବନଦେବୀ
ତୂରୀ ମହୁରୀ ଘଣ୍ଟା ମାଦଳ ଖଇ ମୁଆଁରେ
ଢ଼କ୍‌ଢ଼କ୍ ଧୂଆଁ- ଗିଳେ ତ ଦେହୁରୀକୁ ଦାସୀ ଆସେ
ବଣପଡ଼ା ଗାଁ ଗୋଟାକରୁ
ହାଟଫୁଟି ଝାଡ଼ାବାନ୍ତିର ସଲମରେ ।

ପାଦକୁ ପାଉଁଜି ଅଣ୍ଟାକୁ ଘାଗିରି ବେଢ଼େଇ
ସିଆଡ଼ୀ ନଟା ଦେବୀ ଇଜିଲାସ ଗୁମୁରୁଥାଏ
ହାତକୁ ଦି'ହାତ- ମନାସ ମୁଦାରେ
କର୍ଣ୍ଣ କୁହାଟ ଉଚ୍ଛୁଳୁଥାଏ...

ତେଣେ, ପଥର ଛାତିରେ ଟାଙ୍ଗିଆ ପଜେଇ
ଚିଲଉଥାଏ ବା'
ବାରବୁଲୀ ଚଇତି କୋଉଠି ଥାଏ କେଜାଣି
କାଳିଆ ବଳଦ କାଖ କୁତୁକୁତୁ କଲାପରି
ସୁଲୁସୁଲୁ ସାଜରେ ସଜେଇ ଦିଏ ମାଦଳନାଟ...
ସଲପ ଝୁମାରେ ଝୁମିଝୁମି
ଫଗୁଣ ଫୁଲ-ଗେଣ୍ଡୁ-ମକରନ୍ଦ ଚୁଷୁଥାଏ ତ
ବାଇଝାଲୀ ଚଇତି ବୋଲି
ଡୁଙ୍ଗି ଡାଙ୍ଗର୍ ଚମକୁ ଥାଏ ଧୁବ୍ ଫର୍ ଫର୍
ଜହ୍ନ- ଯଉବନ- ଝାଉଁଆରେ...

♥ ସିଦ୍ଧେଶ୍ୱର କଲୋନୀ, ରେମୁଣା ଗୋଲେଇ
ବାଲେଶ୍ୱର-୧୯
ମୋ: ୯୮୬୧୭୬୭୮୦୪

# ଭାଷାର ଅଭିବୃଦ୍ଧି ଓ ପ୍ରଯୁକ୍ତି ବିଦ୍ୟା; ଏଇ ଦୁଇଟି ମାଧ୍ୟମରେ ସାହିତ୍ୟର ପ୍ରସାର ହୋଇପାରିବ : ରକ୍ଷକ ନାୟକ

**ରକ୍ଷକ ନାୟକ**
ଓଡଆ କାବ୍ୟ କବିତା ଜଗତରେ ଗୋଟେ ସ୍ୱଷ୍ଟ ପଦଚିହ୍ନ । କବିତାକୁ ଗଳ୍ପ ଭଳି ଲେଖିବାର ସ୍ୱର୍ଦ୍ଧା ରଖୁଥିବା କବି ରକ୍ଷକଙ୍କ କବିତାର ଶବ୍ଦ ସଂଯୋଜନାରୁ ବାରିହୁଏ ତାଙ୍କ ନିପୁଣତା । ନିଛକ ଚଳମାନ ଜୀବନର ଛବିକୁ ସେ ରୂପ ଦେଇପାରନ୍ତି ତାଙ୍କ କବିତାରେ । କେବେ ଅସରାଏ ବର୍ଷା ପରି ତ କେବେ ଓଦାମାଟିର ବାସ୍ନା ପରି ମିଠା ଲାଗେ ତାଙ୍କ କବିତାର ସ୍ୱର । କେବେ ଧୂସର ଆକାଶର ମାୟା ପରି ତ କେବେ ଅରୁନ୍ଧତୀର ଛାୟା ପରି ଆବୋରି ବସେ ତାଙ୍କ କବିତା । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୁଁ ବାଛିନି, ଆପେ ଆପେ ଆସିଛି। କବିତା କ'ଣ ଜାଣିବା ପୂର୍ବରୁ ମୁଁ କବିତା ଲେଖା ଆରମ୍ଭ କରିସାରିଥିଲି। ପରେ କବିତା କ'ଣ ଜାଣିଲି। ପରେ ଅନ୍ୟ ବିଭାଗ ବିଷୟରେ ଧାରଣା ହେଲା। ତେବେ କବିତା ମୋ ପାଇଁ ସହଜ। କବିତାରେ ମୁଁ ସ୍ୱଚ୍ଛନ୍ଦ। ତେଣୁ କବିତାରେ ରହିଲି। ଗପ କି ପ୍ରବନ୍ଧ ଲେଖିନି ବୋଲି ନୁହେଁ। ମତେ ଲାଗେ ସେସବୁକୁ ମତେ କଷ୍ଟକରି ଲେଖିବାକୁ ପଡ଼େ। କବିତା ଭଳି ବହିଯାଏନି। ଏବେ ତ ଲାଗୁଛି; ସବୁ କବିତା। ବିଭିନ୍ନ ବିଭାଗ ତା'ର ଭିନ୍ନ ଭିନ୍ନ ରୂପ। ଯାହା କହିବାକୁ ଚାହିଁଛି, କବିତାରେ କହିପାରୁଛି।

ମୋର ପିଲାବେଳ କଟିଛି ଗାଁରେ। କାକଟପୁର-କୋଣାର୍କ ମଝିରେ ଗୋଟେ ଗାଁ। ପାଇକସାହି। ପିଲାବେଳେ ମୁଁ ଭାରି ଲାଜକୁଳା ଥିଲି। ପୋତାମୁହାଁ। କାହା ସହ ମିଶି ପାରୁନଥିଲି। ମନ କଥା କହିପାରୁନଥିଲି। ଗାଁର ପ୍ରାକୃତିକ ପରିବେଶ, ସାମାଜିକ ଓ ସାଂସ୍କୃତିକ ପରିବେଶ ମତେ ଭଲ ଲାଗେ। ମାୟାମୟ। ମୁଁ ପ୍ରଭାବିତ ହୁଏ। ମତେ ଅନ୍ୟମନସ୍କ କରାଏ। କ'ଣ କ'ଣ ସବୁ ଭାବେ। ମୋ ଭାବନା କବିତା ହେଇଗଲା। ସେତେବେଳେ ମୁଁ ଲୁଚେଇକି ଲେଖେ; ନିଜେ ପଢେ। କାହାକୁ ପଢିବାକୁ ଦେବାକୁ ଲାଜ ଲାଗେ। ଡର ବି ଲାଗେ। ମୋଟାମୋଟି ଭାବରେ ମୋର ଏକାନ୍ତ ବ୍ୟକ୍ତିଗତ, ଗୁପ୍ତ କାରବାର। କ'ଣ ଗୋଟେ ଲେଖି ପକେଇଲେ, ଦିବ୍ୟ ଆନନ୍ଦ ମିଳେ। ଗଡ଼ ଜିଣିଲା ଭଳି ଲାଗେ। କ'ଣ ଗୋଟେ ବଡ କାମଟେ କଲା ଭଳି ଲାଗେ। ଅନ୍ୟମାନଙ୍କଠୁ ନିଜକୁ ଗୁରୁତ୍ୱପୂର୍ଣ୍ଣ ଓ ଭିନ୍ନ ଲାଗେ; ତେଣୁ କବିତା। ଏମିତି ହେଇଥିଲା ଆଦ୍ୟସ୍ଫୁରଣ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ପ୍ରଥମରୁ ପ୍ରେରଣା ମିଳିଥିଲା ମୋ ପରିବେଶରୁ ଏବଂ ମୋ ଭିତରୁ। ଆଦ୍ୟ ପର୍ଯ୍ୟାୟରେ ମୁଁ ଲେଖେ, ମୁଁ ହିଁ ପଢେ। ଲେଖିବାର ଯେଉଁ ଆନନ୍ଦ, ତୃପ୍ତି ମତେ ଟାଣିରଖେ, ପ୍ରେରିତ କରେ ତାହା ଅବର୍ଣ୍ଣନୀୟ। ପ୍ରଥମେ କ'ଣ ଲେଖୁଚି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା। ମୂଳ କଥା ହେଲା ମୁଁ ଲେଖିପାରିଛି। ଏହି ଉପଲବ୍ଧି ପ୍ରକାରାନ୍ତରେ ମୋର ପ୍ରେରଣା। ମୁଁ ପରେ ଯେତେବେଳେ କଲେଜକୁ ଆସିଲି, ମୋ କବିତା ଅନ୍ୟମାନଙ୍କୁ ପଢିବାକୁ ଦେଲି। ସାଙ୍ଗମାନଙ୍କୁ । ସେମାନେ ଖୁସି ହେଲେ। ତାଙ୍କ ଖୁସି ମୋ ପାଇଁ ପ୍ରେରଣା। ଏମିତି ପ୍ରେରଣାର ପରିସର ବଢି ବଢି ଚାଲିଛି। କେହି ନିର୍ଦ୍ଦିଷ୍ଟ ଆଦ୍ୟଗୁରୁ ନାହାନ୍ତି। ଯାହାଙ୍କୁ ପଢିଲି, ଶିଖିଲି, ବଢିଲି; ସେମାନେ ମୋର ଗୁରୁ ହେଇଗଲେ। କହିବାକୁ ଗଲେ ମୋର ଗୁରୁଙ୍କ ସଂଖ୍ୟା ଅଗଣନ। ମୋଠୁ ସାତସାନ ପିଲାର ଲେଖା ମତେ ଛୁଇଁଲେ ସେ ମତେ ଗୁରୁ ଭଳି ଲାଗେ। ତେବେ ପ୍ରତ୍ୟକ୍ଷ ଭାବରେ କମ୍, ପରୋକ୍ଷରେ ବେଶୀ; ସଚ୍ଚି ରାଉତରାୟଙ୍କଠୁ ବହୁତ ଜ୍ଞାନ ପାଇଛି। ତାଙ୍କୁ ଘଂଟା ଘଂଟା ଶୁଣିଛି।



ମା'ଙ୍କ ସହ କବି...

■ ଅଳ୍ପରେ ରକ୍ଷକ ନାୟକ

ଜନ୍ମ : ୧୮ ଅଗଷ୍ଟ, ୧୯୬୩
ପିତା- ୰ରସାନନ୍ଦ ନାୟକ
ମାତା- ପାବର୍ତୀ ନାୟକ
ସ୍ଥାୟୀ ଠିକଣା : ପାଇକ ସାହି, ସୋରଭା, ନୟାହାଟ, ପୁରୀ-୭୫୨୧୦୭
ବର୍ତ୍ତମାନ ଠିକଣା : ଡ଼ି-୧, ରାଜଭବନ କଲୋନୀ, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୦୮
(ମୋ) ୯୪୩୭୧୭୧୪୪୦
ବୃତ୍ତି : ଓଡ଼ିଶା ସୂଚନା ସେବା, ଓଡ଼ିଶା ସରକାର (ଅବସରପ୍ରାପ୍ତ)
ସଂପ୍ରତି ନିର୍ଦ୍ଦେଶକ (ଓଡ଼ିଆ ଭାଷା ଓ ସଂସ୍କୃତି), କିଟ୍ ବିଶ୍ୱବିଦ୍ୟାଳୟ/ କିଟ୍ ଅନୁଷ୍ଠାନ ସମୂହ, ଭୁବେନଶ୍ୱର

■ ପ୍ରକାଶିତ ପୁସ୍ତକ ■ :

କବିତା
୧. ଊର୍ଦ୍ଧ୍ୱ ଉଡ଼ାଣ (୨୦୦୦) କବିତା
୨. ବ୍ରହ୍ମଶିଳା (୨୦୦୩) କବିତା
୩. ବୀଜ ବିକ୍ଷେପ (୨୦୦୭) କବିତା
୪. ଅସରନ୍ତି ଅନ୍ତାକ୍ଷରୀ (୨୦୧୧) କବିତା
୫. ଆଉ ସବୁ ସାକ୍ଷାତରେ (୨୦୧୪) କବିତା
୬. ଅନ୍ୱେଷା ଅହର୍ନିଶ (୨୦୧୫) କବିତା
୭. ଅର୍ଗଳ ଅନର୍ଗଳ (୨୦୧୭) କବିତା
୮. ଶେଷହୀନ ସଂତରଣ (୨୦୧୯) କବିତା
୯. ଅମିତ୍ର ଅନ୍ଧାର (୨୦୧୯) କବିତା
୧୦. ବିମ୍ବସ୍ନାନ (୨୦୨୦) କବିତା
୧୧. ଘରକୁ ଫେରିବାକୁ ଡର (୨୦୨୧) କବିତା
୧୨. ନାନାଦି ନିରବତା, (୨୦୨୨)କବିତା
୧୩. କେତେବେଳେ କୋଉକଥା (୨୦୨୩) ଗଳ୍ପ ସଂକଳନ
୧୪. କହିଲେ ନସରେ (୨୦୨୪) କବିତା,
୧୫. ସବ ବନ୍ଦରଗାହୋଁ ମେ ସ୍ୱାଗତମ୍ (୨୦୧୭) ହିନ୍ଦୀ ଅନୁବାଦ (ଡ଼.ଶଙ୍କର ଲାଲ ପୁରୋହିତ) କବିତା



■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ଆଗରୁ କହିଛି ପ୍ରଥମ ପ୍ରବେଶର କଥା। ଆନନ୍ଦ ଓ ଆଶ୍ଚର୍ଯ୍ୟ। ଉଭୟର ଅନୁଭୂତି ଅନନ୍ୟ। ନିଜକୁ ସଂପ୍ରସାରିତ କରିବା, ସାରା ଜଗତରେ ଖେଳେଇ ହେଇଯିବାର; ପୁଣି ଗୋଟେ ବିନ୍ଦୁରେ ମୋକ୍ଷ ପାଇଯିବାର ଭାବ। ବିଭୋର। ମୁଁ କ'ଣ ଆଗରୁ ଜାଣିଥିଲି । ମୋର ନିଜସ୍ୱ ଯାତ୍ରା, ସାହିତ୍ୟ ଜଗତରେ ଯାତ୍ରା ବୋଲି। ଅବଶ୍ୟ ପରେ ଜାଣିଲି। ମୂଳ ଲକ୍ଷ୍ୟ ଓ ଆଦର୍ଶ ହେଲା; ମୋର କିଛି କହିବାର ଅଛି। ମୋ ସମୟକୁ କିଛି ଶୁଣାଇବାର ଅଛି। ଏହା ବାଦ୍, ଯାତ୍ରା ପଥରେ ଛୋଟ ଛୋଟ ଲକ୍ଷ୍ୟ, ଆଦର୍ଶ ଯୋଡି ହେଉଛି। ପୁଣି ଯାଉଛି। ନୂଆ ଆସୁଛି। ବଦଳି ଚାଲିଛି । ଯାତ୍ରା କିନ୍ତୁ ଅବ୍ୟାହତ। ଯାତ୍ରା ହିଁ ଏକମାତ୍ର ସ୍ଥିର ସତ୍ୟ।

■ ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେ ହୁଏ, କ'ଣ କହିବେ ?

■■ ଏକମତ। ସ୍ରଷ୍ଟା ଚିର ଉଦାର। ଆକାଶ ଭଳି, ସମୁଦ୍ରଭଳି। ସୃଜନଶୀଳତା ଓ ଉଦାରତା ପାଖାପାଖି ଶବ୍ଦ, ଅର୍ଥରେ। ଯେଉଁଠି ଅଭାବ ଅନୁଭୂତ ହେଉଛି, ସେଠି ସୃଜନଶୀଳତାରେ ନିଶ୍ଚୟ ଖଇଚା ଅଛି।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ହଁ, ଆମ ମାତୃଭାଷା ଏବେ ସଂକଟରେ। ଘୋର ସଂକଟରେ। ସଂକଟ ମୋଚନର ବିବିଧ ମାର୍ଗ ରହିଛି। ସାହିତ୍ୟର ଭୂମିକା ସୀମିତ। ମୁଁ ଭାବୁଛି, ସାହିତ୍ୟ ସେ ଭୂମିକା ନିର୍ବାହ କରୁଛି।

■ କବି ହେବା ପଛରେ ସାମାଜିକ ପରିଚୟ ବା ସ୍ୱୀକୃତି ବ୍ୟତୀତ ଆଉ ସବୁ କ'ଣ କାରଣ ଥାଏ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସଂଭବ କି ?

■■ ଆମେ ସାମାଜିକ ପ୍ରାଣୀ। ସାମାଜିକ ପରିଚୟ ବା ସ୍ୱୀକୃତି ନିହାତି ଦରକାର। କବି ହେଇ ଯଦି ମିଳିପାରୁଛି, ଭଲ କଥା। ତେବେ କବିତାର ବଡ ଗୁଣ ହେଲା ଆତ୍ମ ପରିଚୟ। ନିଜ ସହ ନିଜର ପରିଚୟ କରାଏ କବିତା। ଏଇଟା ପ୍ରଥମେ ହେବା ଦରକାର। ତା'ପରେ ଆଉ କିଛି। କବିତାରେ କାହାର ମାନସିକତା ପରିବର୍ତ୍ତନ ସଂଭବ। କବିତା ବସ୍ତୁତଃ ମାନସ ବ୍ୟାପାର। ତେଣୁ ସଂଭବ ହେବନି କେମିତି ! ତେବେ କବିତାର ସେଭଳି ଶକ୍ତି ଓ ସାମର୍ଥ୍ୟ ଥିବା ଦରକାର। ଦସ୍ୟୁକୁ ନିଜ ହୃଦୟରେ ଥିବା ଦେବତାକୁ ଚିହ୍ନାଇହେବ।

■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚିପାରିବ ?

■■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ବହୁତ ଆଶାବାଦୀ। ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉଜ୍ଜଳ। ତେବେ ସାହିତ୍ୟର ଆଧାର ଭାଷାକୁ ବଢେଇବାକୁ ପଡିବ। ଓଡିଆ ଭାଷାର ପ୍ରସାର ଘଟେଇବାକୁ ପଡିବ। ଲୋକଙ୍କର ଭାଷାପ୍ରୀତି ରହିଲେ ସିନା ସାହିତ୍ୟ ପଢିବେ ! ସାହିତ୍ୟ ତାଙ୍କ ପାଖରେ ପହଂଚିଲେ ଆଦର କରିବେ। ଏବେ ଆମ ପାଖରେ ପ୍ରଯୁକ୍ତି ବିଦ୍ୟା ଉପଲବ୍ଧ। ସାହିତ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇବାକୁ ବ୍ୟାପକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦରକାର। ଭାଷାର ଅଭିବୃଦ୍ଧି ଓ ପ୍ରଯୁକ୍ତି ବିଦ୍ୟା: ଏଇ ଦୁଇଟି ମାଧ୍ୟମରେ ସାହିତ୍ୟର ପ୍ରସାର ହୋଇପାରିବ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ଅଛି। ପୁରସ୍କାର / ପ୍ରଶଂସା କାହାକୁ ଭଲ ଲାଗେନି ! କିନ୍ତୁ ଏହା ଆପେ ଆପେ ଆସିଲେ, ତା'ର ମଜା ନିଆରା। ନିଜେ ଫୁଲମାଳ କିଣି, ନିଜ ବେକରେ ପକାଇଲେ, ଅପରାଧ / ପାପ ଭଳି ଲାଗେ। ବାର୍ତ୍ତା ? ହଁ, ଏବେ ଭାବୁଛି, ଗୋଟେ ବାର୍ତ୍ତା ଯାଉ। "ମୁଁ ତୁମ ଭିତରେ ମୋ ଭଳି, ତୁମେ ମୋ ଭିତରେ ତମ ଭଳି ରୁହ।" ❤❤



ସୁଖୀ ପରିବାର : ପ୍ରାଣପ୍ରିୟା ପତ୍ନୀ, ପୁତ୍ର ଓ କନ୍ୟାଙ୍କ ଗହଣରେ କବି ରକ୍ଷକ ନାୟକ ...



ସମ୍ବର୍ଦ୍ଧିତ ହେବାର ବିରଳ ମୁହୂର୍ତ୍ତ ।

## ନିୟତିର ଚକ୍ର ନିତ୍ୟ ଭ୍ରାମ୍ୟମାଣ



ଅନୁପମା ଭୂୟାଁ


ଚିନ୍ତନ

'ଦୁଃଖ ସୁଖ ମିଶାମିଶି ଏ ବିଶ୍ୱ ସଂସାରେ, କିଏ କେଉଁଠାରେ ବେଶୀ ଭାଗ୍ୟ ଅନୁସାରେ' - ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଏହି କାଳଜୟୀ ଓ ଚେତନାଦାୟୀ ଧାଡ଼ିଟି ମନେପଡ଼ି ଯାଉଛି। ସୁଦୂର ଝାଡ଼ଖଣ୍ଡରୁ ସପରିବାର ଓ ଅନ୍ୟ ଏକ ପରିବାରର ଦୁଇଜଣ ସର୍ବମୋଟ ଛଅଜଣ ଲୋକଙ୍କର ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଛି। ତେବେ ଏହି ହତଭାଗ୍ୟ ଯାତ୍ରୀମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଭିମୁଖେ ପୁରୀ ଆସିଥିଲେ। ମହାପ୍ରଭୁଙ୍କୁ ଦେଖିବା ପୂର୍ବରୁ ସେମାନଙ୍କ ଦୁଇଟି ପରିବାର ସମୂଳ ଧ୍ୱଂସ ହୋଇଗଲା। ଦୁର୍ଘଟଣା ସ୍ଥଳ ଓଡ଼ିଶାର ଧର୍ମଶାଳା, ସମସ୍ତେ ପରଲୋକ ପ୍ରାପ୍ତ ହୋଇଥିବାରୁ ସ୍ଥାନୀୟ ଲୋକ ହିଁ ପୋଲିସ ଓ ମୃତକଙ୍କ ମୋବାଇଲ ଫୋନରୁ ସୂଚନା ସଂଗ୍ରହ କରି ସେମାନଙ୍କ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ଜନ୍ମ କେଉଁଠି ? ଆଉ ଜୀବନ ଦୀପ ଅକାଳରେ ନିର୍ବାପିତ ହୋଇଗଲା ମଧ କେଉଁଠି ? ଠିକ୍ ଦୁଇମାସ ତଳେ ସେହିପରି ଏକ ଛାତିଥରା ଘଟଣା ପଡ଼ିଥିଲି। ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଯାଉଥିବା ଯାତ୍ରୀଙ୍କ ଭିତରୁ ସାତଟି ପରିବାରର କେହି ରହିପାରିଲେ ନାହିଁ। ସ୍ୱଭାବିକ ଭାବେ ଏକ କୋହଭରା ପ୍ରଶ୍ନଟି ଉଠେ ଭଗବାନଙ୍କୁ ଦର୍ଶନ କରିବା ପାଇଁ ଆସୁଥିବା ଲୋକମାନେ ଭଗବାନଙ୍କ ପାଖ ପର୍ଯ୍ୟନ୍ତ ପହଞ୍ଚି ପାରିନଥାନ୍ତି କାହିଁକି ? ଏମିତିରେ ତ ବର୍ଷ ତମାମ ପୁରୀ ଅଭିମୁଖେ ଅନେକ ଗାଡ଼ି ଦୁର୍ଘଟଣାର ମୃତାହତ ଖବର ଦେଖୁ। କିନ୍ତୁ ଭାଗ୍ୟଚକ୍ର କଥା ଟିକିଏ ଚିନ୍ତା କଲେ ହା ହୁତାଶ ଭରା ଅନେକ ପ୍ରଶ୍ନ ଉଠିଥାଏ। ମଣିଷ ରକ୍ତମାଂସର ଶରୀର ପାଇଛି ଅର୍ଥ ସେ ବେଦରଦୀ ହୋଇପାରେ। କାହାର ପକ୍ଷ ନେଇ ନିରପେକ୍ଷ ନହୋଇପାରିଥାଏ ହୁଏତ ନିଷ୍ଠୁର କେତେବେଳେ କୌଣସି ଦୁର୍ଭାଗ୍ୟଜନକ ଭାବେ ହୋଇପାରେ କିନ୍ତୁ ନିଜକୁ ସମର୍ପି ଈଶ୍ୱର ପ୍ରାଣ ହେବାକୁ ଯାଉଥିବା ଲୋକମାନଙ୍କର ଏପରି ଅକାଳ ପରଲୋକ କାହିଁକି ହୋଇଯାଏ ? ଜୀବନ ଅଛି ତ ମୃତ୍ୟୁ ନିଶ୍ଚିନ୍ତ। ତେବେ ସେ ସବୁ ଭିତରେ ନିୟମିତ ଘଟଣା ଗୁଡ଼ିକ ମାନସପଟ୍ଟକୁ କିଛି ଦିନ ଭାରାକ୍ରାନ୍ତ କରିଥାଏ।

ସୋସିଆଲ ମିଡ଼ିଆରେ ଏକ ମନ୍ତବ୍ୟ ମୋର ଦୃଷ୍ଟି ଆକର୍ଷଣ କରିଥିଲା। ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଯାଉଥିଲେ ନିର୍ମାଲ୍ୟ ଟିକିଏ ପାଇ ଜୀବନକୁ ଧନ୍ୟ କରିବା ଅଭିମୁଖେ ଲୋକମାନଙ୍କର ଅକାଳରେ ଜୀବନ ଦୀପ ଅଧା ରାସ୍ତାରେ ଚାଲିଯାଏ କିପରି ? ଯେଉଁ ମହାପ୍ରଭୁଙ୍କୁ ଦେଖିବା ପାଇଁ ଯାଇଥିଲେ ସେ କ'ଣ ରକ୍ଷା କରିପାରିଲେ ନି ? କେତେ ନିର୍ଦ୍ଦୟ କିପରି ହୋଇଗଲା ନିୟତି ଯେ ଗୋଟିଏ ଗୋଟିଏ ପରିବାର ସମୂଳ ଉଚ୍ଛନ୍ନ ହୋଇଯାଏ। ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କ ଶୋକାକୁଳ ପରିସ୍ଥିତି ଦେଖଣାହାରୀ ମାନଙ୍କୁ ବିଚଳିତ କରିପକାଏ। ମନରେ ସ୍ୱତଃ ପ୍ରଶ୍ନ ଉଠେ ଦିନ ଦି ପ୍ରହରରେ ଅନ୍ୟକୁ ଜଘନ୍ୟ ହତ୍ୟାକରି ଫେରାର ହୋଇଯାଉଥିବା ଅପରାଧୀ ମାନଙ୍କର କେଉଁଠି ତ ଦୁର୍ଘଟଣା ହୋଇନଥାଏ କାଁ ଭାଁ ଘଟଣା ଦେଖିବାକୁ ମିଳେ ଠିକ୍ ସେହିପରି ଚିନ୍ତା କରନ୍ତୁ ମୁହଁରେ ଭୟାନକ ଏସିଡ଼ ପକାଇ ଜଣଙ୍କ ଜୀବନକୁ ତମାମ ଜୀବନରେ ନର୍କରେ ପରିଣତ କରିଦେଉଥିବା ଆତତାୟୀଟି ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ କାହିଁ ଭାଗବାନ ତ କେଉଁ ସିଧା ସଳଖ ଦଣ୍ଡ ଦେଇନଥାନ୍ତି ? ଶିଶୁ କାବ୍ୟରେ ଅପମିଶ୍ରଣ ପରି ବିଷ ମିଶାଉଥିବା କୁଖ୍ୟାତ ଚରିତ୍ର ମାନଙ୍କର ତ କାହିଁ କିଛି ହୋଇଯାଇନଥାଏ !

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ସାର୍, ଅନେକ ଦିନ ହେବ ମୁଁ ଜଣେ ପ୍ରଦୋଷ ମିଶ୍ରଙ୍କୁ ଖୋଜୁଛି ...



**ପ୍ରଦୋଷ ମିଶ୍ର**

ଦିନେ ଦେଖୁଦେଖୁ ମୋ ଟାଇମ୍ ଲାଇନରେ ଆଖି ପଡ଼ିଗଲା। ଲେଖାଥିଲା, ସାର୍, ଅନେକ ଦିନ ହେବ ମୁଁ ଜଣେ ପ୍ରଦୋଷ ମିଶ୍ରଙ୍କୁ ଖୋଜୁଛି । ଏବେ ଫେସ୍‌ବୁକ୍‌ରେ ଏମିତି ନାଁ ଟିଏ ପାଇଗଲି। ୧୫ ବର୍ଷ ତଳେ ଗୋଟେ ଗଳ୍ପ ମୁଁ ପଢ଼ିଥିଲି, କଲେଜରେ ପଢୁଥିଲା ବେଳେ। ଗପର ନାଁ ମନେନାହିଁ । କିନ୍ତୁ ବିଷୟବସ୍ତୁ ଏହିପରି । ଆପଣ ଯଦି ସେହି ବ୍ୟକ୍ତି ହୋଇ ଥାଆନ୍ତି, ଦୟାକରି ମୋର ମୋବାଇଲ ନମ୍ବରରେ ଫୋନ୍ କରିବେ। ଭାରି ମନ ଡାକୁଛି, ଆପଣଙ୍କ ସଙ୍ଗେ କଥାହେବା ପାଇଁ। ସେତେବେଳର ଛାତ୍ର ମୁଁ, ଆଜି ଜଣେ ହିନ୍ଦୀ କ୍ଷୁଦ୍ର ଚଳଚିତ୍ରର ନିର୍ଦ୍ଦେଶକ। ଯଦି ସେ ବ୍ୟକ୍ତି ଆପଣ ନୁହନ୍ତି, ତେବେ କ୍ଷମା କରିବେ।

## ପ୍ରିୟ ପାଠକ-୧୫

ଜୀବନରେ କେବେକେବେ ଏମିତି ଘଟଣା ଘଟିଥାଏ, ଯାହା ସମୟର ଗର୍ଭରେ କେବେ ବି ଲୋପପାଇ ପାରେନା। ହଠାତ୍ ମନକୁ ଆସିଗଲେ, ଅନେକ ପ୍ରଶ୍ନବାଚୀ ଠିଆ କରାଇଦିଏ। ସତରେ କଣ ସେ ଲେଖାଟି ଏତେ ଚମତ୍କାର ହୋଇଥିଲା ? କେବେ କେହି ଜଣେ ବି ଆତ୍ମୀୟ, ପ୍ରଶଂସକ କିମ୍ବା କେହି ବି ଫୋନ କରିନାହାଁନ୍ତି। ମୁଁ ତ ଭୁଲି ଯାଇଥଲି ସେ ଗଳ୍ପ କଥା। ମୋ ମନରେ ମନେରଖିଲା ପରି ଗୁରୁତ୍ୱପୂର୍ଣ ଘଟଣାଟିଏ ଆଦୌ ନଥିଲା।

ସେଦିନ ଘରେ ଆସି ପହଞ୍ଚିଯାଇଥିଲି, ଅନେକ ଦିନର ଅନୁପସ୍ଥିତ ପରେ। କମ୍ପାନୀ କାମରେ ବିଦେଶ ଯିବାକୁ ପଡ଼ିଥିଲା। ପାଖରେ ଖୁବ୍ ଗୁଡ଼ାଏ କାମ ବାକି ପଡ଼ିଥିଲା। ତରତର ହୋଇ ବାହାରି ପଡୁଥିଲି କର୍ମ କ୍ଷେତ୍ରକୁ। ହଠାତ୍ ସହଧର୍ମିଣୀ କହିଲେ, ଦିଲ୍ଲୀରୁ କେହିଜଣେ ଫୋନ୍ କରିଥିଲେ ଦୁଇଥର। ତୁମ ସଙ୍ଗେ କଥା ହେବାର ଆବଶ୍ୟକତା ଅଛି। ଆଜିର ଦିନକୁ ଅପେକ୍ଷା କରିବାକୁ ତାଙ୍କୁ ମୁଁ କହିଥିଲି ।

ମୁଁ ତାଙ୍କ କଥାରେ ଗୁରୁତ୍ୱ ଦେଇନଥିଲି। ଯାହାର ଦରକାର ସେ ନିଶ୍ଚୟ ଆଉଥରେ ଖୋଜିବେ । ସେଦିନ ଅନ୍ୟ ଆଡ଼େ ଧ୍ୟାନ ନଦେଇ କାରଖାନାକୁ ବାହାରିଗଲି। ଫେରୁଫେରୁ ରାତି ଏଗାର।

ପତ୍ନୀ କହିଲେ, ଓଃ, କି ବିରକ୍ତିକର ଲୋକ କେଜାଣି । ପୁଣି ଦୁଇଥର ଫୋନ କଲେଣି।

ତାଙ୍କ କଥାକୁ ପୁଣି ଏଡ଼ାଇଦେଲି। ଖୁବ୍ ହାଲିଆ ଲାଗୁଥିଲା। ରାତି ବୋଧହୁଏ ବାରଟା ବାଜୁଥିଲା। ଆଖି ବୁଜିବୁଜି ହୋଇ ଆସୁଥିଲା। ଲ୍ୟାଣ୍ଡ ଫୋନ୍ ରିଂ ହେଲା। (ସେତେବେଳେ ମୋବାଇଲ ନଥିଲା। କମ୍ପାନୀର ଫୋନ ବି ଅଲଗା ଥିଲା)

ଆଜ୍ଞା, ପ୍ରଦୋଷ ବାବୁ କହୁଛନ୍ତି ? (ହିନ୍ଦିରେ ପଚାରୁଥିଲେ)

ଆଜ୍ଞା ।

ଓଃ, ଭାରି ବ୍ୟସ୍ତ ରହୁଛନ୍ତି ଆପଣ। ସଦାବେଳେ ଏମିତି ବ୍ୟସ୍ତ ରୁହନ୍ତି ବୋଲି ଶୁଣିଲି । ତେବେ ଲେଖାଲେଖି କରୁଛନ୍ତି କେତେବେଳେ ?

ଲେଖାଲେଖି କଥା ଶୁଣିଲେ, କେଜାଣି କାହିଁକି ଆଖିରୁ ନିଦ ହଜିଯାଏ। ବିରକ୍ତ ଭାବ ଆସେନି । ତେବେ ହିନ୍ଦି ଭାଷୀ ଲୋକ ଜଣେ କାହିଁକି ବା ଫୋନ କରିବେ ? ଅବଶ୍ୟ ସେତେବେଳେ ମୋର କିଛି ଗଳ୍ପ, ହିନ୍ଦିରେ ଅନୁଦିତ ହୋଇ, ଭଲ ଭଲ ପତ୍ରିକାରେ ସ୍ଥାନିତ ହୋଇ ସାରିଥାଏ।

ମୁଁ ପଚାରି ପାରିଲିନି, ଆପଣ କିଏ ବୋଲି। କହିଲି, ଲେଖିବାପାଇଁ କଣ କିଛି ସମୟ ଥାଏକି ଆଜ୍ଞା। କେତେବେଳେ, କେଉଁ ପରିସ୍ଥିତିରେ ବି ସେ ତା'ର ବାଟ ଖୋଜି ବାହାର କରିଦିଏ।

ଠିକ୍ କଥା, ପାଠକର ଅବସ୍ଥା ବି ସେମିତି, ସମୟଟା ଯେତେ ଅପ୍ରୀତିକର ମନେହେଲେବି, ତାକୁ ଆନ୍ଦୋଳିତ କରୁଥିବା ଘଟଣାର ସ୍ରଷ୍ଟାକୁ ଖୋଜି ପାଇବାକୁ ବ୍ୟାକୁଳ ହୋଇପଡ଼େ। ଆପଣ ତ ବିଦେଶରେ ଥିଲେ । ଏତେ ଗୁଡ଼େ ଦିନ ଅପେକ୍ଷା କରିବାର ଧୈର୍ଯ୍ୟକୁ ବାନ୍ଧି ରଖିବା ବି କଷ୍ଟକର ଥିଲା। ଆଜିର ତାରିଖକୁ ମୁଁ ମନେରଖିଥଲି। ରାତି ବେଶି ହେଲେ ବି ଅପେକ୍ଷା କରିପାରିଲିନି। କହିବାକୁ ତ ବେଶ୍ କିଛି ଥିଲା।

କୁହନ୍ତୁ ଆଜ୍ଞା। ଆପଣଙ୍କ କଥା ଶୁଣିଲାପରେ କଣ ନିଦ ଆସନ୍ତାକି ?

ତା ପରେ ଆରମ୍ଭ ହେଲା ତାଙ୍କ କଥା। କେଜାଣି କେତେ ସମୟ । ଗଳ୍ପଟିରେ କଣ ଏତେ କଥା ଅଛିକି ? ତା'ର କଳେବର ତ ସେମିତି ବେଶି ନୁହେଁ । ସେ ଏତେ କଥା ଆଣିଲେ କୁଆଡୁ ? ମୁଁ ନିଜେ ତ ସେ ସବୁ ବିଶ୍ଲେଷଣ କରିନଥିଲି। ସେ କହିଲେ, ମୁଁ

> ଏମିତି ଗଳ୍ପ ଗୋଟେ ମୁଁ ଲେଖିଥିଲି ତ। କେତେ ବର୍ଷ ତଳର କଥା। ଆଜିକାଲି ତ ବେଶ୍ କିଛି ଗଳ୍ପ ଅନୁଦିତ ହୋଇ ପ୍ରକାଶ ପାଇ ସାରିଲିଣି। ଏତେ ପୁରୁଣା ପତ୍ରିକା ମୋ ପାଖରେ ଥିବତ ? ତା ପୁଣି କେଉଁ ପତ୍ରିକା ଜଣାନାହିଁ । ସେଦିନ ପୁରୁଣା ନଥିପତ୍ର ଘଣ୍ଟାଘଣ୍ଟି କଲି। ଘର ଅଳିଆ ହେଉଥିବାରୁ ଗାଳି ଶୁଣି, ଏ କାନରେ ପୁରାଇ ସେ କାନରେ ବାହାର କରିଦେଲି। ହେଲେ ମିଳିଗଲା। ଫୋନ କଲି ଦିନେ ସକାଳୁ ସକାଳୁ। ଫୋନ୍‌ରେ ଜଣେ କିପରି ନତମସ୍ତକ ହୋଇପାରେ, ତାହା ସେଦିନ ମୁଁ ଅନୁଭବ କରିଥିଲି ।

ଚାହେଁ ଗଳ୍ପଟି ମୋତେ ଅକ୍ରାନ୍ତ କରି ରଖୁ, ବର୍ଷ ବର୍ଷ। ତା'ର ସମସ୍ତ ଶବ୍ଦ ମନେ ରହିଥାଉ ଅନ୍ତତଃ ଆପଣଙ୍କୁ କହିଦେଲା ପର୍ଯ୍ୟନ୍ତ। ତା ପରେ ସେ କହି ଚାଲିଲେ, ବିଷୟବସ୍ତୁ, ତା'ର ଚମତ୍କାରିତା, ଆଉ ସେ କରିଥିବା ଗବେଷଣା ଉପରେ। ମୁଁ ଥିଲି କେବଳ ଶ୍ରୋତା, ଜଣେ ଚିନ୍ତାଶୀଳ ବ୍ୟକ୍ତିଙ୍କର ।

ଧନ୍ୟବାଦ ଆପଣ ଏମିତି ଲେଖି ଚାଲନ୍ତୁ । ମୁଁ ଆପଣଙ୍କର ଜଣେ ବିମୁଗ୍ଧ ପାଠକ ହୋଇ ଥାଏ।

ଆପଣ ?

ମୁଁ 'ଇନ୍ଦ୍ରପ୍ରସ୍ଥ ଭାରତୀ'ର ସଂପାଦକ...

- ଓଃ, ନା ବି ପଚାରି ପାରିଲିନି। ଅଭଦ୍ରାମି ହେବ। କହିପାରିଲିନି ଯେ, ମୋ ଗଳ୍ପ ଆପଣଙ୍କ ପାଖରେ ପହଞ୍ଚିବାର ସମ୍ଭାବନା ବହୁତ୍ କମ୍ ବୋଲି । କାରଣ ମୋ ପାଖରେ ସମସ୍ୟା, ଅନୁବାଦର । ଯେଉଁଠି ଅନେକ ସମୟରେ ଅନୁବାଦକମାନେ ଭଲ ଅପେକ୍ଷା, ଅନ୍ୟ କିଛି ଉପରେ ଗୁରୁତ୍ୱ ଦିଅନ୍ତି ସେଠି, ମୁଁ ତ ସାଧାରଣ ଲୋକଟିଏ ମାତ୍ର ।

- ଫେସବୁକ୍ ଦେଖିବାରେ ମୋର ଆଗ୍ରହ ଖୁବ୍ କମ୍। ସେଥିରେ ଥିବା କନ୍ଦଳ, ଆତ୍ମପ୍ରଚାର ମତେ ଭଲ ଲାଗେନା। ତେବେ ବି ଅବସର ନେବା ପରେ, କେବେକେବେ ପଶିଯାଏ ତା ଭିତରେ। ଏମିତି ଦିନେ ଦେଖୁଦେଖୁ ମୋ ଟାଇମ୍ ଲାଇନରେ ଆଖି ପଡ଼ିଗଲା। ଲେଖାଥିଲା, ସାର୍, ଅନେକ ଦିନ ହେବ ମୁଁ ଜଣେ ପ୍ରଦୋଷ ମିଶ୍ରଙ୍କୁ ଖୋଜୁଛି । ଏବେ ଫେସ୍‌ବୁକ୍‌ରେ ଏମିତି ନାଁ ଟିଏ ପାଇଗଲି। ୧୫ ବର୍ଷ ତଳେ ଗୋଟେ ଗଳ୍ପ ମୁଁ ପଢ଼ିଥିଲି, କଲେଜରେ ପଢୁଥିଲା ବେଳେ। ଗପର ନାଁ ମନେନାହିଁ । କିନ୍ତୁ ବିଷୟବସ୍ତୁ ଏହିପରି। ଆପଣ ଯଦି ସେହି ବ୍ୟକ୍ତି ହୋଇ ଥାଆନ୍ତି, ଦୟାକରି ମୋର ମୋବାଇଲ ନମ୍ବରରେ ଫୋନ୍ କରିବେ। ଭାରି ମନ ଡାକୁଛି, ଆପଣଙ୍କ ସଙ୍ଗେ କଥାହେବା ପାଇଁ। ସେତେବେଳର ଛାତ୍ର ମୁଁ, ଆଜି ଜଣେ ହିନ୍ଦି କ୍ଷୁଦ୍ର ଚଳଚିତ୍ରର ନିର୍ଦ୍ଦେଶକ। ଯଦି ସେ ବ୍ୟକ୍ତି ଆପଣ ନୁହନ୍ତି, ତେବେ କ୍ଷମା କରିବେ।

ଏମିତି ଗଳ୍ପ ଗୋଟେ ମୁଁ ଲେଖିଥିଲି ତ। କେତେ ବର୍ଷ ତଳର କଥା। ଆଜିକାଲି ତ ବେଶ୍ କିଛି ଗଳ୍ପ ଅନୁଦିତ ହୋଇ ପ୍ରକାଶ ପାଇ ସାରିଲିଣି। ଏତେ ପୁରୁଣା ପତ୍ରିକା ମୋ ପାଖରେ ଥିବ ତ ?



**ପ୍ରିୟ ପାଠକ**

ତା ପୁଣି କେଉଁ ପତ୍ରିକା ଜଣାନାହିଁ ।

ସେଦିନ ପୁରୁଣା ନଥିପତ୍ର ଘଣ୍ଟାଘଣ୍ଟି କଲି। ଘର ଅଳିଆ ହେଉଥିବାରୁ ଗାଳି ଶୁଣି, ଏ କାନରେ ପୁରାଇ ସେ କାନରେ ବାହାର କରିଦେଲି। ହେଲେ ମିଳିଗଲା। ଫୋନ କଲି ଦିନେ ସକାଳୁ ସକାଳୁ। ଫୋନ୍‌ରେ ଜଣେ କିପରି ନତ ମସ୍ତକ ହୋଇପାରେ, ତାହା ସେଦିନ ମୁଁ ଅନୁଭବ କରିଥିଲି ।

ତା ପରେ ମୋ ପାଖରେ ଦଶ ହଜାର ପହଞ୍ଚିଗଲା, ଅଗ୍ରୀମ । ଏବେ ଫିଲିମ୍ ହେବ। ସବୁ ଠିକ୍ ଠାକ୍ ଚାଲିଲା। ସୁଟିଂ ଆରମ୍ଭ ବି ହେଲା, ରାଜସ୍ଥାନରେ। ହଠାତ୍ ଆସିଗଲା କରୋନା ମହାମାରି। ସମସ୍ତେ କିଏ କୁଆଡ଼େ ଗାଏବ। ହିରୋଇନ୍ ବି ନିରୁଦ୍ଦିଷ୍ଟ ।

ଆଉ ତ ଫୋନ୍ କିଛି ଆସିନି । ତା ବି ବଦଳିଗଲା ବୋଧହୁଏ।

♥ ମୋ-୯୪୩୭୦୮୩୦୬୭

**ଆଲୋଚନା**

# ସାଧାରଣ ନିର୍ବାଚନ : ଏକ ଆହ୍ୱାନ

ଡ଼ ଗୋଲକ ବିହାରୀ ଆଚାର୍ଯ୍ୟ



ଭାରତୀୟ ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ ଚାଲିଛି । କେତୋଟି ପର୍ଯ୍ୟାୟ ଶେଷ ଏବଂ ଆହୁରି କେତୋଟି ହେବାକୁ ଅଛି । ଏହାହିଁ ଆମ ଗଣତନ୍ତ୍ରର ପରିଚୟ । ହେଲେ, ଏହାର ନୀତି ନିୟମ, ଆଚରଣରେ ଏତେ ଅବକ୍ଷୟ ହୋଇ ଚାଲିଛି ଯେ, ନିର୍ବାଚନ ଆସିଲେ କ୍ଷମତା କନ୍ଦଳ ଏବଂ ପାରିପାର୍ଶ୍ୱିକ ଅବକ୍ଷୟ ଖୁବ୍ ଉଜ୍ଜଳ ଭାବେ ଫୁଟି ପ୍ରତିଭାତ ହେଉଛନ୍ତି। ଏହିଗୁଡ଼ିକ ତର୍ଜମା କରି ଲୋକମାନେ ଯଦି କେବଳ ମନେ ରଖନ୍ତେ, ସମ୍ଭବତଃ ନିର୍ବାଚନରେ ସଠିକ୍ ଭାବେ ପ୍ରାର୍ଥୀ ଚୟନ କରି ପାରନ୍ତେ । କ୍ଷମତା ଲିପସୁ ପ୍ରାର୍ଥୀଙ୍କ ସହ ଭୋଟରମାନଙ୍କ ଆଚରଣ ଏତେ ବିଶୃଙ୍ଖଳିତ ହୋଇ ଉଠୁଛି ଯେ, ଗଣତନ୍ତ୍ର ସଦା ସର୍ବଦା କାଠଗଡ଼ାରେ ଠିଆ ହେଉଛି। ଏହାର ଯତ୍ କିଞ୍ଚିତ ଆଲୋଚନା, ଏହି ପ୍ରବନ୍ଧର ଲକ୍ଷ୍ୟ ।

ଭାରତୀୟ ଗଣତନ୍ତ୍ରର ରୋଗ ବହୁତ। ଏହାକୁ ସୁଧାରିବାକୁ ସମ୍ଭବତଃ ଏଯାଏ କେହି ବୈଦ୍ୟ ଜନ୍ମ ହୋଇ ନାହାନ୍ତି । ଏଠି ଦଳ ଭଲ ଲାଗିଲେ, ତାଙ୍କ ପ୍ରାର୍ଥୀ ଭଲ ନଲାଗି ପାରନ୍ତି, ଅବା ପ୍ରାର୍ଥୀ ଭଲ ଲାଗିଲେ ତାଙ୍କ ଦଳ ଭଲ ନଲାଗି ପାରେ। କେବେ କେହି ଦେବଦୂତ ସ୍ୱାଧୀନ ପ୍ରାର୍ଥୀ ଭାବେ ଆସନ୍ତି, ଯାହାଙ୍କର ଉପଯୋଗିତା ବି ବାସ୍ତବରେ କିଛି ନାହିଁ। ସିଏ ପୁଣି ଯଦି ସ୍ୱାଧୀନ ଚେତା ନହୋଇ କେଉଁ ଏକ କାରଣରୁ ଉତ୍କ୍ଷିପ୍ର ହୋଇ ଆସିଥିବା ତେବେ ତାଙ୍କୁ 'ଦେବ ଦୂତ' କହିବା ଶୋଭନୀୟ ହେବନାହିଁ । ଅବଶ୍ୟ, ଯଦି ଅଳ୍ପ ଭୋଟ ବ୍ୟେବଧାନରେ କେଉଁ ଦଳ ସରକାର ଗଢ଼ିବାକୁ ଚେଷ୍ଟା କରେ, ଆବଶ୍ୟକ ପଡେ ସେହିମାନଙ୍କର । ସେତେବେଳେ କୋଟି କୋଟି ଟଙ୍କାରେ ବେପାର ଚାଲେ ଅବା ପଦ ପଦବୀ ଦେବା ନାଁ'ରେ ମୂଳଚାଲ ହୁଏ । ଏସବୁର ନଜିର ଭାରତୀୟ ଗଣତନ୍ତ୍ରରେ ଖୁବ୍ ବେଶି ଦୃଷ୍ଟିଗୋଚର ହୁଏ । ଆମକୁ ଭଲ ଲୋକ ମିଳିବା ଖୁବ୍ କଷ୍ଟକର ହୋଇଯାଏ । ଆମେ 'ଖରାପ ଲୋକ' ଆଉ 'ତା'ଠୁଁ ଖରାପ ଲୋକ' ଭିତରୁ ଜଣଙ୍କୁ ବାଛୁ, 'ଭଲ ଲୋକ' ପାଇବା ଏକ ଅସମ୍ଭବ ସ୍ୱପ୍ନ ହୋଇପଡେ। ଭଲ ଲୋକଟିଏ ରାଜନୀତିକୁ ଆସିଲେ ଆମେ ଭୋଟ ଦିଅନ୍ତେ, ସିଏ ଆସିଲେ କଣ ବର୍ତ୍ତମାନର ପରିସ୍ଥିତିରେ, ଏଇଠି ଟିଷ୍ଠି ରହିପାରିବ !ଆମ ଭିତରେ ବି ଅନେକ ପ୍ରକାରର ଲୋକ (ଭୋଟର)। କେତେ ଲୋକ ପାଞ୍ଚ ଶହ କି ସାତ ଶହ ଟଙ୍କାରେ ବିକ୍ରୀ ତ କେତେ ୫ କି ୭ ଲକ୍ଷ ଟଙ୍କାରେ ବିକ୍ରୀ ହୁଅନ୍ତି । ଯିଏ ଲକ୍ଷରେ ବିକ୍ରୀ ହୁଅନ୍ତି, ତାଙ୍କର ଚତୁରତା ବେଶୀ। ସିଏ କାହାକୁ ୫୦୦ କି ୭୦୦ ଦେଇ ନିଜେ ବହୁତ୍ ହାତେଇବେ । ପୁଣି ଦଳେ ଅନେକ କାରଣରୁ ଜଣଙ୍କ ପକ୍ଷର ହୋଇଯିବେ ଏବଂ ଚାହିଁବେ ଯେ, ସେମାନେ ଯାହାକୁ ଚାହୁଁଛନ୍ତି ତାଙ୍କୁ ସମସ୍ତେ ଚାହାଁନ୍ତୁ । ଅନ୍ୟର ସ୍ୱାଧୀନତା ତାଙ୍କ ଇଛାରେ ପରିଚାଳିତ ହେଉ । ପାଞ୍ଚ ବର୍ଷ ଧରି, ସବୁ ସ୍ୱାର୍ଥ ହାସଲ ହେବ ତାଙ୍କର । ବିଚରା , ତାଙ୍କ ଅନୁଗତମାନେ, ତାଙ୍କ ହଳିଆ ମୂଲିଆ ପରି ତାଙ୍କରି ଦୁଆରେ ଠିଆ ହୋଇଥିବେ ଆଜୀବନ । ଗୋଟିଏ ଗୋଟିଏ ସ୍ଥାନରେ ଅଦ୍ଭୁତ ପରିସ୍ଥିତି । ପୁରୁଣା ରାଗ ମେଣ୍ଟେଇବାକୁ କିଏ କାହାକୁ ପକ୍ଷର ହୋଇଗଲାଣି ତ ଅନ୍ୟ କେଉଁଠି ଶତ୍ରୁ ଯଦି ଜଣଙ୍କ ଦଳରେ କାମ କରୁଛି ଜଣେ ତୃଣମୂଳ ସ୍ତରର ଲୋକ ଅନ୍ୟ ଦଳକୁ ସହଯୋଗ କରିବ । ସେତେବେଳେ, ଏହିମାନେ ବୁଝନ୍ତି ନାହିଁ ଯେ, ଉପର ସ୍ତରରେ ଦୁଇ ତୁଙ୍ଗ ନେତା ମିଶି ଯିବାର ସମ୍ଭାବନା ଖୁବ୍ ଅଧିକ । ଶତ୍ରୁତା ମୂର୍ଖଙ୍କର ଆଉ ମିତ୍ରତା ସ୍ୱାର୍ଥପର ଚତୁରଙ୍କର, ଏହାହିଁ ଆମ ରାଜନୈତିକ ଦୃଶ୍ୟପଟ।

ଗତକାଲି ପର୍ଯ୍ୟନ୍ତ ଗୋଟିଏ ଦଳର ଛାତ ତଳେ ନିଜର ଅସ୍ତିତ୍ୱ ଜାହିର କରୁଥିବା ଜଣେ ବହୁ ପରିଚିତ ନେତାର ସ୍ୱାର୍ଥରେ ସାମାନ୍ୟ ବିଚ୍ୟୁତି ଆସୁ ଆସୁ ସିଏ ଦଳ ବଦଳେଇ ଦିଅନ୍ତି । କିଛି ମୂର୍ଖ ବ୍ୟକ୍ତି ବା ଚାଟୁକାର ତାଙ୍କରି ପଛରେ ସେଠୁ ମୁହଁ ଫେରେଇ ଆଣନ୍ତି । ଆସୁଆସୁ ତାଙ୍କରି ଦୃଷ୍ଟିରେ ଗତକାଲିର ସୁନା ଦଳଟି ଏତେ ଘୃଣ୍ୟ ହୋଇଯାଏ ଯେ, ତାର ତର୍ଜମା କରି ସବୁ କଥା ଓ କର୍ମକୁ ଭୁଲ କହିବସନ୍ତି। ଯାହାର ଯେତେ ମୂର୍ଖ, ଚାଟୁକାର ବା ଅନୁଗତ ସବୁ ତାଙ୍କରି ସହ ସମସ୍ୱରରେ ଚିତ୍କାର କରନ୍ତି । ହାୟ, ଆମ ସଚେତନତା ! ଉପରୁ ତଳଯାଏଁ ସବୁଠି ସ୍ୱାର୍ଥାନ୍ଧମାନଙ୍କ ଉପସ୍ଥିତି କଳଙ୍କିତ କରିଦେଲାଣି ରାଜନୀତିକୁ ।

ଆହୁରି ଏକ ପ୍ରକାରର ରାଜନେତା ବି ଅଛନ୍ତି। ସେମାନେ ନିଜ ପଦବୀ ପରିପୁଷ୍ଟ। ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ବା ଉଚ୍ଚ ପଦକୁ ପ୍ରୟୋଗ କରି ଦେଶର ଯେଉଁ ଲୋକସଭା କ୍ଷେତ୍ରରୁ ବା ବିଧାନ ସଭା କ୍ଷେତ୍ରରୁ ଇଚ୍ଛା ସେଇଠୁ ନିର୍ବାଚନ ଲଢନ୍ତି। ପୂର୍ବରୁ, ସରକାରୀ କଳ ଏବଂ ଅର୍ଥ ଲଗେଇ, ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାନ୍ତି ବା ସେତେବେଳେ ଅକଳ୍ପନୀୟ ଅର୍ଥ ଖର୍ଚ୍ଚ କରିପକାନ୍ତି ଅବା ନିର୍ବାଚନ ପରେ ସେ ଅଞ୍ଚଳରେ ସୁନା ବର୍ଷା କରିବାର ସମ୍ଭାବନା ଗଢି ବସନ୍ତି। ଦୁଃଖ, ଏମାନେ ସେ ଅଞ୍ଚଳର ଲୋକଙ୍କର ନୁହେଁ ବା ସେମାନଙ୍କ ସୁଖଦୁଃଖର ବାସ୍ତବ ଅନୁଭୂତି ସେମାନଙ୍କ ନିକଟରେ ନଥାଏ । ସେମାନେ କେବେବି ତାଙ୍କୁ ଜାଣିବେନି ଅବା ତାଙ୍କ ସୁଖ ଦୁଃଖରେ ସାଥୀ ହେବେନି । 'ମଧ୍ୟସ୍ଥି-ନେତା' ସେଠି ମାଲିକ ।

କ୍ଷମତା ସର୍ବସ୍ୱ ହୋଇଯାଇଛି ରାଜନୀତି । କଳେବଳେ ନିର୍ବାଚନ ଜିତି ପଦ ପଦବୀ ପ୍ରାପ୍ତ ହେବା ସମସ୍ତଙ୍କ ଏକାନ୍ତ କାମନା । ଯାହାକୁ ପଚାରିଲେ, ସେମାନେ ନିଜକୁ 'ସମାଜ ସେବା ନିମନ୍ତେ ଉତ୍ସର୍ଗୀକୃତ' ବୋଲି କହିବେ ମାତ୍ର ପାନରୁ ଚୂନ ଖସିଗଲେ ଦଳ ବଦଳେଇ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୋଇଯିବେ । ଦେଶ, ଜାତି, କର୍ମୀ, ନାଗରିକ ଯୁଆଡେ ଯାଉଛନ୍ତି ଯାଆନ୍ତୁ, ସେମାନଙ୍କର ବା ଯାଏ କଣ ! ଏହି ହେଉଛି ଆମ ନିର୍ବାଚନର ପ୍ରକୃତ ପରିଚୟ।

ଏବେ ଆହୁରି ଅଦ୍ଭୁତ ପରିପ୍ରକାଶ ଘଟିଲାଣି ସ୍ୱାର୍ଥପରତାର । ଘରେ ସମସ୍ତେ ଏକାଠି ଥାଇ, ଦୁଇ ଭାଇ ବା ଦୁଇ ରକ୍ତ ସମ୍ପର୍କୀୟ ଦୁଇଟି ଦଳରୁ ନିର୍ବାଚନରେ ଲଢୁଛନ୍ତି । ଯିଏ ଜିତୁଛି ଜିତୁ, ଲାଭ ପରିବାରର । ତୃଣମୂଳ ସ୍ତରରେ ଏହି ଉଦାରତା ଦୃଷ୍ଟି ଗୋଚର ହୁଏନି । ଶତ୍ରୁତା ଆସିଲେ, ଭିନ୍ନେ ହୋଇଗଲେ ଜଣେ ଭାଇ ଗୋଟିଏ ଦଳରେ ରହିଲେ, ଅନ୍ୟ ଭାଇଟି ଆର ଦଳକୁ ଚାଲିଯାଏ। ଆହୁରି ହାସ୍ୟାସ୍ପଦ କଥା, ଜଣେ ନାମାଙ୍କନ କଲାବେଳେ ନାକଚ ହେବାର ସମ୍ଭାବନା ଅନୁଭବ କରି ପତ୍ନୀଙ୍କ ନାମାଙ୍କନ କରେଇବା। କୌଣସି ବି ପରିସ୍ଥିତିରେ ସିଏ କ୍ଷମତା ଛାଡ଼ିବାକୁ ନାରାଜ । ସତରେ କଣ ସେହି ଅଞ୍ଚଳରେ ରାଜନୈତିକ ଭବିଷ୍ୟତ ବୋଲି ଆଉ କାହାର କିଛି ନାହିଁ । ଏ ଲେଖକ ଏକଦା ଜଣେ ସହୃଦୟ ସାମ୍ବାଦିକଙ୍କ ନିକଟରୁ ଏକ କିମ୍ଭୂତ କିମ୍ଭାକାର କଥା ଶୁଣି ମର୍ମାହତ ଯେତିକି ହେଲା ସେତିକି ହସି ହସି ବେଦମ ହେଲା । ଜଣେ ଯୁବ ନେତା କହିଲେ, ଏବେ ତାଙ୍କ ନିମନ୍ତେ ପାଣିପାଗ ଭଲ ନାହିଁ, ହଠାତ୍ ଯଦି ବୁଢ଼ା (ତାଙ୍କ ବାପାଙ୍କୁ ଏହି ରୂପେ ସମ୍ବୋଧନ କରୁଥିଲେ) ଚାଲିଯାଏ ତେବେ ସିଏ ଦୟା ସଂଜାତ (compassion) ଭୋଟଗୁଡ଼ିକ ପାଇ ବିଜୟୀ ହୋଇଯିବେ । ଆହା, କ୍ଷମତା ବ୍ୟାକୁଳ ମନ୍ତ୍ରୀ-ସୂତ!


ଭୋଟ ପାଇବା ନିମନ୍ତେ ଶେଷ ପର୍ଯ୍ୟାୟରେ ସରକାରୀ ଦଳ ପ୍ରାୟତଃ ଶେଷ ବର୍ଷଟିକୁ ଅଯୌକ୍ତିକ ଭାବେ ବ୍ୟୟ କରିଥାନ୍ତି । ଏହାର ସୁଦୂର ପ୍ରସାରୀ ପ୍ରଭାବ ଥାଏ । ବିଭିନ୍ନ 'ଅଯୌକ୍ତିକ ଯୋଜନା, ବିଭିନ୍ନ ଛାଡ଼, ବିଭିନ୍ନ କାର୍ଯ୍ୟକ୍ରମର ଭିତ୍ତି ପ୍ରସ୍ତର ସ୍ଥାପନା' ଇତ୍ୟାଦି ଏହାର ନମୁନା । କାହିଁକି ସେମାନେ ପୂର୍ବ ଚାରି ବର୍ଷରେ ଏହି ଅଭାବ ଗୁଡ଼ିକ ଦେଖି ପାରନ୍ତିନି କି ଭାବି ବି ପାରନ୍ତିନି, ବୁଝାପଡେନି। ଅର୍ଥାତ୍ ସରକାରୀ ଅର୍ଥରେ ନିର୍ବାଚନ ପ୍ରଚାର ଖର୍ଚ୍ଚ ମେଣ୍ଟାନ୍ତି। ଦୁଃଖର ବିଷୟ, ଭୋଟ ନିମନ୍ତେ ଲୁଚେଇ ଦିଆ ଯାଉଥିବା ଲାଞ୍ଚର ଏହା ନୀତିଗତ ପ୍ରଦାନ ମାତ୍ର । ଦୁଃଖ କରିବାକୁ କେହି ନଥାନ୍ତି। ଅନେକ ବର୍ଷ ଫାଙ୍କା ଥିବା ଅନେକ ଗୁଡ଼ିଏ ପଦବୀର ଖୁବ୍ ଅଳ୍ପ ସମୟରେ ନିଯୁକ୍ତି କେତେଯେ କ୍ଷତିକାରକ ତାହା ଚିନ୍ତା କଲେ ଦୁଃଖ ଆସେ । କଣ କରିଥିଲେ ପୂର୍ବ ପିଲା, କଣ କରିବେ ପରେ ପାସ କରିବାକୁ ଥିବା ପିଲେ ! କେତେ ଯେ ଅପଦର୍ଥ ଏତିକିବେଳେ ହଠାତ୍ ଯୋଗ୍ୟ ହୋଇଗଲେ ଚାକିରି ନିମନ୍ତେ !ଏହି ପ୍ରକ୍ରିୟାରେ ଭୋଟ ପାଇଲେ, ବିରୋଧୀ ଦଳ ଏତେ ଅର୍ଥ ଖର୍ଚ୍ଚ କରି ନପାରି ଜିତିବା କଷ୍ଟକର ହେବା ସ୍ୱାଭାବିକ । ଯଦି ବା ଜିତନ୍ତି, ତେବେ ଏତେ ଅଭାବରେ, ଦେଶ ଚଳାଇବା କଷ୍ଟକର ହେବ । ଦାନ ପ୍ରଦାନର ଅନ୍ୟ ନାମ 'ଲୋକପ୍ରିୟତା' କୁହାଯାଏ ।

ଶେଷରେ ଚିନ୍ତା କରାଯାଉ କଣ ଏହାର ସମାଧାନ । ଆଦର୍ଶହୀନ 'ରାଜନୀତି'କୁ ହଟେଇବାକୁ ଭୋଟରଙ୍କୁ ଜାଗ୍ରତ ହେବା ଲୋଡ଼ା । କୌଣସି ଲୋଭର ଶିକାର ହୋଇ ନିଜର, ନିଜ ଛୁଆଙ୍କର ପୁଣି ଦେଶର କ୍ଷତି କରିବା ଅତି ଜଘନ୍ୟ ଏକ ଅବିଚାର । ଆଗରୁ ସର୍ବାଧିକ ଶିକ୍ଷିତ, ଜ୍ଞାନୀ, ଗୁଣି ଲୋକେ ସବୁ ଛାଡ଼ି ରାଜନୀତି କରୁଥିଲେ ହେଲେ ଏବେ ସର୍ବାଧିକ ଘୃଣ୍ୟ ବ୍ୟକ୍ତିଙ୍କ ଏହି ପରିଧି ମଧ୍ୟକୁ ଅନୁପ୍ରବେଶ ଚିନ୍ତା ଉଦ୍ରେକ କରାଏ। ସେହିମାନେ ସାଜନ୍ତି ସବୁ କାମ କାର୍ଯ୍ୟର ବ୍ରହ୍ମା । ଦେଶ ରସାତଳ ଗାମୀ ହେବା ସ୍ୱାଭାବିକ । ତେଣୁ, ଦେଶକୁ ଅତ୍ୟଧିକ ଶ୍ରଦ୍ଧା କରୁଥିବା ବ୍ୟକ୍ତି ଆଗେଇ ଆସନ୍ତୁ । ନିଃସ୍ୱାର୍ଥପର ହୁଅନ୍ତୁ । ଆମେ ଯେଉଁମାନେ ଭୋଟ ଦେବା, ବିବେକାନୁମୋଦିତ ତୁଳନାତ୍ମକ ଭଲ ଲୋକଟିକୁ ଦେବାକୁ ଇଚ୍ଛା କରିବା ସଂପ୍ରତିକ ପରିସ୍ଥିତିରେ ସର୍ବଶ୍ରେଷ୍ଠ ବିକଳ୍ପହୀନ ଉପାୟ ।

♥ କେଶଦୁରାପାଳ
କେନ୍ଦୁଝର- ୭୫୮୦୨୫
ଫୋନ - ୯୯୩୮୧୭୫୧୦୦

# ଫେରିବାଲାଙ୍କ ଡାକ ଭଳି ନେତାଙ୍କ ଉଚ୍ଚାକାଂକ୍ଷା

ଡା. ବିଚିତ୍ରାନନ୍ଦ ଆଚାର୍ଯ୍ୟ



ଆପଣଙ୍କ ଘର ଆଡ଼େ ଆଉ ଫେରିବାଲା ଆସୁନାହାଁନ୍ତି କି? କିନ୍ତୁ ଆମ ବାଲିଗୁଡ଼ା ଆଡ଼େ ଏବେ ବି ଫେରିବାଲା ସବୁ ଆମ ହୋଟେଲ ଓ ଘର ଆଗରେ ବି ଭଳି କି ଭଳି ଜିନିଷ ଡାକି ଡାକି ବୁଲନ୍ତି। ଏଇ ଯେମିତି ୧୦୦ ଟଙ୍କାର ଜିନିଷ କିନ୍ତୁ କହିବେ ୧୦୦୦ ଟଙ୍କା। ସେ ଠିକ୍ ଜାଣିଛି ଲୋକେ ଯେତେ ମୁଲାଇଲେ ବି ୧୦୦ ତଳକୁ ତ ଆଉ ଯିବେନି ସେଥିରେ ତ ଲାଭ ଆଉ କିଏ ଯଦି ମୁଲେଇ ନପାରି ଅଧା ରେଟ ବି ଦେଇଦିଅନ୍ତି ସେଥିରେ ତ କଚେପୁଅ ବାର। ଗରାଖ ବାପୁଡ଼ା ଅଧା ଦାମରେ କିଣି ନିଜେ ଖୁସିରେ ଗଦଗଦ ହେଲା ବେଳକୁ ସେ କିନ୍ତୁ ଭୁଲିଯାଇଥାଏ ଏ ସବୁ ଫେରିବାଲାଙ୍କ ସୁଚିନ୍ତିତ ଚାଲ ଥିଲା। ଆମେ କାହିଁକି ଏହି ଫେରିବାଲାଙ୍କ କଥାଟି ଉଠାଇଲୁ ଜାଣିଛନ୍ତି କି ? କାରଣ ହେଉଛି ଆଜିର ନିର୍ବାଚନ ଘମାସନ ଭିତରେ ଗୋଟିଏ ଫେଜ୍‌ର ନିର୍ବାଚନ ତ ସରିଲାଣି ଆଉ ଅନ୍ୟ ନିର୍ବାଚନ ମଣ୍ଡଳୀରେ ଭୋଟ ପଡ଼ିବା ପୂର୍ବରୁ ସବୁ ରାଜନୈତିକ ଦଳର ପଣ୍ଡିତମାନେ କିନ୍ତୁ ଲୋକସଭାର ସବୁ ୨୧ସିଟ ପୋଛି ନେଇ ଆମେ ବିଜେତା ହେବୁ ଆଉ ୧୪୭ଟି ବିଧାନ ସଭା ସିଟ ପୁରା ଆମ ପକେଟରେ। କେବଳ ସେତିକିରେ ଅଟକି ନାହାଁନ୍ତି ଆଉ ପାଦେ ଆଗକୁ ଯାଇ ଆପଣମାନେ ଆମ ଶପଥ ଗ୍ରହଣ ଉତ୍ସବକୁ ତାହା ପୁଣି ତାରିଖ ନିର୍ଦ୍ଧାରିତ ହୋଇ ଏପରି ଆଶା ଆସ୍ଫାଳନ ଓ ବାହାସ୍ଫୋଟ ମଧ ଭାଷଣରୁ ଶୁଣିବାକୁ ମିଳୁଛି। ଠିକ ଫେରିବାଲାଙ୍କ ପରି ଏହି କଥାଗୁଡ଼ିକ ଲାଗୁନାହିଁ। କାରଣ ଅଧା ପାଇଲେ ବି ଖୁସି ଆଉ କାନ୍ଦୁଥା ଯା ପାରୁଛୁ ବାନ୍ଧୁଥା ନ୍ୟାୟରେ ସନ୍ତୋଷ ଜନକ ସିଟ ହାତେଇ ପାରିଲେ ସେଥିରେ ବି ଢ଼େର ଆତ୍ମ ସନ୍ତୋଷ ରହିଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫେରିବାଲାମାନେ ଯେଉଁପରି ସବୁ ଜିନିଷ ବିକିବାବେଳେ ଆକର୍ଷଣର ଭେଳିକି ସବୁ ବର୍ଣ୍ଣନା କରିଥାନ୍ତି - ଏଇ ଯେମିତି ବର୍ଷକ ଭିତରେ ଜମା କଳା ପଡ଼ିବନି, ତଳେ ପଡ଼ିଲେ ବି ସହଜେ ଭାଙ୍ଗିବନି, ଜିନିଷ ଯାହା ଆଉ କିଏ ମୋ ପରି ରେଟରେ ବି ଦେବନାହିଁ ଠିକ ସେହିପରି ପ୍ରାର୍ଥୀମାନେ ନିଜ ଅଞ୍ଚଳର ସମସ୍ୟା ସବୁକୁ ନିରାକରଣ ପାଇଁ ବେଶ ରଙ୍ଗେଇ ଢ଼ଙ୍ଗେଇ ଡାକ ଛାଡ଼ିଥାନ୍ତି। ଏ ସବୁ ବୁଝିବା କଥା। ରାଜନୀତି ଯେ ସେବା ତାକୁ କେତେ ଜଣ ଗ୍ରହଣ କରିଥାନ୍ତି ନିଜ ମାଟିର ବିକାଶ ପାଇଁ କେତେ ଜଣଙ୍କ ପ୍ରାଣ କାନ୍ଦିଥାଏ ? କେତେ ଜଣ ଛାତିରେ ହାତ ରଖି କହିପାରିବେ ପ୍ରିୟା ପ୍ରୀତି, ଦୁର୍ନୀତି, ଜନବିରୋଧି ନୀତି ମୋ ନୀତି ନୁହେଁ? ତାହାହେଲେ ରାଜନୀତିରେ ଉଚ୍ଚାକାଂକ୍ଷାରହୁ କିନ୍ତୁ ଏହି ଆକାଂକ୍ଷା ଭିତରେ ନେତାମାନେ ସମର୍ଥକ ଓ ଶୁଭେଚ୍ଛୁଙ୍କ ଭିତରେ ମନବୋଳ ବଢ଼ାଇବା ପାଇଁ ମିଛ ସ୍ୱପ୍ନ ଆଉ ମିଛ କଥା ରଖନ୍ତୁ ନାହିଁ।

ଜନତାଙ୍କୁ ପ୍ରଭାବିତ କରିବା ପାଇଁ ଭୋଟ ପୂର୍ବରୁ ଯାହାସବୁ କରାଯାଏ ତାହା ସାମୟିକ କେବେ ବି ନିୟମିତ ହୋଇପାରିବ ନାହିଁ। ନେତା ମାନଙ୍କ ରାଜନୀତିକୁ ବି ଟିକେ ଦେଖନ୍ତୁ। ସେମାନେ ଭଲ ଭାବେ ଜାଣିଛନ୍ତି ଲମ୍ବା ଚଉଡା ଭାଷଣ ଦେଇ କିମ୍ବା କିଛି ଚକମା ଦେଖାଇ ଲୋକମାନଙ୍କୁ ନିଜ ଆଡ଼କୁ ଟାଣି ଆଣିବା ସମ୍ଭବ ନୁହେଁ। ସେମାନେ ଠିକ ସେହି ଫେରିବାଲା ପରି ନିର୍ବାଚନ ସମୟରେ ଯେଉଁ ଡାକ ଦେଇଥାନ୍ତି ତାହା ଠିକ ମହାଭାରତର କର୍ଣ୍ଣ ମଲେ ପାଞ୍ଚ ଅର୍ଜୁନ ମଲେ ପାଞ୍ଚ ପରି। ଆପଣ ନିର୍ବାଚନ ସମୟରେ ଠିକ୍ ମନେପକାନ୍ତୁ ସ୍ୱାଧୀନ ପ୍ରାର୍ଥୀ ମଧ ଯେଉଁମାନଙ୍କର ନିର୍ବାଚନ ପ୍ରଭାବ ଓ ଭୋଟ ପରିଚାଳନା କ୍ଷେତ୍ରରେ ଖାତା ଖତିଆନ ମଧ ନଥାଏ ଆଉ ଭୋଟ ଫଳ ପରେ ସେମାନଙ୍କ ଅମାନତର ଛପର ଉଡିଯାଇଥାଏ ଅତୀତରେ ସେମାନେ ମଧ ଭାଷଣ ଦେଇଥାନ୍ତି ମୁଁ ବିଶାଳ ଓ ବିପୁଳ ବହୁମତରେ ରେକର୍ଡ଼ ବିଜୟୀ ହେବି। ଜିତିଲେ କ'ଣ ସବୁ ଘୋଡ଼ା ହାତୀର ଗ୍ୟାରେଣ୍ଟି ଦେଇଥାନ୍ତି ତାହା ତ ପଛ କଥା କିନ୍ତୁ ଆକାଶ ଛୁଆଁ ଆସ୍ଫାଳନ ଦେଖାଇବାରେ ସେମାନେ ସାମାନ୍ୟତମ କାର୍ପଣ୍ୟ କରିନଥାନ୍ତି। ନିର୍ବାଚନ ଭୋଟ ସବୁ ହାର ଜିତକୁ ନିର୍ଣ୍ଣୟ କରୁଥିବାରୁ ଦଳର ଶୀର୍ଷ ନେତା, ମୁଣ୍ଡିଆଳ, ମାର୍ଗ ଦର୍ଶକ ଓ ମାମଲତକାରମାନେ ନିର୍ବାଚନର ଯଥେଷ୍ଟ ପୂର୍ବରୁ ଭଲ ଭଲ ଏହି ଫେରିବାଲାଙ୍କ ଡାକ ପରି ଧାଡ଼ି ଗୁଡ଼ିକ ପ୍ରସ୍ତୁତ କରିଥାନ୍ତି। ସେହିପରି ପ୍ରସ୍ତୁତି ପାଇଁ ସବୁ ଅନେକ ବିଧି ବ୍ୟବସ୍ଥା ମଧ ଥାଏ। କିନ୍ତୁ ସେମାନେ ସବୁବେଳେ ଭୁଲିଯାନ୍ତି ଯେ ମିଛ କହି ଆଉ ଭୂଆଁ ବୁଲାଇବାର ଯୁଗ ହିଁ ନାହିଁ। କେତେଟା ଟଙ୍କା, ମଦ ଆଉ ମାଂସ ସବୁ ବିଜୟର ମାପକାଠି ହୋଇପାରେନାହିଁ। ଜଣେ ଗଣତନ୍ତ୍ରର ଯଥାର୍ଥ ପୂଜାରୀକୁ କୌଣସି ଦଳ ବା ବଳ କିଣିପାରିନଥାଏ। ସେପରି ଅନେକ ଚରିତ୍ର ଆମ ଆଖପାଖରେ ରହିଛନ୍ତି। ବଙ୍ଗଳା ରାଜ୍ୟର ନିର୍ବାଚନ ଡାକ ପରି 'ମା', ମାଟି, ମାନୁଷ'ର ଡାକ ଦିଅନ୍ତୁ। ଯଥାର୍ଥରେ ମାଆ ମାତୃସମ ନିଜ ମାତୃଭୂମି, ନିଜ ମାଟି - ନିଜ ମୂଳକ ଆଉ ମଣିଷଙ୍କୁ ଯଥାର୍ଥ ଚିହ୍ନିବାରେ ଓ ସମ୍ମାନ ଦେବାରେ ନିଜକୁ ନିୟୋଜିତ କରିବାର ଡାକରା ପାଇଲେ କେହି ଆଉ କେଉଁ ଦଳକୁ ବି ମୂଳଚାଲ ଆଦୌ କରିବେ ନାହିଁ। ବରଂ ସେମାନଙ୍କ ବିକାଶର ଡାକରା ସେମାନଙ୍କୁ ସମ୍ମାନିତ ଆଉ ଗୌରବ ବଢ଼ାଇବା ସହ ନିଶ୍ଚିନ୍ତ ବିଜୟର ଟିକା ପିନ୍ଧାଇବ। ଆସନ୍ତୁ ଚଳିତ ଭୋଟ-୨୪ରେ ନିଜକୁ ସାମିଲ କରିବା ଓ ସମସ୍ତେ ନିଶ୍ଚିନ୍ତ ଭୋଟ ଦେବା।

♥ ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, (ମୋ) ୯୪୩୭୨୪୨୩୧୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୯ ମଇ ୨୦୨୪




ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଚେତନାର ଦର୍ପଣ - ୩୦
# ମନର ପ୍ରକୃତ ସୁଖ

♥ ଲଳିତ ମୋହନ ମିଶ୍ର



ବହୁ ଦିନ ତଳର କଥା । ଗୋଟିଏ ଗାଁରେ ଜଣେ ମହାନ୍ ସନ୍ଥ ରହୁଥିଲେ । ସେ ନିଜର ଗୋଟିଏ ଆଶ୍ରମ ନିର୍ମାଣ କରିବାକୁ ଚାହୁଁଥିଲେ । ସେଥିପାଇଁ ସେ ଅନେକ ଲୋକଙ୍କ ସହିତ ମିଶୁଥିଲେ, ଧନ ସଂଗ୍ରହ କରୁଥିଲେ । ତେଣୁ ତାଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ପଡୁଥିଲା । ଏହିଭଳି ଯାତ୍ରା ସମୟରେ ଜଣେ ବିଦୁଷୀ କନ୍ୟାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ବିଦୁଷୀ ତାଙ୍କୁ ଖୁସିରେ ସ୍ୱାଗତ କରିଥିଲେ ଏବଂ ସାଧୁଙ୍କୁ କିଛି ସମୟ ତାଙ୍କ କୁଡ଼ିଆରେ ବିଶ୍ରାମ ନେବାକୁ ଅନୁରୋଧ କରିଥିଲେ । ସନ୍ଥ ବିଦୁଷୀଙ୍କ ବ୍ୟବହାରରେ ପ୍ରଫୁଲ୍ଲିତ ହୋଇ ତାଙ୍କର ଅନୁରୋଧକୁ ଗ୍ରହଣ କଲେ । ବିଦୁଷୀ ସାଧୁଙ୍କ ପାଇଁ ନିଜ ହାତରେ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କଲେ । ଏବଂ ସନ୍ଥଙ୍କୁ ଭୋଜନ ଇତ୍ୟାଦି ଦେଇ ସନ୍ତୁଷ୍ଟ କଲେ। ବିଶ୍ରାମ ନେବା ପାଇଁ ଖଟିଆରେ ଦରି ବିଛାଇ ଦେଲେ । ନିଜେ ମାଟିରେ ଅଖା ଗୁଡିକ ପକାଇ ଶୋଇଲେ। ବିଦୁଷୀ ଶଯ୍ୟାରେ ପଡିବା ମାତ୍ରେ ଶାନ୍ତିରେ ଶୋଇ ପଡ଼ିଥିଲେ । ବିଦୁଷୀ ନିଦ୍ରା ଯିବା ଭାବନାରୁ ଜଣାପଡୁଥିଲା, ସେ ଶାନ୍ତିରେ ଆନନ୍ଦରେ ଶୋଇଛନ୍ତି । ଅପରପକ୍ଷରେ ସାଧୁ ଖଟିଆରେ ଗଡପଡ ହେଉଛନ୍ତି ସିନା ଶୋଇ ପାରୁ ନାହାଁନ୍ତି । ସାଧୁଙ୍କୁ ଦାନରେ ମିଳିଥିବା ମୋଟା ଅର୍ଥର କୋମଳ ଶଯ୍ୟା ଅତି ସୁନ୍ଦର । ସେ ସେଥିରେ ଶୋଇବାର ଅଭ୍ୟସ୍ତ । ତେଣୁ ସେ ରାତି ସାରା ଶାନ୍ତିରେ ଶୋଇ ପାରିନଥିଲେ । ଏବଂ ବିଦୁଷୀଙ୍କ ବିଷୟରେ ସେ ଚିନ୍ତା କରୁଥିଲେ । ବିଦୁଷୀ ଏହି କଠିନ ମାଟିରେ ତଳେ କେମିତି ଏତେ ଶାନ୍ତିରେ ଶୋଇପାରିଲେ ? ସେ କଥା ଭାବିଲେ । ପରଦିନ ସକାଳ ହେବା ମାତ୍ରେ, ସାଧୁ ବିଦୁଷୀଙ୍କୁ ପଚାରିଲେ - ତୁମେ ଏହି କଠିନ ଭୂମିରେ ଏତେ ଶାନ୍ତିରେ କେମିତି ଶୋଇପଡିଲ ? ବିଦୁଷୀ ଅତି ସରଳ ଭାବରେ ଉତ୍ତର ଦେଲେ, ହେ ଗୁରୁଦେବ ! ମୋ ପାଇଁ ମୋର ଏହି ଛୋଟିଆ କୁଡିଆଟି ଏକ ମହଲ ପରି ଭବ୍ୟ । ଏଥିରେ ମୋର ପରିଶ୍ରମର ସୁଗନ୍ଧ ଅଛି। ଯଦି ମୋତେ ଦିନରେ ଥରେ ବି ଭୋଜନ ମିଳେ, ତେବେ ମୁଁ ନିଜକୁ ଭାଗ୍ୟବାନ ମନେ କରେ । ଦିନର ବିଭିନ୍ନ କାର୍ଯ୍ୟ ସମାପ୍ତି ପରେ ଯେତେବେଳେ ମୁଁ ପୃଥିବୀ ଉପରେ ମାଟିରେ ଶୋଇଯାଏ, ସେତେବେଳେ ମୁଁ ମା'ର କୋଳରେ ଶୋଇବାର ଅନ୍ତରଙ୍ଗ ଅନୁଭବ କରେ । ମୁଁ ସାରା ଦିନ ମୋର ସତ୍ କର୍ମ ବିଷୟରେ ଚିନ୍ତା କରି ଶାନ୍ତିରେ ଶୋଇଯାଏ । ମୋତେ ଅନୁଭବ ହୁଏ ନାହିଁ ଯେ, ମୁଁ ଏହି କଠିନ ମାଟିରେ ଶୋଇଛି ବୋଲି । ଏସବୁ ଶୁଣି ସନ୍ଥ ଯିବାକୁ ବାହାରିଲେ । ତା'ପରେ ବିଦୁଷୀ ପଚାରିଲେ , ହେ ଗୁରୁବର ! ମୁଁ ଆପଣଙ୍କ ସହିତ ଆଶ୍ରମ ପାଇଁ ଅର୍ଥ ସଂଗ୍ରହ କରିବାକୁ ଯାଇପାରିବି କି ? ସାଧୁ ବିନମ୍ରତାର ସହ ଉତ୍ତର ଦେଲେ, ବିଦୁଷୀ ! ଆଜି ତୁମେ ମୋତେ ଯେଉଁ ଜ୍ଞାନ ଦେଲ, ସେଥିରୁ ମୁଁ ଜାଣିବାକୁ ପାଇଲି, ମନର ପ୍ରକୃତ ସୁଖ କେଉଁଠି ଅଛି । ମୁଁ ଆଉ ବିଳାସବ୍ୟସନର ଆଶ୍ରମ ଚାହୁଁନାହିଁ । ଏହା କହି ସାଧୁ ନିଜ ଗ୍ରାମକୁ ଫେରି ସଂଗୃହୀତ ଅର୍ଥ , ଗରିବ ଅସହାୟ ନିପିଡିତ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରିଦେଲେ, ନିଜେ ଏକ କୁଡ଼ିଆରେ ରହିବା ଆରମ୍ଭ କଲେ । ଏବଂ ମନର ବାସ୍ତବ ସୁଖ ଅନୁଭବ କଲେ... ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୭)

### ଦେବତାଗାଆଁ ଓ ବିଦ୍ୟାମନ୍ଦିର

ପିଲାଦିନେ ଶୁଣିଥିଲି.. ଆମଗାଆଁକୁ ଆଖପାଖ ଗାଆଁର ଲୋକେ, 'ଦେବତାଗାଆଁ' ବୋଲି କହୁଥିଲେ । ଏହା ଅଥାରେ ନୁହେଁ, ଖୁବ୍ ଗୁରୁତ୍ୱ ଦେଇ ସମ୍ମାନର ସହ ସେମାନେ ଉଚ୍ଚାରଣ କରୁଥିଲେ ।

ପରେ ଜାଣିପାରିଲି ଯେ ଆମ ଗାଆଁର କେତେଜଣ ବୈଷ୍ଣବ -ସାଧକ ପ୍ରତିଦିନ ଅଧିକାଂଶ ସମୟ ନାମ ଜପ, ନାମ କୀର୍ତ୍ତନ, ଓଡିଆରେ ଲିଖିତ ଶ୍ରୀଜଗନ୍ନାଥ ଦାସଙ୍କ ଭାଗବତ ଓ ବଙ୍ଗଳାରେ ଲିଖିତ ଶ୍ରୀଶ୍ରୀଚୈତନ୍ୟ ଚରିତାମୃତ ଓ ଅନ୍ୟାନ୍ୟ ପୋଥି ଏବଂ ପୁରାଣ ତଥା ଧର୍ମଗ୍ରନ୍ଥ ପାଠରେ ସମୟ ଅତିବାହିତ କରୁଥିଲେ । ସେମାନେ ସଦଗୁରୁଙ୍କ ପାଖରୁ ବୈଷ୍ଣବ ମନ୍ତ୍ରରେ ଆଶ୍ରିତ ହୋଇ ଗୁରୁ ପ୍ରଦର୍ଶିତ ମାର୍ଗରେ ନିଜ ଜୀବନର ଦୈନନ୍ଦିନ କାର୍ଯ୍ୟଧାରାକୁ ଗତିଶୀଳ କରାଉଥିଲେ । ବର୍ଷସାରା ବିଭିନ୍ନ ବୈଷ୍ଣବ ପର୍ବପର୍ବାଣୀ ଯେପରିକି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଗିରିଗୋବର୍ଦ୍ଧନ ପୂଜା, କାର୍ତ୍ତିକ ବ୍ରତ ପାଳନ, ପ୍ରତିମାସ ଦୁଇଟି ଏକାଦଶୀରେ ଉପବାସ ପାଳନ ଇତ୍ୟାଦି କାର୍ଯ୍ୟ ଅବଶ୍ୟ କରୁଥିଲେ । ଜୀବନର ଶେଷଯାଏ ସେମାନଙ୍କ ଗତିପଥ ପରିବର୍ତ୍ତିତ ହୋଇନଥିଲା । ମୋ ସମୟର କେତେଜଣ ବୈଷ୍ଣବାଚାରୀଙ୍କ ସଂପର୍କରେ ନିମ୍ନରେ ଉଲ୍ଲେଖ କରୁଛି ।

ସେମାନଙ୍କ ମଧ୍ୟରୁ ଜଣେଥିଲେ ଗଜେନ୍ଦ୍ର ନାଥ ଚନ୍ଦ। ପ୍ରତିଦିନ ବୈଷ୍ଣବୋଚିତ କର୍ମ କରୁଥିଲେ।ଏତଦ୍‌ବ୍ୟତୀତ ସେ ଜଣେ ସଂକୀର୍ତ୍ତନ ପ୍ରେମୀଥିଲେ । ଗାୟନ ଓ ବାଦନରେ ତାଙ୍କର ଦକ୍ଷତା ରହିଥିଲା । ଘରେ ଭାଗବତ ଗାଦୀ ଓ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ସ୍ଥାପନକରି ପୂଜା କରୁଥିଲେ । ବର୍ଷର ବିଭିନ୍ନ ସମୟରେ ଯାତ୍ରୀମାନଙ୍କୁ ଶ୍ରୀବୃନ୍ଦାବନ, ଗୋପ , ମଥୁରା ଓ ଗୟା ଇତ୍ୟାଦି ତୀର୍ଥସ୍ଥାନକୁ ନେଇଯାଉଥିଲେ। ସାଥିରେ ଖୋଳ ଓ କରତାଳ ନେବାକୁ ଭୁଲୁନଥିଲେ । ଆଜିଠୁ ଦୀର୍ଘବର୍ଷ ତଳେ ସେଇଭଳି ଭାବରେ ତୀର୍ଥଯାତ୍ରୀ ନେଇ ଶ୍ରୀବୃନ୍ଦାବନ ଯାଉଥିଲେ । ଶେଷ ଦିନରେ ହଠାତ୍ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲେ ଯେ ଆଜିଯାଏ ବି ତାଙ୍କର ସନ୍ଧାନ ମିଳିନି । ସେ ହଜିଯିବାର ବାରବର୍ଷ ପରେ ତାଙ୍କର ପରିବାର ଲୋକେ ଶୁଦ୍ଧକ୍ରିୟା କର୍ମ କରିଥିଲେ ।

ଆଉ ଜଣେ ଥିଲେ ପଞ୍ଚାନନ ସାମଲ । ସେ ଦଶମ ସଂସ୍କାର ହୋଇଥିଲେ । ସେ ମଧ ଦିନେ ହଠାତ୍ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲେ । ଆଜିଯାଏ ସେ ଫେରି ଆସି ନାହାନ୍ତି ।

ତାଙ୍କର ସବାସାନ ଭାଇ ଓ ମୋର ସହପାଠୀ ଅଜୟ କୁମାର ସାମଲ ମଧ ବୈଷ୍ଣବାଶ୍ରୀତ ହୋଇଥିଲେ । ଅବସର ନେବାପରେ ପ୍ରତିବର୍ଷ ସେ ଶ୍ରୀନବଦ୍ୱୀପ ଧାମ ପରିକ୍ରମାରେ ଯାଉଥିଲେ । କିଛିବର୍ଷତଳେ ସେହି ଉଦ୍ଦେଶ୍ୟରେ ଗାଆଁର ଆଉ କେତେଜଣଙ୍କ ସହିତ ସେଠାକୁ ଯାଇଥିଲେ । ସେଇଠୁ ସେ ମଧ ଦିନେ କୁଆଡେ ଚାଲିଗଲେ ଯେ ଦୀର୍ଘବର୍ଷପରେ ବି ତାଙ୍କର ସନ୍ଧାନ ମିଳିନି ।

ଦୀର୍ଘ ଷାଠିଏ ବର୍ଷରୁ ଅଧିକ ସମୟଧରି ବୈଷ୍ଣବ ରୀତିନୀତି ଅନୁସରଣକରି ଶେଷ ଜୀବନରେ ପଞ୍ଚମ ସଂସ୍କାର ହୋଇ ଦେହରକ୍ଷା କରିଥିଲେ ଗଣେଶ ଚନ୍ଦ୍ର ଜେନା । ଜଣେ ଭଲ ମଣିଷ ଭାବରେ ସେ ସୁପରିଚିତ ଥିଲେ । ଆମ ଗାଆଁରେ ଶ୍ରୀଭାଗବତ ଗାଦୀ ଓ ଶ୍ରୀରାଧାକୃଷ୍ଣ ବିଗ୍ରହ ପ୍ରତିଷ୍ଠା ତଥା ମନ୍ଦିର ନିର୍ମାଣରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା । ତାଙ୍କର ପ୍ରେରଣାରେ ଗ୍ରାମର ଅଧିକାଂଶ ଲୋକ କାର୍ତ୍ତିକ ବ୍ରତ ପାଳନ କରୁଥିଲେ । ତାଙ୍କର ଅବର୍ତ୍ତମାନରେ ମଧ ଏବେବି ସେ ପରମ୍ପରା ଅବ୍ୟାହତ ରହିଛି । ଭାଗବତ ଟୁଙ୍ଗିରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ ଓ ନାମ ସଂକୀର୍ତ୍ତନ କରାଯାଏ । ଏବେ କାର୍ତ୍ତିକ ମାସରେ ଯେକୌଣସି ଲୋକ ଆମଗାଁକୁ ଆସିଲେ ନିଶ୍ଚିତଭାବରେ ସେ ଆଧ୍ୟାତ୍ମିକ ପରିବେଶ ଲକ୍ଷ୍ୟ କରିପାରିବ ।

ଏବେ ଶ୍ରୀ ସୁଧୀର କୁମାର ଦାସ, ହେମନ୍ତ କୁମାର ଦେ ଓ ଯତୀନ୍ଦ୍ର ନାଥ ଜେନା ପ୍ରଭୃତି ସେଇ ପଥରେ ପଥିକ ହୋଇଛନ୍ତି ।

ଆଧ୍ୟାତ୍ମିକ ସାଧନା ଦିଗକୁ ବାଦ୍ ଦେଲେ ମୁଁ ଦେଖିଛି ମୋ ପିଲାଦିନଠୁ ଦୀର୍ଘବର୍ଷଯାଏ ଆମ ଗାଁର ବୟସ୍କ ଲୋକେ ଅନ୍ୟଗାଆଁର ଲୋକମାନଙ୍କ ଗୋଳମାଳ ମିମାଂଶା କରିବାପାଇଁ ନିମନ୍ତ୍ରିତ ହୋଇ ପଞ୍ଚାୟତଦାର ଭାବରେ ଯାଉଥିଲେ । ନ୍ୟାୟ ବିଚାର କରିବାରେ ସେମାନେ ଦକ୍ଷ ଥିଲେ ଯଦିବା ଆନୁଷ୍ଠାନିକ ଶିକ୍ଷାଗତ ଯୋଗ୍ୟତା କାହାରି ବିଶେଷ ନଥିଲା ବା ଆଦୌନଥିଲା । ସେମାନେ ଥିଲେ ତ୍ରିଲୋଚନ ଦାସ, ଚିନ୍ତାମଣି ଜେନା, ସୁରେଶ ଚନ୍ଦ୍ର ଦେ, ତ୍ରିଲୋଚନ ପାତ୍ର, ରାଜକିଶୋର ଜେନା, ପ୍ରଭୃତି ।

ପଞ୍ଚାୟତ ରାଜ ବ୍ୟବସ୍ଥା ପ୍ରବର୍ତ୍ତନର ଆଦ୍ୟକାଳରେ ଚମାରଗାଁ ଗ୍ରାମ ପଞ୍ଚାୟତର ପ୍ରଥମ ସରପଞ୍ଚ ଭାବରେ ନିର୍ଦ୍ଦୋନ୍ଦରେ ନିର୍ବାଚିତ ହୋଇଥିଲେ ଶ୍ରୀ ତ୍ରିଲୋଚନ ଦାସ । ସେତେବେଳେ ଚମାରଗାଆଁ ଗ୍ରାମ ପଞ୍ଚାୟତରେ ଆଜିର ସମଗ୍ର ଶିଖରପୁର ,ବରଡିହା ଓ ଚମାରଗାଆଁ ଗ୍ରା:ପ:ର ଅର୍ଦ୍ଧେକ ଅନ୍ତର୍ଭୁକ୍ତ ଥିଲା ।


ସେହିପରି ଅବିଭକ୍ତ ଜଳେଶ୍ୱର ଥାନାରେ ପ୍ରଥମେ ସ୍ୱାଧୀନତା ଆନ୍ଦୋଳନର ସୂତ୍ରପାତ କରିଥିଲେ ଆମରି ଗାଆଁର କୃଷ୍ଣପ୍ରସାଦ ଜେନା ୧୯୨୨ ମସିହାରେ । ୧୯୩୯ ମସିହାରେ ଆମ ଗାଆଁରେ 'କର୍ମୀତାଲିମ ଓ ସୂତାକଟା କେନ୍ଦ୍ର' ଡ: ହରେକୃଷ୍ଣ ମହତାବଙ୍କ ପରାମର୍ଶ କ୍ରମେ ଆରମ୍ଭ ହୋଇଥିଲା। (ପରେ ବିସ୍ତୃତ ଭାବରେ ଆଲୋଚନା କରିବି)।

ଆମ ଗାଁର ଚିନ୍ତାମଣି ଜେନା ବାଉଁଶ ଲଠାବାଡିରେ ଏକର ଏକର ଜମି ମାପକରି ତାର ପରିମାଣ ନିର୍ଭୁଲ ଭାବରେ ନିର୍ଦ୍ଧାରଣ କରିପାରୁଥଲେ ।

ଏହିସବୁ କାରଣରୁ ବୋଧହୁଏ ଅନ୍ୟଗ୍ରାମର ଲୋକେ ଆମ ଗାଆଁକୁ 'ଦେବତା ଗାଆଁ' ବୋଲି କହୁଥିଲେ ।-

(ଖ)ବିଦ୍ୟାମନ୍ଦିର....

ଯଦିବା ମୋ ପିଲାଦିନେ ଆମ ଗାଆଁରେ କେବଳ ଉଚ୍ଚପ୍ରାଥମିକ ବିଦ୍ୟାଳୟଟିଏ ଥିଲା, ତେବେବି ଆମ ଗାଆଁର ମନ୍ମଥନାଥ ନାଥ ଦାସ ବି.ଏ.ବିଇଡି , ପ୍ରଭାକର ଦାସ ବିଏସି.ବିଇଡି,



ସୁଧିର କୁମାର ଦାସ ଏମ୍.ଏ., ବିଜୟ କୁମାର ସାମଲ ବି.ଏ.ବିଇଡି, ପ୍ରତାପ ଚନ୍ଦ୍ର ଦାଶ ସଂସ୍କୃତ ବିଶାରଦ, ସୁବାସ ଚନ୍ଦ୍ର ଦାଶ, ବିଏସ.ସି ବିଇଡି, ବଙ୍କିମ ଚନ୍ଦ୍ର ସାମଲ, ସୁଧୀର କୁମାର ଜେନା , ପ୍ରଭୃତି ମେଟ୍ରିକ ପାଶ୍ କରି ଚାକିରି କରୁଥିଲେ । ସେହିପରି ଯଜ୍ଞେଶ୍ୱର ଦାସ ଡାକ୍ତର ଏବଂ ତାପରେ ହରେକୃଷ୍ଣ ଦାସ ଓ କ୍ଷିତିଶ ଚନ୍ଦ୍ର ଦାସ ଏମ୍.ଏ ଓ ଓକିଲାତି ପାଶ୍ କରି ଅଧ୍ୟାପକ ହୋଇଥିଲେ। ସ୍ୱର୍ଗତ କମଳଲୋଚନ ଦାସ ଏମ.ଏ., ଓ.ଏ.ଏସ. ହୋଇ ଏଡିଏମ୍ ଭାବରେ ଅବସର ନେଇଥିଲେ। ଏବେତ ଆମଗାଆଁର ସୁପୁତ୍ରମାନଙ୍କର ସଂଖ୍ୟା ଯଥେଷ୍ଟ ବୃଦ୍ଧିପାଇଛି ।

ମୁଁ ଦେଖିଛି ଆମ ଗାଆଁ ଆଖପାଖ ଅନେକ ଗାଆଁରୁ ପିଲାମାନେ ଆସି ଛାତ୍ରାବାସରେ ରହି ଉଚ୍ଚପ୍ରାଥମିକ, ମଧ୍ୟଇଂରାଜୀ ଓ ହାଇସ୍କୁଲରେ ଅଧ୍ୟୟନ କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ଜୀବନରେ ସୁପ୍ରତିଷ୍ଠିତ ହୋଇଥିଲେ।

ସେଇଥିପାଇଁ ବୋଧହୁଏ ଅନ୍ୟଗ୍ରାମର ଲୋକେ ଏହାକୁ 'ବିଦ୍ୟାମନ୍ଦିର' ବୋଲି କହୁଥିଲେ ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## କବିତାର କଥା...
# ସାମ୍ପ୍ରତିକ କବିତାରେ ଆତ୍ମ-ଅନୁଭବର ଉତ୍ତରଣ



ପତିତପାବନ ଗିରି

ଆଧୁନିକ ଓଡ଼ିଆ କବିତା ସାମ୍ପ୍ରତିକ ଜୀବନ- ଯନ୍ତ୍ରଣା ଓ ଆତ୍ମ-ଦହନର ଅନୁଭୂତିକୁ ଚମତ୍କାର ଉପସ୍ଥାପନ କରୁଛି । ଯେମିତି

(କ)'ଯିବି' ବେଳ ହେଲେ ଯିବି ଦିନେ/ ଦେଖି ଆସିବି କେମିତି ଉତୁରିବା ପାଇଁ ସଁ ସଁ ଅନାଦି କାଳର ପୋଷେ ପାଣି ! (କୁରୁସଭା, ହରପ୍ରସାଦ ଦାସ)

(ଖ) 'ମୁଁ ଗୋଟେ ଅଳସୁଆ କମାର/ ଗରମ ଲୁହାକୁ ପିଟିବା ଛାଡ଼ି/ ରସ ପାତିଆ ଉପରେ ଦେଖଉଛି ମରଦ ପଣ ।' (ନାଉ ଫୁଲ, ସେନାପତି ପ୍ରଦ୍ୟୁମ୍ନ କମାର)

(ଗ) 'ଦୁକ୍ ଦୁକ୍ ଦୁକ୍ ଦୁକ୍ ଅନ୍ୱୈତତାଳରେ/ ସ୍ୱନ୍ଦକୁ ଥାଏ ଜୀବନ ହରଦମ୍।' (ପ୍ଲାଟଫର୍ମ, ତ୍ରିନାଥ ସିଂହ)

(ଘ) 'ବାପାଙ୍କ ଦେହାନ୍ତ ପରର ଦୁଃଖ/ ବେକାର ବେକାର ହୋଇ କାଟୁଥିବା ଦିନ/ ପ୍ରତି ନିୟତ ଘଟୁଥିବା ଅଘଟଣରେ ପଚାରେ ଭଲ ମନ୍ଦ/ କେମିତି ଅଙ୍କୁରେ ନୃସିଂହ ?'

(ଅନୁରଂଗ ଆକାଶ, ନୃସିଂହ ତରାଇ)

(ଙ) ବିନା ମୃତ୍ୟୁରେ କିଏ କଣ ଠଉରେଇଛି କି/ ମଶାଣିର ନିର୍ମମ ସୋହାଗ ?

(ଅଭିମାନ କି ଅଭିଯୋଗ, ମିନାକ୍ଷୀ ଦ୍ୱିବେଦୀ)

(ଚ) ଭୋଗି ସରି ନଥିବା କେତେ କଣ ଦଶା- ମହାଦଶା ଏଠି ଅଗ୍ନି/ ମୁଁ ଜାଣିବି କେମିତି ? (ଅହଲ୍ୟା, ଫନୀ ମହାନ୍ତି)

ଏ ପୃଥିବୀରେ ମଣିଷର ସ୍ଥିତି ହିଁ ଏକ ନିଃସଙ୍ଗ ସ୍ଥିତି । କୁହାଯାଏ 'The state of existence is the state of estrangemt.' ନିଜ ଜୀବନର ଚରମ ଲାଞ୍ଛନା, ଉତ୍କଟ ଦାରିଦ୍ର୍ୟ, ବିଫଳତା, ଅବହେଳାକୁ ଯିଏ ଅବିକଳ ଲେଖିପାରେ, ତା' ଭିତରୁ ହିଁ ଜଣେ ପାଠକ ସତ୍ୟର ଜ୍ୟୋତିର୍ମୟ ରୂପ ଦେଖିପାରେ ।

ଜୀବନର କେତେ କଣ ଦେଖିବାକୁ
ନଚାହେଁ ଏ ମନ ?
ଜୀବନରେ କେତେ କଣ ହେବାକୁ
ଚେଷ୍ଟା କରିବ ଏ ଜୀବନ ?

ଏଠି, ଗୋଟେ ଫ୍ରଏଡୀୟ 'ଅହଂ' ସହିତ ସଂଚରି ଯାଏ ଯେମିତି କବିର ବର୍ଷାମନସ୍କ ଆବେଗ । 'ମୁଁ' ହୁଏ ପାଠକର ଚୋରା ଚୋରା ହସ, 'ମୁଁ ହୁଏ ଗୋଟେ ନିଷ୍କଳା ଗୁଣର ଯୀଶୁଖ୍ରୀଷ୍ଟ । 'ମୁଁ' ହୁଏ ମେଘ ଜର୍ଜର କୁରୁ ସଂହାର ଗୋଟେ ମହାବଳ ବାଘ । 'ମୁଁ' ହୁଏ ମହାନଦୀରେ ଧବ ଫରଫର କାଶତଣ୍ଡିର ଜ୍ୟୋସ୍ନାର ଜୁଆର । ସମଗ୍ର ବିଶ୍ୱ କାନ୍‌ଭାସରେ ମଣିଷ ଜାତିର ଉଦ୍ଦାମ କାମନାକୁ ନିଃଶେଷ କରି ଦେବା ପାଇଁ 'ମୁଁ' ଗୋଟେ ଅହଲ୍ୟା ପଥର, 'ମୁଁ' ଅଗସ୍ତିଙ୍କ ପରି ସାତୋଟି ସମୁଦ୍ରଙ୍କୁ ଶୋଷି ଦେବାରେ ସକ୍ଷମ । ମୁଁ' ହିଁ ମଶାଣିର ନିର୍ମମ ସୋହାଗ, 'ମୁଁ' ମଣିଷ ଜାତିର ଅବସୋସକୁ ନିଭାଇ ଦେବାରେ ମୃତ୍ୟୁର ଦୟାର୍ଦ୍ର ରୂପ ।

ସାମ୍ପ୍ରତିକ ଜୀବନ ଜିଜ୍ଞାସା, ଗୁଣ, ଯନ୍ତ୍ରଣା ତଥା ମାନବୀୟ ଆତ୍ମ ଦହନର କାରୁଣ୍ୟକୁ ଚମତ୍କାର କାବ୍ୟରୂପ ଦେବା ପରେ 'କୁରୁସଭା' 'ନାଉଫୁଲ' ପ୍ଲାଟଫର୍ମ, ସପ୍ତରଂଗ ଆକାଶ, ଅହଲ୍ୟା, ଗୋଟିଏ ଗୋଟିଏ ସୁନ୍ଦର ଆତ୍ମ--- - ଅଭିବ୍ୟକ୍ତି । ସତ୍ୟର ଚିତ୍ର ଚମତ୍କାର । ଏଠି ଜାଗତିକ ସତ୍ୟ ଉଦ୍‌ଘାଟିତ । କବି ଚରିତ୍ର ଏକ ପ୍ରଦର୍ଶନଶୀଳ ମଣିଷଟିଏ ମାତ୍ର । ବର୍ଷା କିମ୍ବା ସ୍ନାୟୁରେ ଉଦିତ ଜହ୍ନକୁ କେହି କଣ ଦେଖିପାରେ ? ହା-ହୁତାଶରେ ଅହଲ୍ୟାର --- ଜୀବନକୁ କିଏ କଣ ସାନ୍ତ୍ୱନା ଦେଇପାରେ ?

ଏ ଦୁନିଆରେ ସବୁଠି ତ ନିରାଶାର କୁରୁକ୍ଷେତ୍ର, ପ୍ରକୃତିର ବେଲାଳସେନୀ ରୂପ, ଚାରି ଆଡ଼େ ଧ୍ୱଂସର ଏରିଆ ବଣ । ଆଜି ସବୁଠି ଶ୍ରୀଜଗନ୍ନାଥଙ୍କ ଚକାଡୋଳା ପରି ସମୟ ଆମକୁ ଚାହିଁଛି । ସାମ୍ପ୍ରତିକ ଓଡ଼ିଆ ଜାତିର ଅସ୍ମିତା ସ୍ୱପ୍ନ, ଆଶା ଓ ବିଶ୍ୱାସ ସତେ କଣ ଲୁଚିଯାଇଛି ନା ଗୋଟେ ସମ୍ଭାବନାମୟ ସକାଳର ନୂଆ ଦ୍ୟୁତି ପୂର୍ବାଶାରେ ଫିଟି ପଡୁଛି ?

♥ କରଞ୍ଜିଆ, ମୟୂରଭଞ୍ଜ
ମୋ: ୭୬୦୬୯୯୫୬୯୯

# ଶିକ୍ଷାୟତନରେ ଶୃଙ୍ଖଳା




ଶ୍ୟାମ ସୁନ୍ଦର ସାମଲ

ପ୍ରତିଟି ଲୋକଙ୍କ ପାଇଁ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଉପଯୋଗୀ ଆବଶ୍ୟକତା। ବର୍ତ୍ତମାନର ସମୟରେ ସରକାରୀ ବିଦ୍ୟାଳୟ ସହ ଅନେକ ବେସରକାରୀ ବିଦ୍ୟାଳୟ ମଧ ଛତୁପରି ଖୋଲୁଛି। କେତେକ ସଫଳ ହୋଇଥିବାବେଳେ ଆଉ କେତେକ ବିଫଳତା ସହିତ ଅନେକ ବିଶୃଙ୍ଖଳାକୁ ନେଇ ସମାଜରେ ନିନ୍ଦିତ ହେବା ସହ ସେହି ଶିକ୍ଷାୟତନର ନାମରେ କଳଙ୍କ ବି ଲାଗୁଛି। ତେବେ ଏସବୁ ଭିତରେ କିଛି ଆଧାତ୍ମିକ ଚେତନାଦାୟୀ ଶିକ୍ଷାୟତନ ସୁନାମ ଅର୍ଜନ କରିବା ସହ ଯଥାର୍ଥରେ ଶିକ୍ଷାକୁ ଏକ ସେବା ଭାବେ ଗ୍ରହଣ କରିଛନ୍ତି। କେବଳ ଓଡ଼ିଶାରେ ନୁହେଁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଆଶୀର୍ବାଦରେ ସଂଗଠନର ପ୍ରତ୍ୟକ୍ଷ ଓ ପରୋକ୍ଷ ପରିଚାଳନାରେ ଅନେକ ବିଦ୍ୟାଳୟ ଖୋଲିଛି। ଏହି ବିଦ୍ୟାଳୟର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ଭିତରେ ମାନବୀୟ ମୂଲ୍ୟବୋଧ ଓ ଶିକ୍ଷାମୂଲ୍ୟବୋଧ ସହ ସମାଜ ସେବା ପାଇଁ ସେମାନଙ୍କୁ ଜଣେ ଜଣେ ଆଧାତ୍ମିକ ବ୍ୟକ୍ତିତ୍ୱ ଭାବେ ପ୍ରତିଷ୍ଠା କରାଇବା। ଓଡ଼ିଶାରେ କଟକ କଳାବିକାଶ କେନ୍ଦ୍ର ମାର୍ଗସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟାଳୟ ୧୯୮୮ରୁ ପ୍ରତିଷ୍ଠା ହୋଇଛି। ଏହି ବିଦ୍ୟାଳୟର ପ୍ରମୁଖ କର୍ମକର୍ତ୍ତା, ପରାମର୍ଶଦାତା ଓ ଏହାର ପରିଚାଳନା ମଣ୍ଡଳୀରେ ସଂଗଠନର ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେବେ ଏକ ଅପ୍ରତ୍ୟାଶିତ ଓ ଦୁର୍ଭାଗ୍ୟଜନକ ଘଟଣାକ୍ରମେ ସଂଗଠନର ଅନ୍ତର୍ଗତ ଷ୍ଟେଟ ଟ୍ରଷ୍ଟ ଓଡ଼ିଶା ନିର୍ଦ୍ଦେଶରେ ବିଦ୍ୟାଳୟର ମ୍ୟାନେଜର ଦୁଇଜଣ ଶିକ୍ଷକ ମଦନମୋହନ ନାୟକ, ଦେବରଞ୍ଜନ ମିଶ୍ର ଓ ଲାଇବ୍ରେରିଆନ ଲିପିକା ସିଂହଙ୍କୁ ବିଦ୍ୟାଳୟରୁ ଟର୍ମିନେଟ କରିଛନ୍ତି। ବିଶୃଙ୍ଖଳିତ ଆଚରଣ ସହ ଶିକ୍ଷା ପ୍ରଦାୟକ ପରିଚାଳନାରେ ତ୍ରୁଟି ବିଚ୍ୟୁତି ଏହିପରି ଅନେକ ଦାଗ ଅନେକ ସମୟରେ ବିଭିନ୍ନ ଶିକ୍ଷକ ମାନଙ୍କ କ୍ଷେତ୍ରରେ ଦେଖାଯାଏ। ତେବେ ସତ୍ୟସାଇ ବିଦ୍ୟାଳୟର ଏହି ତିନିଜଣ ଶିକ୍ଷକ ଓ ଲାଇବ୍ରେରିଆନ ସମ୍ଭବତଃ ନିଷ୍ଠାଗତ ଆଚାରଣ ତ୍ରୁଟି ଓ ବିଦ୍ୟାଳୟରୁ ଦୃଷ୍ଟିକୋଣରୁ ଯୋଗ୍ୟବିବେଚିତ ନ ହେବାରୁ ସେମାନଙ୍କୁ ବିଦ୍ୟାଳୟରୁ ବିତାଡ଼ିତ କରାଯାଇଛି। ସତ୍ୟସାଇ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟଭାବେ ମାନ ଗୋବିନ୍ଦ ପ୍ରଧାନ, ସବିତା ତ୍ରିପାଠୀ, ଆବାହକ ଓ ସଭ୍ୟ ଆଇନଜୀବୀ ଗୌତମ ତ୍ରିପାଠୀ, ଅବକାଶ ମଲ୍ଲିକ, ଶ୍ରୀ ସତ୍ୟସାଇ ସମିତିର ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ, ସମିତିର ସକ୍ରିୟ ସଭ୍ୟ ଡାକ୍ତର ଦିଲ୍ଲୀପ କୁମାର ମହାରଣା, ସଞ୍ଜୀବ ମହାନ୍ତି, ଦିପ୍ତୀରଞ୍ଜନ ମହାପାତ୍ର, ବସନ୍ତ କୁମାର ହାତୀ, ଜିଲ୍ଲା ସଭାପତି ବିଚିତ୍ରାନନ୍ଦ ମହାନ୍ତି ଓ ମ୍ୟାନେଜର ଅମୀୟ ରଞ୍ଜନ କାନୁନଗୋ ପ୍ରମୁଖ ସମିତିର କର୍ମକର୍ତ୍ତା ଓ ସାଇ ଆଶ୍ରିତମାନେ ଏହି ପ୍ରସଙ୍ଗରେ ସମବେତ ହୋଇ ବିଦ୍ୟାଳୟରେ କୌଣସି ପ୍ରକାର ବିଶୃଙ୍ଖଳାକୁ ଗ୍ରହଣ କରାଯିବ ନାହିଁ ଓ ସର୍ବୋପରି ଶ୍ରୀ ସତ୍ୟସାଇ ସେବା ସଂଗଠନ ଓ ଶ୍ରୀ ସତ୍ୟସାଇ ସେବା ସମିତି କଟକର ସମସ୍ତ ନୈତିକ ମୂଲ୍ୟବୋଧ, ଆଚରଣକୁ ସାମାନ୍ୟତମ ଅପମାନ ଲାଗିବାରେ ଗ୍ରହଣ କରାଯିବ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି।

ବାସ୍ତବିକ ବିଦ୍ୟାଳୟ ପରି ମଣିଷ ଗଢ଼ା କାରଖାନାରେ ଯଦି ଏପରି ଦୁଃଖଦ ସଂଗୀନ ପରିସ୍ଥିତି ସୃଷ୍ଟି ହେବ ତାହା ଯେତିକି ଦୁଃଖପୂର୍ଣ୍ଣ ତତୋଧିକ ପରିମାଣରେ ମାନବିକତାକୁ ଧିକାର କରୁଛି। ଏହି ବିଦ୍ୟାଳୟରେ ଯଥେଷ୍ଟ ପୂର୍ବରୁ ବିଦ୍ୟାଳୟର ୟୁନିଫର୍ମ ଥିଲେ ମଧ ଶିକ୍ଷକ, ଶିକ୍ଷୟିତ୍ରୀମାନେ ମଧ ୟୁନିଫର୍ମ ପିନ୍ଧନ୍ତି ନାହିଁ। ସଂଗଠନର ସମସ୍ତ ଆଧାତ୍ମିକ ଓ ସେବା କାର୍ଯ୍ୟକ୍ରମରେ ବାଳବିକାଶ ଛାତ୍ରଛାତ୍ରୀମାନେ ଯେଉଁ ପ୍ରକାର ଭୂମିକା ଗ୍ରହଣ କରନ୍ତି ତାହା ଶ୍ରୀସତ୍ୟସାଇ ବିଦ୍ୟାଳୟର ଶିକ୍ଷା ଦକ୍ଷତାର ପରିଣାମ। କିନ୍ତୁ କିଛି କତିପୟ ଓ ହାତଗଣତି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଅଭିଭାବକ, ଶିକ୍ଷାବିତ ସର୍ବୋପରି ସମାଜକୁ ଶ୍ରୀସତ୍ୟସାଇ ବିଦ୍ୟାଳୟ ପରିଚାଳନା କମିଟିକୁ ଉତ୍ତର ଦେବାକୁ ପଡୁଛି। ସହରର ଏକ ପ୍ରତିଷ୍ଠିତ ଓ ଆଦର୍ଶ ବିଦ୍ୟାଳୟ ଭାବେ ଏହି ଅନୁଷ୍ଠାନର ଅନେକ ଗୌରବ ରହିଛି। ବିଦ୍ୟାଳୟ ପରିସରରେ ସାଇ ମନ୍ଦିର ରହିଥିବାରୁ ପ୍ରତି ଗୁରୁବାର ସମେତ ବର୍ଷର ବିଭିନ୍ନ ଦିନରେ ଶିକ୍ଷା ପ୍ରଦାୟକ ନୈତିକ ସୃଷ୍ଟିକାରୀ ଓ ମୂଲ୍ୟବୋଧ ସମ୍ପର୍ଣ୍ଣ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ଯେଉଁଥିରେ ପିଲାମାନେ ସେମାନଙ୍କ ଅଭିଭାବକମାନଙ୍କ ସହ ଯୋଗ ଦେଇ ଅନେକ ଶିକ୍ଷା ସେବା ମନୋଭାବ ଗ୍ରହଣ କରନ୍ତି। ଆଜିର ବସ୍ତୁବାଦୀ ଓ ଦେଖେଇ ହେବାର ତଥାକଥିତ ସମୟରେ କିଛି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମ୍ନତମ ଆଚରଣ ତମାମ ଶିକ୍ଷା ସମାଜକୁ କଳୁଷିତ କରୁଛି। ଶିକ୍ଷା ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାରୁ ଏଥିରେ ସାମାନ୍ୟ ତ୍ରୁଟି ବିଚ୍ୟୁତି ଓ ଜୀବନ ଶିକ୍ଷାର ମୂର୍ତ୍ତିମନ୍ତ ଗୁରୁ ଭଗବାନତୁଲ୍ୟ କିଛି ଶିକ୍ଷକ ଶିକ୍ଷୟିତ୍ରୀ ଯେତେବେଳେ ନିଜ ନୈତିକ ମୂଲ୍ୟବୋଧ ଓ ଦାୟିତ୍ୱରେ ଅବହେଳା ବା କଳଙ୍କର ଦାଗ ଲଗାନ୍ତି ଏହାଦ୍ୱାରା ସମାଜକୁ କେଉଁ ପରି ବାର୍ତ୍ତା ଯାଇଥାଏ ତାହା ସହୃଦୟ ପାଠକମାନେ ବୁଝିପାରୁଥିବେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ କେଉଁ ପ୍ରକାର ଶିକ୍ଷା ଗ୍ରହଣ କରିବେ ଏହା ସେମାନଙ୍କ ପାଇଁ ଏକ ବଡ଼ ଦୁଃଖଦ ଭାବନା ନିଶ୍ଚୟ। ଶିକ୍ଷାୟତନରେ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ, ଆଦର୍ଶ ମୂଲ୍ୟବୋଧର ସମ୍ମାନ ରହୁ ଆଉ ଗୁରୁମାନେ ଯଥାର୍ଥ ଭାବେ ଭଗବାନଙ୍କ ପ୍ରତୀକ ଭାବେ ପୂଜାର୍ଚ୍ଚନ ଯୋଗ୍ୟ ହେବେ।

♥ ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ,
(ମୋ) : ୯୭୭୮୬୩୫୯୨୬

# ନିଆରା ସଂପର୍କ



ରବିନାରାୟଣ ପଟ୍ଟନାୟକ

ଭାଇ ଭଉଣୀ ସଂପର୍କ ଦୁନିଆର ସବୁଠୁ ନିଆରା ସଂପର୍କ । ବେଳେ ବେଳେ ଲାଗେ ଭଗବାନ୍ ସୃଷ୍ଟି ତିଆରି କଲା ବେଳେ ନିଶ୍ଚିନ୍ତ ଭାବିଥିବେ ବାପା ମା ସବୁ ବେଳେ ସମସ୍ତଙ୍କ ପାଖରେ ରହିପାରିବେ ନାହିଁ । ତେଣୁ ଏହି ସୃଷ୍ଟୀ ଭାଇ ଭଉଣୀ ସଂପର୍କ ତିଆରି କରିଛନ୍ତି ସୁଖ ଦୁଃଖ ବାଣ୍ଟିବା ପାଇଁ । କିନ୍ତୁ ଦୁଃଖର ବିଷୟ ଭାଇ ଭଉଣୀ ସମ୍ପର୍କ ଯାହା ସୃଷ୍ଟି କରିଥିଲେ ଦୁଃଖ ବାଣ୍ଟିବାକୁ ତାହା ଆଜି ସମ୍ପତ୍ତି ବାଣ୍ଟିବା ଭିତରେ ସୀମିତ ହୋଇଯାଇଛି ।

ଆଜି ସମୟ ରେ ସଂପର୍କ ମୂଲ୍ୟ ଯେମିତି ଆଉ କିଛି ନାହିଁ । ମଣିଷ ଖାଲି ଭଲ ଗାଡ଼ି ଭଲ ଘର ଏଇ ପଛରେ ପଡିଛି । ସଂପର୍କ ଯାହା ଭଗବାନ୍ ବନେଇଛନ୍ତି ମଣିଷ ଆଜି ତା। ଭିତରେ ନିଜର ଲାଭ କ୍ଷତି କୁ ହିସାବ କରୁଛି । ଯେମିତି ଆଜି ସଂପର୍କ ଭଲ ପାଇବା ନୁହେଁ ଲାଭ କ୍ଷତିରେ ଚାଲିଛି ।

ଗୋଟେ ଜାଗାରେ ଭାଇ ଭଉଣୀ ରହୁଥିଲେ। ଭଉଣୀ ବଡ଼ ଭାଇ ସାନ। ଦୁଇ ଜଣ ଦୁଇ ଜଣକୁ ବହୁତ୍ ଭଲ ପାଉଥିଲେ । ବାପା ମା ଯେହେତୁ ମରିଯାଇଥିଲେ ବଡ଼ ଭଉଣୀ ସାନ ଭାଇକୁ ବାପା ମାଙ୍କ ସ୍ନେହ ଦେଇକି ମଣିଷ କରୁଥିଲା । ଭଉଣୀ ସମସ୍ତଙ୍କ ଘରେ କାମ କରି ଭାଇର କିଛି ଅଭାବ ରଖେନି। ଏମିତି କିଛି ଜିନିଷ ନାହିଁ ଯାହା ତା ଭାଇ ତାକୁ ମାଗିଥିବ ଆଉ ଭଉଣୀ ତାକୁ ଦେଇନଥିବା। କେବଳ ସାନ ଭାଇକୁ ଟିକେ କମ୍ ଶୁଭେ ଯେହେତୁ ଦୁର୍ଘଟଣାରେ ତାର ଗୋଟେ କାନ କଟା ଯାଇଥିଲା। ସାନ ଭାଇ ଭଉଣୀକୁ ମା ପରି ଭଲ ପାଉଥିଲା ସବୁ ଦିନ ସ୍କୁଲ୍ ରେ ଯାହା ହୁଏ ସେଇଟା ଆସିକି ଭଉଣୀ କୁ କୁହେ । ସ୍କୁଲ୍ ରେ ବହୁତ୍ ଭଲ ପାଠ ପଢୁଥିଲା। ଶ୍ରେଣୀରେ ପ୍ରଥମ ହୁଏ । ସବୁ ବେଳେ ତା ଭଉଣୀକୁ କୁହେ ମୁଁ ବଡ଼ ହେଲେ ନିଶ୍ଚିତ ଡାକ୍ତର ହେବି । ସେଇ ସ୍କୁଲରେ ପଢୁଥିବା ଅଲଗା ପିଲା ରାଗ ରଖନ୍ତି ଯେହେତୁ ସେ ଭଲ ପାଠ ପଢେ ତା ସହିତ ସବୁଥିଲେ ପ୍ରଥମ ସ୍ଥାନ ଅଧିକାର କରେ । ଗୋଟେ ଦିନ ଯିଏ ଶ୍ରେଣୀରେ ଦ୍ୱିତୀୟ ହୁଏ ସେ ଚିଡେଇକି କହିଲା ତୁ ପ୍ରଥମ ହେଲେ କଣ ହେଲା ତୁ ତ ଅଣକାନୁଆ । ତୋର ଗୋଟେ କାନ ନାହିଁ। ତୁ ପ୍ରଥମ ହେଲେ କଣ ଲାଭ । ଏହା ତାକୁ ବହୁତ୍ ଖରାପ ଲାଗିଲା ସେ ସ୍କୁଲରୁ କନ୍ଦିକି ଘରକୁ ଆସିଲା ଆଉ ଭଉଣୀକୁ ସବୁ କହିଲା । ଭଉଣୀ ଯେତେ ବେଳେ ଡାକ୍ତର ପାଖକୁ ନେଇକି ଗଲା ଡାକ୍ତର କହିଲା ଜଣେ ଯଦି ତାକୁ କାନ ଦେବେ ତ। ହେଲେ ଯାଇକି ସେ କାନ ଲଗେଇ ପାରିବେ । ଯଦି ସେମିତି ମିଳିଲା ତେବେ ମୁଁ ଜଣେଇବି ବୋଲି ଡାକ୍ତର କହିଲେ । ଏହା ଶୁଣିକି ଭାଇ ଭଉଣୀ ନିରାଶ ହେଇକି ଘରକୁ ଫେରିଲେ । ଭାଇ ଆଉ ପାଠରେ ମନ ଦଉନଥାଏ । ସବୁ ବେଳେ ମନ ଦୁଃଖରେ ଥାଏ। ଗୋଟେ ଦିନ ଫୋନ ଆସିଲେ ଡାକ୍ତରଖାନାରୁ ଆଉ ଭାଇ ଫୋନ୍ ଧରୁ ଧରୁ ଡାକ୍ତର କହିଲେ କାନ ଯୋଗାଡ ହେଇଯାଇଛି । କିନ୍ତୁ ଯିଏ କାନ ଦବ ଗୋଟେ ସର୍ତ୍ତରେ କି ତା ପରିଚୟ କାହାକୁ ଦବାକୁ ମାନକରିଛି । ଏହାର କିଛି ଦିନ ପରେ ଡାକ୍ତରଖାନାକୁ ଅସିକି କାନ ଲଗା ହେଲା । ଏହା ପରେ ଭାଇର ଖୁସି ନ କହିଲେ ସରେ । ଭାଇ ଖୁସିରେ ଡାକ୍ତରଙ୍କୁ ପଚାରିଲା ଦୟାକରି ମତେ ତାଙ୍କୁ ଦେଖନ୍ତୁ ଯିଏ ମତେ କାନ ଦେଇଛନ୍ତି । ଡ଼ାକ୍ତର ହସିକି କହିଲେ ଗୋଟେ କଥା ପଚାରୁଛି କୁହ । ତୁମ ପାଇଁ ଏଇ ଦୁନିଆରେ ସବୁଠୁ ମହାନ୍ କିଏ ଉତ୍ତରରେ କହିଲା ମୋ ଭଉଣୀ ଡ଼ାକ୍ତର ସଙ୍ଗେ ଭଉଣୀ ପାଖକୁ ଗଲେ କାନକୁ ଓଢ଼ଣୀ ଗୋଡେଇ ଦେଇକି ଭଉଣୀ ଛିଡ଼ା ହେଇଥାଏ ସଙ୍ଗେ ସଙ୍ଗେ କାଢି ଦେଲେ ଭଉଣୀ ଗୋଟେ କାନ ନ ଥାଏ। ଭାଇ ସଙ୍ଗେ ସଙ୍ଗେ ଭଉଣୀ ଗୋଡ଼ ତଳେ ପଡ଼ିକି କାନ୍ଦି କାନ୍ଦି କହୁଥାଏ । ଭଗବାନ୍ ସମସ୍ତଙ୍କୁ ତୋ ପରି ଗୋଟେ ଭଉଣୀ ଦେଇଥାନ୍ତୁ।

ଭାଇ ଭଉଣୀ ସଂପର୍କ ବିଷୟରେ କହିବାକୁ ଗଲେ ଦୁନିଆର ସବୁଠୁ ମଧୁର ସଂପର୍କ । ଯୋଉଠି ଦବାକୁ ନ। ଡର ଥାଏ ନା ହରେଇବାକୁ କିଛି ଭୟ ଥାଏ । ପିଲା ବେଳୁ ବହୁତ୍ ସ୍ମୃତି ରହିଥାଏ । ଏମିତି ବହୁତ କଥା ଥାଏ ଯାହା ଭାଇ ଭଉଣୀ ଭିତରେ ଲୁଚିକି ରହିଥାଏ ବାପା ମାଙ୍କ ପଯ୍ୟନ୍ତ ପହଞ୍ଚେନି । କେବେ କେବେ ନିଜ ଭୁଲ୍‌କୁ ଅନ୍ୟର ଭୁଲ୍ ତାକୁ ମାଡ଼ ଖୁଆଉ କିନ୍ତୁ ସେ ମାଡ଼ ଖାଇଲା ବେଳେ କଷ୍ଟ ଆମକୁ ହୁଏ ।

♥ ପଟିଆ ଭୁବନେଶ୍ୱର ଓଡିଶା
ମୋ: ୯୯୩୮୧୧୩୨୨୬

# ନିର୍ବାଚନରେ ପ୍ରାର୍ଥୀମାନଙ୍କ ଦାୟିତ୍ୱ ସଚେତନତା ନେଇ ପର୍ଯ୍ୟବେକ୍ଷକମାନଙ୍କ ବୈଠକ



ଭଦ୍ରକ, ୧୮/୫ (ନି.ପ୍ର): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ଏକକାଳୀନ ସାଧାରଣ ନିର୍ବାଚନ ଅବସରରେ ଭଦ୍ରକ ଜିଲ୍ଲାର ୧ଟି ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ୫୪ଜଣ ପ୍ରାର୍ଥୀ, ସେମାନଙ୍କ ଏଜେଣ୍ଟ, ଆକାଉଣ୍ଟାଣ୍ଟ ଆଦିଙ୍କୁ ନିର୍ବାଚନୀ ନିୟମ ଅନୁପାଳନରେ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଅବଗତି ପାଇଁ ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଦୁଇ ସାଧାରଣ ପର୍ଯ୍ୟବେକ୍ଷକ ଭଗବତୀ ପ୍ରସାଦ କାଲାଲ ଏବଂ ଅଭିଚଲ ଚତୁର୍ବେଦୀ, ତିନି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆର୍.ଭି.ଅରୁଣ ପ୍ରସାଦ, ରଣବୀର ଭୌମିକ ଏବଂ ଜିତେସ୍ କୁମାର ଜୈନ ଯୋଗ ଦେଇଥିଲେ ।

ଅବାଧ, ମୁକ୍ତ, ନିରପେକ୍ଷ, ହିଂସାମୁକ୍ତ, ସ୍ୱଚ୍ଛ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ନିୟମ ପ୍ରଶାସନ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ପ୍ରାର୍ଥୀମାନେ ତାକୁ ଜାଣିବା ମଧ ସେତିକି ଜରୁରୀ । ବିଶୃଙ୍ଖଳା, ଅଘଟଣ ରହିତ ଶାନ୍ତିପୂର୍ଣ୍ଣ ତରିକାରେ ନିର୍ବାଚନ ହେଉ ଏହା ସମସ୍ତଙ୍କର କାମ୍ୟ । ଜିଲ୍ଲାପାଳ ଓ ଏସ୍.ପି. ତରଫରୁ ପ୍ରତିଟି ବିନ୍ଦୁ ଉପରେ ନଜର ରଖି ନିର୍ବାଚନ ପରିଚାଳନା ନେଇ ସୁନ୍ଦର ପ୍ରସ୍ତୁତି କରାଯାଇଛି ବୋଲି ପର୍ଯ୍ୟବେକ୍ଷକମାନେ ବୈଠକରେ ପ୍ରକାଶ କରିଥିଲେ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରାର୍ଥୀମାନଙ୍କ ତରଫରୁ ଏତେ ସଂଖ୍ୟାରେ ଉପସ୍ଥାନ ଯୋଗୁ ପର୍ଯ୍ୟବେକ୍ଷକମାନେ ସନ୍ତୋଷ ପ୍ରକାଶ କରିଥିଲେ । ନିର୍ବାଚନ ଜନିତ ଆଗାମୀ ସମସ୍ତ ବୈଠକରେ ସଂପୃକ୍ତ ପ୍ରାର୍ଥୀ, ଏଜେଣ୍ଟ ଓ ଆକାଉଣ୍ଟାଣ୍ଟମାନେ ସାମିଲ ହୋଇ ପ୍ରଶାସନ ସହିତ ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ନିର୍ବାଚନର ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ନିଜ ନିଜ ମଧରେ ସଦ୍‌ଭାବ ରକ୍ଷାକଲେ ଲୋକତନ୍ତ୍ରର ବଡ଼ ପର୍ବ ନିର୍ବାଚନ ପାଇଁ ଉତ୍ତମ ପରିବେଶ ସୃଷ୍ଟି ହୋଇପାରିବ ବୋଲି ମଧ ସେମାନେ ପ୍ରକାଶ କରିଥିଲେ । ଖ ଚ ର୍ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ଖର୍ଚ୍ଚ ପରିଚାଳନା ନେଇ ପ୍ରାର୍ଥୀମାନଙ୍କ ଦାୟିତ୍ୱ ଓ ହିସାବ ରଖିବା ତରିକା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଆକାଉଣ୍ଟରେ ଜ୍ଞାନ ଥିବା ଲୋକକୁ ଉକ୍ତ ଦାୟିତ୍ୱ ପ୍ରଦାନ, ରେଟ୍ ଚାର୍ଟ ଅନୁଯାୟୀ ହିସାବ ପରିଚାଳନା, ନିର୍ବାଚନୀ ଖର୍ଚ୍ଚ ପାଇଁ ପ୍ରାର୍ଥୀଙ୍କ ନାମରେ ଖୋଲାଯାଇଥିବା ସ୍ୱତନ୍ତ୍ର ଡ଼େଡ଼ିକେଟେଡ୍ ଆକାଉଣ୍ଟ ଜରିଆରେ ଖର୍ଚ୍ଚ କରିବା, ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚେକ୍ କିମ୍ବା ଡ଼ିମାଣ୍ଡ ଡ୍ରାଫଟ୍ ମାଧମରେ ସମସ୍ତ ଖର୍ଚ୍ଚ କରିବା, ଧାର୍ଯ୍ୟ ଦିନମାନଙ୍କରେ ହିସାବ ରେଜିଷ୍ଟର ତଦାରଖ କରାଇନେବା ଆଦି ସମ୍ବନ୍ଧରେ ତିନି ଖର୍ଚ୍ଚ ପର୍ଯ୍ୟବେକ୍ଷକ ବୃନ୍ଦ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ ।

ସଭା, ସମିତି, ଶୋଭାଯାତ୍ରା ଆଦି ପାଇଁ ପୂର୍ବରୁ ଅନୁମତି ନେବା ବାଧତା ମୂଳକ । ଏଥିପାଇଁ 'ସୁବିଧା' ଆପ୍‌ରେ ଆବେଦନ କରିପାରିବେ । ହୋର୍ଡ଼ିଂ, ବ୍ୟାନର, ପ୍ରାଚୀରପତ୍ର ଆଦି ମୁଦ୍ରଣରେ ମୁଦ୍ରକ, ପ୍ରକାଶକଙ୍କ ଫୋନ୍ ନମ୍ବର, ଠିକଣା, ମୁଦ୍ରଣ ସଂଖ୍ୟା ଉଲ୍ଲେଖ କରିବା, ହୋର୍ଡ଼ିଂ ଲଗାଇବା ପାଇଁ ଘରୋଇ ଜାଗାରେ ଜାଗା ମାଲିକଙ୍କ ଅନୁମତି ଓ ସରକାରୀ ଜାଗାରେ ସଂପୃକ୍ତ କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହୀ ଅଧିକାରୀ, ମ୍ୟୁନିସିପାଲିଟି ଆଦିଙ୍କ ପାଖରୁ ଅନୁମତି ନେବା ପାଇଁ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ରିଟର୍ଣ୍ଣିଂ ଅଧିକାରୀ ଭାବେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ. ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ । ଡ଼େପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ ବୈଠକର ଆୟୋଜନରେ ଆନୁସଂଗିକ ସହଯୋଗ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ନିର୍ବାଚନ ପ୍ରକ୍ରିୟାରେ ଷ୍ଟ୍ରଙ୍ଗରୁମ ସ୍ଥାନ, ପୋଷ୍ଟାଲ ବ୍ୟାଲଟ୍ ପେପର ପ୍ରିଣ୍ଟିଂ, ମଇ ୨୨ ରୁ ହେବାକୁ ଥିବା କମିଶନିଂ, ରାଣ୍ଡାମାଜେସନ୍ ପ୍ରକ୍ରିୟା, ପ୍ରାର୍ଥୀମାନଙ୍କ ନିର୍ବାଚନୀ ପ୍ରଚାର ପ୍ରସାରରେ ବ୍ୟବହୃତ ବିଭିନ୍ନ ଦ୍ରବ୍ୟର ରେଟ୍‌ଚାର୍ଟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ ।

## ନିୟତିର ଚକ୍ର ନିତ୍ୟ ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

କ୍ରୁର ବର୍ବରତାର ଶିକାରୀମାନେ ଘଟଣା ସଂଗଠିତ କରି ଚମ୍ପଟ ମାରିବା ବେଳେ ହେଉ କିମ୍ବା ଯୋଜନା କରିବା ସମୟରେ କାହିଁକି ଭଗବାନ ତ ସେମାନଙ୍କୁ କିଛି ଦଣ୍ଡ ଦେଇନଥାନ୍ତି ? ଚୋରଟିଏ ଲୁଟ କରିବାକୁ ଯାଉଛି, ବଳାତ୍କାରୀ ଜଣେ ବଳତ୍କାର କରିବାକୁ ଯାଉଛି କାହିଁ ସେ ସମୟରେ ତ ସେମାନେ କେଉଁଠି ଦୁର୍ଘଟଣାର ଶିକାର ହେଉନାହାଁନ୍ତି ? କେଉଁଠି କ୍ୱଚିତ ଦୁର୍ଘଟଣା ହେଉଥିବା ହେଲେ ଏଭଳି ଘଟଣା ଘଟିଲେ ଅପରାଧୀମାନେ ଅପରାଧ କରିବାକୁ ଭୟ କରିବେ । କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ହେଉ ବା ଦେବ ଦର୍ଶନ, ତୀର୍ଥଯାତ୍ରା ଅଧାବାଟରେ ଦୁର୍ଘଟଣାର ଶିକାର ହୋଇ ଆର ପାରିକୁ ଚାଲିଯିବାର ଖବର ଅନେକଙ୍କୁ ଯନ୍ତ୍ରଣା ବିଗ୍ଧ କରିଦିଏ । ଭଗବାନଙ୍କ ପ୍ରତି ଆସ୍ଥା ସେ ସମୟରେ ଦୋହଲି ଯିବା ମଧ ସ୍ୱଭାବିକ । ଯୁଗେ ଯୁଗେ ଭଗବାନ ଭକ୍ତର ଯେପରି ଉଦ୍ଧାର କରି ତାରଣ କର୍ତ୍ତା ସାଜିଥିଲେ ବର୍ତ୍ତମାନ ସମୟକୁ ଦେଖିଲେ ନୂଆ ଉଦାହରଣ ଅନୁଭବ ହେବ । ତୀର୍ଥଯାତ୍ରାରେ ଯାଉଥିବା ଢ଼େର ପରିବାରଙ୍କ ଜୀବନ ଦୀପ ମଧ ଲିଭିଯାଏ । ଦେଶକୁ ଲୁଟୁଥିବା, ସମାଜକୁ କୁପଥଗାମୀକୁ ନେଉଥିବା, ଅପରାଧରେ ଲିପ୍ତଥିବା, ବିଶ୍ୱାସରେ ବିଷ ଦେଇ ସମାଜରେ ତଥାକଥିତ ବଡ଼ପଣ୍ଡା ଦେଖାଉଥିବା ଚରିତ୍ର ମାନଙ୍କର ତ ସେପରି କିଛି ଦଣ୍ଡ ପାଇନଥାନ୍ତି । ବରଂ ସେମାନଙ୍କ ଭିତରୁ ଅନେକ ବେଶ ଭୋଗ ବିଳାସରେ, ଆନନ୍ଦ ମଉଜରେ ଜୀବନ ବିତାନ୍ତି । ରକ୍ତ ମାଂସର ମଣିଷ ଯେହେତୁ ଆମ ଭିତରେ ଈଶ୍ୱର ବିଶ୍ୱାସ, ଈଶ୍ୱର ସମର୍ପଣ ରହିଛି । କିନ୍ତୁ ମଣିଷର ଭାବ ପ୍ରବଣତା ସବୁବେଳେ ତାର ଜୀବନ ସହ ବନ୍ଧା । ଜଣେ ସ୍ୱଭାବିକ ମଣିଷଟିଏ ପାଇଁ ଅକାଳରେ ଏପରି ଅଜଣା ରାଇଜ, ଅଚିହ୍ନା ଲୋକଙ୍କ ମେଳରେ ଜୀବନ ଦୀପ ନିର୍ବାପିତ ହୋଇଯିବା ଅତ୍ୟନ୍ତ ବେଦନାସିକ୍ତ । ବିଧିର ବିଧାନ କେ କରିବ ଆନ ! ବ୍ୟାସକବି ଫକୀମୋହନ ବିଧାତାର ଲେଖନ ସମ୍ପର୍କରେ ଉଲ୍ଲେଖ କରିଥିବା ସ୍ମରଣୀୟ ଧାଡ଼ିଟି ମନେପଡ଼ିଯାଉଛି – 'ଅବଶ୍ୟ ସଫଳ ହେବ ବିଧାତା ଲେଖନ, ମାନବର ସାଧ୍ୟ କାହିଁ କରିବ ମେଣ୍ଟନ ? ଶୂନ୍ୟକୁମ୍ଭ ଜଳମଗ୍ନ କଲେ ବିକ୍ରମରେ ଶିଥିଳେ ଉଠେ ସେ ଭାସି ଦ୍ୱିଗୁଣ ବଳରେ । ଚିରଦିନ କା'ର ନଯାଏ ଏ ସମାନ, ନିୟତିର ଚକ୍ର ନିତ୍ୟ ଭ୍ରାମ୍ୟମାଣ' ।

+'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସରିଲା ଦ୍ୱିତୀୟ ପର୍ଯ୍ୟାୟ...

କେନ୍ଦ୍ର ମାଧ୍ୟମରେ ଭୋଟରମାନେ ନିଜର ମତାଧିକାର ସାବ୍ୟସ୍ତ କରିବେ । ଏଥିରୁ ୧୦୪୧ଟି ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ସେହିପରି ୨୫ଟି ସମ୍ପୂର୍ଣ୍ଣ ଭାବେ ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ୧୫୪୧ଟି ମଡେଲ ବୁଥ ସ୍ଥାପନ କରାଯାଇଛି । ଏହି ପର୍ଯ୍ୟାୟରେ ପ୍ରାୟ ୬୦ହଜାରରୁ ଅଧିକ ପୁଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି । ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ନିର୍ବାଚନ ରଣାଙ୍ଗନରେ ମୋଟ ୩୦୫ଜଣ ପ୍ରାର୍ଥୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୪୦ଜଣ ଲୋକସଭା ପ୍ରାର୍ଥୀ(୩୪ ପୁରୁଷ, ୬ ମହିଳା) ଏବଂ ୨୬୫ଜଣ ବିଧାୟକ ପ୍ରାର୍ଥୀ(୨୨୪ ପୁରୁଷ ଓ ୪୧ ମହିଳା) ପ୍ରାର୍ଥୀ ରହିଛନ୍ତି ।

### ୨୨ରେ ସୃଷ୍ଟି ହେବ ଲଘୁଚାପ...

ଏହାର ପ୍ରଭାବ ଓଡ଼ିଶା ଉପରେ କେବେ ପଡ଼ିବ ଓ ଏହା ପ୍ରଭାବରେ ଓଡ଼ିଶାରେ କେବେଠୁ ପାଗର ପରିବର୍ତ୍ତନ ହେବା ସହ ବର୍ଷା ହେବ ତାହା ଜଣାପଡ଼ିନାହିଁ । କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ଖରା ବଢ଼ିଛି । ଆସନ୍ତା ୨୦ ଓ ୨୧ ତାରିଖରେ ରାଜ୍ୟର କିଛି ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହାସହ ୨୦ ତାରିଖରେ ୬ ଜିଲ୍ଲା ୨୧ ତାରିଖରେ ୧୪ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### କଂଗ୍ରେସର ଶୋଭାଯାତ୍ରା ...

ମୋ ବିରୋଧରେ ଗୁଳିମାଡ଼ର ଅଭିଯୋଗ ଆଣିଥିବା ମୁଁ ଗଣମାଧ୍ୟରୁ ଜାଣିବାକୁ ପାଇଛି । ଜର୍ଣ୍ଣାଲି ସିଂହ ନାମ ଜଣେ କର୍ମୀ ଦଳ ପାଇଁ ସେଠାରେ କାମ କରୁଛନ୍ତି । ଗଣମାଧ୍ୟମରୁ ଜାଣିବା ପରେ ଗୁଳିମାଡ଼ କରିଥିବା ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସକୁ କହିଛି ।" ଜାତୀୟ ସ୍ତରରେ ଆପ୍ ଓ କଂଗ୍ରେସ ମେଣ୍ଟ କରିଥିଲେ ହେଁ ପଞ୍ଜାବରେ ଉଭୟ ଦଳ ଅଲଗା ଅଲଗା ନିର୍ବାଚନ ଲଢୁଛନ୍ତି । ଗୁଳିମାଡ଼ ସମ୍ପର୍କରେ ପୁଲିସ୍ କହିଛି ଯେ "ଗୁଳିମାଡ଼ରେ ଜଣେ ବ୍ୟକ୍ତି ଆହତ ହୋଇଛି । ଲାଗୁଛି ପୁରୁଣା ଶତ୍ରୁତାରୁ ଗୁଳିମାଡ଼ ହୋଇଛି । ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି । ଘଟଣାର ତଦନ୍ତ କରାଯାଉଛି ।" ଅମୃତସରରେ ବିଜେପି ପୂର୍ବତନ କୂଟନୀତିଜ୍ଞ ତରନଜିତ ସିଂହ ସାନ୍ଧୁଙ୍କୁ ଟିକେଟ ଦେଇଛି ।

### ତୃତୀୟ ପର୍ଯ୍ୟାୟ ନିର୍ବାଚନରେ...

ମଧ୍ୟରୁ ୧୦୦ ଜଣ ଅର୍ଥାତ୍ ୨୬%ଙ୍କ ନାମରେ ରହିଛି ଅପରାଧିକ ମାମଲା । ୮୬ ଜଣଙ୍କ ନାମରେ ରହିଛି ଗୁରୁତର ଅପରାଧ ମାମଲା । ୪ ଜଣଙ୍କ ନାଁରେ ହତ୍ୟା ମାମଲା ରହିଛି । ୨୬ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା ଥିବା ବେଳେ ୨୮ ଜଣଙ୍କ ନାମରେ ମହିଳା ବିରୋଧୀ ମାମଲା ରହିଛି । ଏମିତିକି ଜଣଙ୍କ ନାମରେ ଧର୍ଷଣ ମାମଲା ବି ଅଛି । କଟକ ବଡମ୍ବାରୁ ସମୃଦ୍ଧ ଓଡ଼ିଶା ପକ୍ଷରୁ ବିଧାୟକ ପ୍ରାର୍ଥୀ କୈଳାଶ ଚନ୍ଦ୍ର ନାୟକ ସବୁଠୁ ଗରିବ ବିଧାୟକ ପ୍ରାର୍ଥୀ । ତାଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୧ ହଜାର ଟଙ୍କା । ତୃତୀୟ ପର୍ଯ୍ୟାୟର ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣ ପ୍ରାର୍ଥୀ ସ୍କୁଲ ହତା ମାଡ଼ି ନଥିବା ବେଳେ ଅନ୍ୟ ଦୁଇ ଜଣ ପଞ୍ଚମ ବି ପାସ କରି ନାହାନ୍ତି ।

### ଓଡ଼ିଶାରେ ଜବତ ହେଲାଣି ୭୩ ...

କୋଟି ଟଙ୍କା । ସବୁଠାରୁ ଅଧିକ ବରଗଡ଼ରେ ୧ କୋଟି ୨୬ ଲକ୍ଷ ଟଙ୍କା, ସୁନ୍ଦରଗଡ଼ରେ ୪୦ ଲକ୍ଷ, ବଲାଙ୍ଗୀରରେ ୩୫ ଲକ୍ଷ, କନ୍ଧମାଳ ୩୬ ଲକ୍ଷ ଓ ଆସ୍କାରୁ ୧୩ ଲକ୍ଷ ଟଙ୍କାର କ୍ୟାସ ଜବତ ହୋଇଛି । ବରଗଡ଼ରୁ କେବଳ ୮୦ ଲକ୍ଷ ଟଙ୍କାର ମଦ ଜବତ ହୋଇଛି । ରାଜ୍ୟର ୯,୧୬୯ ମତଦାନ କେନ୍ଦ୍ରରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ମୋଟ ୭୯ ଲକ୍ଷ ୬୯ ହଜାର ୮୮୭ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ । ୧୦୪୧ଟି ବୁଥରେ ମହିଳା ପୋଲିଂ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ୨୫ଟି ବୁଥ ଚଡଉ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ଏଥର ୧୫୪୧ ଆଦର୍ଶ ବୁଥ କରାଯାଇଛି । ତେବେ ଏହି ପର୍ଯ୍ୟାୟରେ ୨୦% ସମ୍ବେଦନଶୀଳ ବୁଥ ରହିଛି । ଏହିଠାରେ ୧୦୨ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହେବେ । ସବୁଠାରୁ ଅଧିକ କନ୍ଧମାଳରେ ୨୨, ଗଞ୍ଜାମରେ ୨୦, ସୁନ୍ଦରଗଡରେ ୧୬, ବଲାଙ୍ଗୀର ଓ ବରଗଡ଼ରେ ୧୪ ଲେଖାଏଁ ।

### କିସ୍ ବିଦ୍ୟାଳୟ ପରିସରରେ....

ଅଭିଯୋଗ ପ୍ରସଙ୍ଗରେ କିସ୍ ପକ୍ଷରୁ ପ୍ରତିକ୍ରିୟା ମିଳିନଥିବା ବେଳେ ଏଭଳି ଘଟଣାର କାରଣ ସଂପର୍କରେ କିଛି ଜାଣିନାହୁଁ ବୋଲି ସ୍ଥାନୀୟ କିସ୍ ସ୍କୁଲ୍ କର୍ମଚାରୀ କହିଛନ୍ତି । ଲୁଣିବାହାଲ ଗାଁର କାଶୀନାଥ ସେଠୀ କହିଛନ୍ତି, ଏଇ ଜମିଟା ଗୋଚର ଥିଲା । ସେହି ଜମିରେ ସେମାନେ ରାସ୍ତା ଓ କୋଠା କଲେ । ଯେଉଁଥିପାଇଁ ଆମ ଗାଁର ଗୋରୁ ଗାଈମାନେ ଚରିପାରୁ ନାହାନ୍ତି । ଏଥିସହ ମଶାଣୀକୁ ଯିବା ପାଇଁ ଥିବା ରାସ୍ତା ବନ୍ଦ କରିଦେଲେ । ଯେଉଁଥିପାଇଁ ଆମେ ବହୁ ଅସୁବିଧାରେ ପଡୁଛୁ ବୋଲି କାଶୀନାଥ କହିଛନ୍ତି । ସେହି ଗାଁର ରବି ପ୍ରଧାନ କହିଛନ୍ତି, ଗୋଚର ଓ କିଛି ବ୍ୟକ୍ତିଗତ ଚାଷ ଜମିରେ ତିଆରି ହୋଇଛି କିସ୍ । ଏହି ଜମିକୁ ଘରବାରିରେ ରୂପାନ୍ତରିତ କରାନଯାଇ ଏତେ ବଡ଼ କୋଠା ଠିଆ ହେଲା କେମିତି ? ମନ୍ତ୍ରୀ ପ୍ରଦୀପ ଅମାତ ଓ ସ୍ଥାନୀୟ ସାଂସଦଙ୍କ ମଧୁଚନ୍ଦ୍ରୀକାରେ ଏପରି ଦୁର୍ନୀତି ଗ୍ରସ୍ତ କାର୍ଯ୍ୟ ହୋଇଛି ।

## କୋରାପୁଟ ଜିଲ୍ଲାରେ ୮୦.୭୨ ପ୍ରତିଶତ ମତଦାନ

ଜୟପୁର, ୧୮/୫ (ନି.ପ୍ର): କୋରାପୁଟ ଲୋକସଭା ଆସନ ସମେତ ଜିଲ୍ଲାର ପଟ୍ଟାଂଗୀ, କୋରାପୁଟ,ଲକ୍ଷ୍ମୀପୁର ଜୟପୁର ଏବଂ କୋଟପାଡ ୫ଟି ବିଧାନସଭା ଆସନରେ ହାରାହାରି ସର୍ବମୋଟ ୮୦.୭୨ ପ୍ରତିଶତ ଭୋଟ ଗ୍ରହଣ ହୋଇଥିବା ସୂଚନା ମିଳିଛି । ଏହି ନିର୍ବାଚନଟି ଅତି ଶାନ୍ତିଶୃଙ୍ଖଳାର ସହ ମତଦାତା ମାନେ ନିଜ ନିଜର ମତ ସାବ୍ୟସ୍ତ କରିଥିବା ଜଣାପଡିଛି । କିନ୍ତୁ କେତେକ ସ୍ଥାନରେ ଇଭିଏମ ଅଚଳ ହେବା ଓ ଯାଂନ୍ତ୍ରୀକ ସମସ୍ୟା ଯେଉଁ କେଉଁଠି ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା ତ ଆଉ କେଉଁଠି ମତଦାନ ଆରମ୍ଭ କରିବାର କିଛି ସମୟ ପରେ ଇଭିଏମ୍ କାମ ନ କରିବାରୁ ଭୋଟଦାନରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଫଳରେ ୧୩ ତାରିଖ ଦିନ ରାତିରେ ମଧ କିଛି ଅଂଚଳରେ ମତଦାନ ଜାରି ରହିଥିଲା ।

## କେନ୍ଦ୍ରୀୟ ନେତୃତ୍ୱଙ୍କ ଫୋକସରେ ବାଲେଶ୍ୱର ଲୋକସଭା



ବାଲେଶ୍ୱର, ୧୮/୫ (ନି.ପ୍ର): ଆଜି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ବାଲେଶ୍ୱର ଗସ୍ତରେ ଆସିଥିଲେ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସଡ଼କ ପଥରେ ବାଲେଶ୍ୱର ପହଞ୍ଚିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ହେଲିକପ୍ଟର ଯୋଗେ ନୋସି ହେଲିପ୍ୟାଡ଼ରେ ଦିବା ୧୨ଟା ସମୟରେ ଅବତରଣ କରିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ସମେତ ଅନେକ ବରିଷ୍ଠ ନେତୃତ୍ୱ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ସ୍ୱାଗତ କରି ଏକ ବିଶାଳ ଶୋଭାଯାତ୍ରାରେ ଲୋକସଭା କାର୍ଯ୍ୟାଳୟ ମାହେଶ୍ୱରୀ ଭବନ ପର୍ଯ୍ୟନ୍ତ ଆଣିଥିଲେ । ଏହାପରେ ଲୋକସଭା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀକୁ ସେମାନେ ସମ୍ବୋଧିତ କରିଥିଲେ । ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଆଗାମୀ ଦିନରେ କରଣୀୟ କାର୍ଯ୍ୟସୂଚୀ ଓ ବିଜୟର ମନ୍ତ୍ର ଦେଇଥିଲେ । ଲୋକଙ୍କ ଘରେ ଘରେ ମୋଦିଜୀଙ୍କ ବାର୍ତ୍ତା 'ଦୁଇଟି ପଦ୍ମ ଦୁଇଗୁଣ ବିକାଶ' ର ନାରା ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ । ଓଡ଼ିଶା ଏବେ ପରିବର୍ତ୍ତନ ମୁହାଁ, ଲୋକଙ୍କ ଏହି ଆବେଗକୁ ଭୋଟରେ ପରିବର୍ତ୍ତନ କରିବାକୁ ଆହ୍ୱାନ ଦେଇଥିଲେ । ସେମାନେ ଆହୁରି କହିଥିଲେ ଯେ ନବୀନ ସରକାରରେ ଓଡ଼ିଶା ଓ ଓଡ଼ିଆଙ୍କର ସାମଗ୍ରିକ ବିନାଶ ହୋଇଛି । ଯୁବା ବର୍ଗ ହତୋତ୍ସାହିତ, ମହିଳା ଶୋଷିତ ନିର୍ଯାତିତ, ଅପରାଧ, ଶିଶୁମୃତ୍ୟୁ ଶିଖରରେ, ଚାଷୀଙ୍କ ପାଇଁ ପରିବେଶ ଅନ୍ଧକାର । ଓଡ଼ିଆ ମନିଷୀ ମାନଙ୍କୁ ସମ୍ମାନ ମିଳୁନାହିଁ ତେଣୁ ଏ ସରକାରଙ୍କର ଆଉ ଗୋଟିଏ ମୁହୂର୍ତ୍ତ ଶାସନରେ ରହିବାର ନୈତିକ ଅଧିକାର ନାହିଁ । ଆଗାମୀ ନିର୍ବାଚନରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ପଦ୍ମ ଫୁଲରେ ଭୋଟ୍ ଦେଇ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଗଢ଼ିବାକୁ ଓଡ଼ିଶାର ଲୋକେ ମନସ୍ଥିର କରିସାରିଛନ୍ତି ବୋଲି କହିଥିଲେ । ଏହାପରେ ରେମୁଣା ବିଜେପିର ଏକ ବିଶାଳ ମିଶ୍ରଣ ପର୍ବରେ ଯୋଗଦେଇଥିଲେ । ରେମୁଣାର ପୁର୍ବତ୍ତନ ବ୍ଲକ୍ ଅଧକ୍ଷ ( ପୁର୍ବତନ ବିଜେଡ଼ି ବ୍ଲକ୍ ସଭାପତି ) ଗୋପିନାଥ ସେନାପତିଙ୍କ ନେତୃତ୍ୱରେ ବିଜେଡ଼ିର କାର୍ଯ୍ୟକାରିଣୀ ଉପସଭାପତି ମାୟାଧର ରାଉତ ଓ ଜଗବନ୍ଧୁ ପୁହାଣ, ପୁର୍ବତନ ବିଜେଡ଼ି ଜିଲ୍ଲା ଯୁବ ସଭାପତି ଶରତ ଚନ୍ଦ୍ର ରାଉତ, ବିଜେଡ଼ି ଯୁବ ନେତା ଶରତ କୁମାର ଦାସ ଓ ନାରାୟଣ ଦାସ, ବିଜେଡ଼ି ନେତା ଜୟନ୍ତ ପଣ୍ଡା, ଅଶୋକ କୁମାର କର, ରାମଚନ୍ଦ୍ର ନାୟକଙ୍କ ସମେତ ଶହେରୁ ଅଧିକ ବିଜେଡ଼ି କର୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଥିଲେ ।


Format C-1

(for candidate to publish in Newspapers, TV)

Declaration about criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate- Promod Kumar Mahapatra
Name of political party...Bharatiya Janata party (BJP)
(Independent candidates should write "Independent" here)
Name of Election:.........
Name of Constituency: 65-AC, Sonepur
1. Pramod Kumar Mahapatra (name of candidate), a candidate for the above mentioned election, declare for public information the following details about my criminal antecedents:

| (A) Pending criminal cases | | | | |
|---|---|---|---|---|
| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
| 1 | SDJM, onepur | GR case No. 30/2020 | pending | U/S 143,341,283,149 1PC |

| (B) Details about cases of conviction for criminal offences | | | |
|---|---|---|---|
| Sl. No. | Name of Court & date(s) of order(s) | Description of office(s) & punishment imposed | Maximum Punishment Imposed |
| NIL | NIL | NIL | NIL |

In the case of election to Council of States or election to Legislative Council by MLAs, mention the election concerned in place of name of constituency.

Note:

1. The particulars regarging criminal cases pending against the candidate shall be in bold letters.
2. The matter in newspapers shall be published in font size of at least 12.
3. Details should be given separately for each case in separate rows.
4. If a candidate is contesting an election on the ticket of a particular party, he/she is required to inform the party about the criminal cases pending against him/her.
5. The candidate shall report about publishing of declaration regarding criminal cases immediately after such publication to the Returning Officer. In addition, he shall submit a report about publishing of the declaration regarding criminal cases in Format C-4 along with the account of election expenses within 30 days of declaration of result of election. (a) In case of elections to the Lok Sabha and the Legislative Assemblies, this shall be submitted to District Election Officer concerned, (b) In case of elections to the Rajya Sabha and the State Legislative Council, this shall be submitted to the Returning Officer concerned.

**This may be published in Newspapers and TV from the day following the last date for withdrawal of candidature and up to two days before the date of poll.**


## ଯୁବ ଛାତ୍ର ଜନତା ଦଳ ତରଫରୁ ବିଜୟ ସଂକଳ୍ପ ସମାବେଶ



ବାରିପଦା, ୧୮/୫ (ନି.ପ୍ର): ବାରିପଦାସ୍ଥିତ ରଘୁନାଥପୁର ଗଣେଶ ମଣ୍ଡପରେ ଯୁବ ଛାତ୍ର ଜନତା ଦଳ ତରଫରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ହଜାର ହଜାର ଛାତ୍ର ଓ ଯୁବକଙ୍କ ଗହଣରେ ଦୁଇ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜଜିଲ୍ଲାର ସଂଗ୍ରାମୀ ନେତା ଲୋକସଭା ସାଂସଦ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି ଓ ବାରିପଦା ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀଯୁକ୍ତ ସାନନ୍ଦ ମାର୍ଣ୍ଡି ଯୋଗଦେଇ ଯୁବ ଓ ଛାତ୍ର କର୍ମକର୍ତାଙ୍କୁ ଉତ୍ସାହିତ କରିବାସହିତ କିପରି ସେମାନେ ନିଜେ ଦିନେ ଯୁବକ ଥିବା ସମୟରେ ରାଜନୀତି ରେ ପାଦ ଥାପି ଆଜି ଏତେ ବାଟ ଆସି ସଫଳ ରାଜନୀତି କରି ଜନସାଧାରଣଙ୍କ ସେବା କରିପାରିଛନ୍ତି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ତଥା ବିଜେଡି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବିକାଶଧାରାର ସଚୋଟ ସିପାହୀ ହୋଇ ଛିଡା ହୋଇପାରିଛନ୍ତି ବୋଲି ବକ୍ତବ୍ୟ ଦେଇଥିଲେ । ଉକ୍ତ ବିଜୟ ସଂକଳ୍ପ ସମାବେଶରେ ବାରିପଦା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ତଥା ଆମ ପ୍ରିୟ ସାନଦ ମାର୍ଣ୍ଡି ଙ୍କ ଦ୍ୱାରା ବିଜେପି ଦଳରୁ ଜିଲ୍ଲା ପରିଷଦ ରେ ଛିଡା ହୋଇଥିବା ପ୍ରାର୍ଥୀ ବିଜେପି ନେତା ଧନଞ୍ଜୟ ମହାନ୍ତ ତାଙ୍କ ଶହେରୁ ଉର୍ଦ୍ଧ ସମର୍ଥକ ଙ୍କ ସହିତ ବିଜେଡି ରେ ମିଶ୍ରଣ ହୋଇଛନ୍ତି କ୍ଷ ଏହି ବିଜୟ ସମାବେଶ କାର୍ଯ୍ୟକ୍ରମ ରେ ଅନ୍ୟ ମଞ୍ଚାସିନ ସମ୍ମାନିତ ଅତିଥି ଭାବେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଜିତେନ୍ଦ୍ର ମହାନ୍ତି ( ନଛି ), ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ ( ଟିଣି ),ବାରିପଦା ବ୍ଲକ ସଂଯୋଜକ ସରୋଜ ବୋଷ ( ବୁଲେଟ ), ବାରିପଦା ନିର୍ବାଚନ ମଣ୍ଡଳୀ ମିଡ଼ିଆ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ବାରିପଦା ବ୍ଲକ ସଭାପତି ଦିଲୀପ ପାତ୍ର, ମହିଳା ସଭାପତି ବାରିପଦା ବ୍ଲକ ଶ୍ରାବଣୀ ଦାସ, ସୁନିତା ବେହେରା, ଜିଲ୍ଲା ଛାତ୍ର ସଭାପତି ସୁନୀଲ କୁମାର ନାୟକ, ଯୁବ ବିଜେଡି ସଭାପତି ବରୁଣ ବରଡ଼,ଛାତ୍ର ଜୋନାଲ ସଭାପତି ଅବଦୁଲ ହବିବ, ଏମନେସ ପଣ୍ଡୁ, ଅଭାସ ଦେ, ଆଶ୍ରିବାଦ ଦାସ, ଜିତ ପଟ୍ଟନାୟକ, ସମ୍ପାଦକ ରାଜୀବ ଜେନା, ବାରିପଦା ବ୍ଲକ ଛାତ୍ର ସଭାପତି ଭୀଷ୍ମ ମହାନ୍ତ, ବାରିପଦା ବ୍ଲକ ଯୁବ ବିଜେଡି ସଭାପତି ବିଶ୍ୱନାଥ ଟୁଡୁ, ବିଜେଡି ଛାତ୍ର କାର୍ଯ୍ୟକାରୀ ସଭାପତି ବିଜୟ ବିନ୍ଧାଣି ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବ୍ଲକ ଛାତ୍ର ମହିଳା ଓ ଜିପି ପ୍ରେସିଡେଣ୍ଟ ମାନେ ହେଲେ କନିତା ସିଂ,ସୁନିତା ସିଂ,ଦୁର୍ଗାପ୍ରସାଦ ମହାନ୍ତ, ଡାକ୍ତର ମୁର୍ମୁ, ଜଗନ୍ନାଥ ମୁର୍ମୁ, ତପନ କୁମାର ମହାନ୍ତ, ଫାଗୁ କିସ୍କୁ, ଚନ୍ଦ୍ର ମୁର୍ମୁ, ଆକାଶ କୁମାର ମହାନ୍ତ ଓ ମନୋଜ ସି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ପିଇବାପାଣି ପାଇଁ ରାସ୍ତାରୋକ

ନୀଳଗିରି , ୧୮/୫ (ନି.ପ୍ର): ପ୍ରବଳ ଖରାରେ ଜନଜୀବନ ଅସ୍ତବ୍ୟସ୍ତ। ଏ.ସି ରେ ସୋଇଛି ପ୍ରଶାସନ। ଗ୍ରୀଷ୍ମର ପ୍ରଭାବରେ ଜଳକଷ୍ଟକୁ ଅଙ୍ଗେ ଅଙ୍ଗେ ଅନୁଭବ କରୁଛି ସାଧାରଣ ମନୁଷ୍ୟଟି। ଏଭଳି ପରିସ୍ଥିତିରେ ନୀଳଗିରି ଅଞ୍ଚଳର ଅଧିକାଂଶ ସ୍ଥାନରେ ପିଇବା ପାଣି ମୁନ୍ଦାଏ ପାଇଁ ତହଳ ବିକଳ ହେଉଛନ୍ତି ଲୋକେ। ପ୍ରଶାସନର ନିଘା ନଥିବା ବେଳେ ଆଜି ନୀଳଗିରି ଝରଣାଘାଟି ୧୯ନଂ ରାଜ୍ୟ ରାଜପଥ ଗରଡି ପଞ୍ଚାୟତ କଳାକାଦ ଛକ ଠାରେ ସ୍ଥାନୀୟ ମହିଳା ଗରା, ବାଲଟି, ହଣ୍ଡା ଧରି ରାସ୍ତାରୋକ କରିଥିଲେ। ବସୁଧା ଯୋଜନାରେ ପାଣି ଆସୁନଥିବା ବେଳେ ସମସ୍ତ ନଳକୂପ ମଧ୍ୟ ଅଚଳ ହୋଇ ପଡ଼ିରହିଛି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳପ୍ରଦ ନହେବାରୁ ବାଧହୋଇ ରାଜରାସ୍ତାକୁ ଓହ୍ଲାଇଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ବହୁସଂଖ୍ୟକ ଯାତ୍ରୀବାହୀ ବସ, ଟ୍ରକ୍ ଓ ଅନ୍ୟାନ୍ୟ ଛୋଟବଡ ଗାଡ଼ି ଅଟକି ରହିଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।ଖବରପାଇ ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ବିଭାଗୀୟ ଅଧିକାରୀ ପହଞ୍ଚି ବସୁଧା ଯୋଜନାରେ ନିର୍ମିତ ପମ୍ପହାଉସ ମେସିନ ରେ



ହୋଇଥିବା ଯାନ୍ତ୍ରିକ ତ୍ରୁଟିକୁ ସୁଧାରିବା ପରେ ଅଞ୍ଚଳବାସୀଙ୍କ ଜଳ ଯୋଗାଇ ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

# ଆଇଓସିଏଲରେ ବିପର୍ଯ୍ୟୟ ପ୍ରଶମନ କୌଶଳାଭ୍ୟାସ



ପାରାଦୀପ, ୧୮/୫ (ନି.ପ୍ର): ପାରାଦୀପ ତୈଳ ବିଶୋଧନାଗାର ପରିସରରେ ବିପର୍ଯ୍ୟୟ ପ୍ରଶମନ କୌଶଳଭ୍ୟାସ ଅନୁଷ୍ଠିତ ହୋଇଯାଇଛି। କୌଶଳଭ୍ୟାସରେ ବିଶୋଧନାଗାରର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ ସମୟରେ କରାଯାଇଥିଲା। ପାରାଦୀପ ରିଫାଇନାରୀ ଅନୁମୋଦିତ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ତୈଳ ବିଶୋଧନାଗାର ସିଆଇଏସଏଫ ଅଗ୍ନିଶ୍ରମ ବିଭାଗ, ଜରୁରୀକାଳୀନ ସୁରକ୍ଷା ସଦସ୍ୟଙ୍କ ସକ୍ରିୟ ଅଂଶ ଗ୍ରହଣ ସହିତ ଏହି କୌଶଳଭ୍ୟାସ କାର୍ଯ୍ୟକାରୀ କରାଯାଇଥିଲା। ଓଡିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ କାରଖାନା ଏବଂ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ଉପସ୍ଥିତ ଥିଲେ।ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ, ପାରାଦୀପ ଫସଫେଟ୍ସ ଲିମିଟେଡ୍, ଇଫକୋ ପାରାଦୀପ ୟୁନିଟ, ପାରାଦୀପ ପୋର୍ଟ ଅଥରୀଟି ଏବଂ ଆଇଓସିଏଲ ପାଇପଲାଇନ ର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସ ରେ ଅଂଶ ଗ୍ରହଣ କରିଥିଲେ। ପାରାଦୀପ ରିଫାଇନାରୀ ର ନାଫିଆ ଷ୍ଟେବିଲାଇଜର ରିଫ୍ଲେକ୍ସ ପମ୍ପର ଡିସଚାର୍ଜ ଲାଇନ ରୁ ଲିକ ହୋଇ ଏଭିୟୁ ୟୁନିଟ ରେ ଯଦି ବାଷ୍ପ ମେଘ ସୃଷ୍ଟି କିମ୍ବା ଅଗ୍ନିକାଣ୍ଡ ହୁଏ ତାହାହେଲେ ତାହାକୁ ସଫଳତାର ସହିତ କିଭଳି ମୁକାବିଲା କରାଯିବ ସେହି ଉପରେ କୌଶଳଭ୍ୟାସ କରାଯାଇଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ ଭାବେ କାର୍ଯ୍ୟକାରି ହୋଇଥିଲା। କୌଶଳାଭ୍ୟାସ କୁ ଉପସ୍ଥିତ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ। କୌଶଳଭ୍ୟାସ ପରେ ପାରାଦୀପ ରିଫାଇନାରୀ ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନାରୀ ପ୍ରମୁଖ କୌଶିକ ବସୁଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳି

## ରଣାଙ୍ଗନରେ କେବଳ ବାଥୁଡ଼ି ଜନଜାତିରୁ ୩ ଜଣ ପ୍ରାର୍ଥି

ଉଦଳା , ୧୮/୫ (ନି.ପ୍ର): ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳି ମଧ୍ୟରେ ବାଥୁଡ଼ି ଜନଜାତିର ଭୋଟ ସବୁଠାରୁ ଅଧିକ । ତେଣୁ ବାଥୁଡ଼ି ଜନଜାତିର ଲୋକେ ଆମ ଜାତିରୁ କେହି ଜଣେ ବିଧାୟକ ହେଲେ ଭଲ ହେବ ବୋଲି ପ୍ରତିଥର ଆଶା ବାନ୍ଧିଥାନ୍ତି । ସେହିପରି ଏଥର ନିର୍ବାଚନ ରଣାଙ୍ଗନରେ ଉଦଳା ବିଧାନସଭା ମଣ୍ଡଳି ପାଇଁ ମୋଟ ୧୫ ଜଣ ପ୍ରାର୍ଥି ଅଂଶ ଗ୍ରହଣ କରୁଥିବା ବେଳେ କେବଳ ବାଥୁଡ଼ି ଜନଜାତିରୁ ୩ ଜଣ ପ୍ରାର୍ଥି ଅଛନ୍ତି । ସେମାନଙ୍କ ମଧ୍ୟରୁ ଭାରତୀୟ ଜନତା ପାର୍ଟିରୁ ଟିକଟ ପାଇ ନିର୍ବାଚନ ଲଢୁଥିବା ପ୍ରାର୍ଥି ଭାସ୍କର ମଢ଼େଇ ଥିବା ବେଳେ ଅନ୍ୟ ୨ ଜଣ ପ୍ରାର୍ଥି କାଳିଚରଣ ପାତ୍ର ଓ ରାଇମଣି ବିଶ୍ୱାଳ ସ୍ୱାଧିନ ଅଟନ୍ତି । ଭାସ୍କର ମଢେଇଙ୍କ ଚିହ୍ନ 'ପଦ୍ମ', କାଳିଚରଣ ପାତ୍ରଙ୍କ ଚିହ୍ନ 'ଟ୍ରକ'



ଓ ରାଇମଣି ବିଶ୍ୱାଳଙ୍କୁ 'ବଂଶୀ' ଚିହ୍ନ ମିଳିଛି । ଏଇସବୁ ପ୍ରାର୍ଥିଙ୍କ ମଧ୍ୟରେ କାଳିଚରଣ ପାତ୍ର , ଭାରତ ସରକାରଙ୍କର ଅର୍ଥମନ୍ତ୍ରଣାଳୟରେ ଡ଼େପୁଟି ସେକ୍ରେଟେରୀ ଭାବରେ କାର୍ଯ୍ୟକରି ଅବସର ନେଇଛନ୍ତି । ତେଣୁ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତାକୁ ଦେଖି ଭୋଟ ତାଙ୍କ ସପକ୍ଷରେ ଯିବ ବୋଲି ବହୁ ଲୋକ ମତ ଦେଇଛନ୍ତି । ଆଉ କେତେକ ଭାସ୍କର ମଢ଼େଇ ଏକ ଆଗଧାଡ଼ିର ରାଜନୈତିକ ଦଳରୁ ଟିକଟ ପାଇଥିବାରୁ ତାଙ୍କର ଯୋଗ୍ୟତା ଓ ଦକ୍ଷତା କେହି ଦେଖିବେ ନାହିଁ, ଲୋକେ ଆଖିବୁଜି ଭୋଟ ପିଟିବେ , ତେଣୁ ଭାସ୍କର ଭାଇ ଜିତିବା ସୁନିଶ୍ଚିତ ବୋଲି କହିଛନ୍ତି । ସେହିପରି ଆଉ କେତେକ ଉଦଳା ନିର୍ବାଚନ ମଣ୍ଡଳିରୁ କୌଣସି ଥର ମହିଳା ବିଧାୟିକା ପ୍ରାର୍ଥି ଜିତି ନାହାଁନ୍ତି । ତେଣୁ ଏଥର ରାଇମଣି ବିଶ୍ୱାଳଙ୍କୁ ଜଣେ ମହିଳା ଭାବରେ ନିଶ୍ଚୟ ଲୋକେ ସୁଯୋଗ ଦେବେ ବୋଲି କହୁଛନ୍ତି । ତାଛଡ଼ା ନବ ନିର୍ମାଣ କୃଷକ ସଂଗଠନର ସମର୍ଥନ ରାଇମଣିଙ୍କ ସପକ୍ଷରେ ଥିବାରୁ ତାଙ୍କର ସ୍ଥିତି ବେଶ ମଜଭୁତ ଅଛି ବୋଲି ଯୁକ୍ତି ବାଢ଼ିଛନ୍ତି । ତେବେ ଏହି ୩ ଜଣ ପ୍ରାର୍ଥିଙ୍କ ମଧ୍ୟରୁ ବାଥୁଡ଼ି ଜନଜାତିର ଲୋକେ କାହାକୁ ପସନ୍ଦ କରିବେ ତାହା ଦେଖିବା ବାକି ରହିଛି ।

# ଉଦୟଜ୍ୟୋତି ମହାନ୍ତି ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ

ନୀଳଗିରି , ୧୮/୫ (ନି.ପ୍ର): ନୀଳଗିରି ବିଜୁ ଜନତାଦଳର ଯୁବନେତା ଉଦୟଜ୍ୟୋତି ମହାନ୍ତିଙ୍କ ସାଂଗଠନିକ ଦକ୍ଷତା ଏବଂ ନୀଳଗିରି ମାଟିରେ ବିଜୁଜନତା ଦଳର ନେତୃତ୍ୱ ନେବାର ଅଦମ୍ୟ ଚେଷ୍ଟାକୁ ଆଧାର କରି ଦଳର ସୁପ୍ରିମୋ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ସାଂଗଠନିକ



ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ବିଜୁ ଯୁବଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପଦରେ ନିଯୁକ୍ତ କରିଛନ୍ତି। ନୀଳଗିରି ନିର୍ବାଚନ ମଣ୍ଡଳୀରେ ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରିବା ଏବଂ ଯୁବସମାଜକୁ ଦଳର ଆଭିମୁଖ୍ୟ ଏବଂ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରି ଯୋଜନାର ସଫଳ ରୂପାୟନର ଏକ ମାଧ୍ୟମ ଭାବରେ କାମ କରିବା ପାଇଁ ତାଙ୍କୁ ଏଭଳି ବିରାଟ ଦାୟିତ୍ୱ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ଶ୍ରୀଯୁକ୍ତ ମହାନ୍ତି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସମେତ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଯୁବଜନତା ଦଳ ସଭାପତି ବ୍ୟୋମକେଶ ରାୟ, ରାଜ୍ୟଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ପରିଡା, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଗୁରୁଦାୟିତ୍ୱ ମିଳିବା ପରେ ଦଳ ତାଙ୍କ ଉପରେ ଯେଉଁ ଭରଷା ରଖିଛି ତାହାକୁ ସୂଚାରୁ ରୂପେ ନିଭାଇବାକୁ ଚେଷ୍ଟା କରିବେ ବୋଲି ଶ୍ରୀଯୁକ୍ତ ମହାନ୍ତି ସୂଚନା ଦେଇଛନ୍ତି।

# ସିପିଆଇ(ଏମ୍) ଦଳର ମାରାଥନ ପ୍ରଚାର




ନୀଳଗିରି, ୧୮/୫ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀର ସିପିଆଇ(ଏମ) ଦଳ ଆଗାମି ନିର୍ବାଚନ ପାଇଁ ତା'ର ମାରାଥନ ପ୍ରଚାର ଆରମ୍ଭ କରିଦେଇଛି। ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ବିଧାୟକ ପ୍ରାର୍ଥୀ ଯୋଗାନନ୍ଦ ଦାସ, ଯୁବନେତା ଗଙ୍ଗାଧର ମହାନ୍ତି ଓ ଗୋବିନ୍ଦ ଚନ୍ଦ୍ର ସିଂଙ୍କ ନେତୃତ୍ୱରେ ତିନୋଟି ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ପ୍ରଥମେ ମଇଁଷାପଟା ପଞ୍ଚାୟତ, ଭଉଁରିଆବାଡ ପଞ୍ଚାୟତର ତେନ୍ତୁଳାପଡ଼ା ଓ ସିଆଡିମାଳ ପଞ୍ଚାୟତର ବାବନ୍ଧ ଗ୍ରାମରେ ସଭା ଅନୁଷ୍ଠିତ ହୋଇଛି। ମୁଖରେ ରାମ ନାମ ଦରକାର ନାହିଁ, ହାତକୁ କାମ ଦରକାର ବୋଲି ସମ୍ପାଦକ ମଣ୍ଡଳୀ ସଭ୍ୟ କହିଛନ୍ତି। ବର୍ତ୍ତମାନ ଦୁଇ ସରକାର ଧର୍ମ ନାମରେ ଲୋକ ମାନଙ୍କୁ ଭୋଟରେ ପ୍ରଭାବିତ କରୁଛନ୍ତି।ଧର୍ମ ମାଧ୍ୟମରେ ସମସ୍ୟାର ସମାଧାନ ହେବନାହିଁ ମତ ଦେଇଛନ୍ତି। ସମସ୍ୟାର ସମାଧାନ ପାଇଁ ସାଧାରଣ ଲୋକର ରୋଜଗାର ବଢିବା ଦରକାର। ସିପିଆଇ(ଏମ) ଦଳର ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ତାଙ୍କ ଚିହ୍ନରେ ଯେଭଳି ଅଧିକ ଭୋଟ ପାଇବେ, ସେଥିପାଇଁ ନିଜର ମତ ରଖିଥିଲେ। ଯୁବନେତା ଗଙ୍ଗାଧର ମହାନ୍ତି ଦୁଇ ସରକାରଙ୍କ ଦୋ ମୁହାଁ ନୀତିକୁ ସମାଲୋଚନା କରିଥିଲେ। ନିର୍ବାଚନରେ ମଦ, ମାଂସ, ଟଙ୍କା ଦେଇ ଦୁଇ ଦଳ ଯୁବକମାନଙ୍କୁ ବିପଥଗାମୀ କରିଦେଉଛି। ତେଣୁ ଯୁବ ସମାଜ ସେଥିରୁ ଦୁରେଇ ରହିବା ଦରକାର। ଉକ୍ତ ସଭାରେ ମହାବୀର ୟୁନିଅନ୍ ର ସଭାପତି କେଶବ ଲେଙ୍କା, ସୁଦର୍ଶନ ବେହେରା, ବାସୁଦେବ ବେହେରା, ଶୁଶାନ୍ତ ସିଂ, ବାପି ସିଂ, ଉପେନ୍ଦ୍ର ସିଂ, ରାମ ମାଝୀ, ସୋମନାଥ ସିଂ ପ୍ରମୁଖ ବହୁ ସାଥି ଯୋଗ ଦେଇଥିଲେ।

# ଜନ ପ୍ରତିନିଧିତ୍ୱ ଅଧିନିୟମ ଉଲଂଘନ ଯୋଗୁଁ ୨ଜଣ ଗାଡି ମାଲିକଙ୍କ ବିରୋଧରେ ଏଫଆଇଆର ଦାୟର

ବାରିପଦା, ୧୮/୫ (ନି.ପ୍ର): ନିର୍ବାଚନ ସମୟରେ ଜନ ପ୍ରତିନିଧିତ୍ୱ ଅଧିନିୟମ ଉଲଂଘନ ଯୋଗୁଁ ୪ ଗୋଟି ଗାଡି ମାଲିକଙ୍କ ବିରୋଧରେ ଜିଲ୍ଲାପାଳ ମୟୂରଭଞ୍ଜଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ନାଁ ରେ ଏଫ ଆଇ ଆର ବା ପ୍ରଥମ ସୂଚନା ରିପୋର୍ଟ ଦାଖଲ ହୋଇଛି। ସେମାନେ ହେଉଛନ୍ତି ଚାନ୍ଦୁଆ ନିବାସୀ ପୁଷ୍ପଲତା କୁଅଁରବାବୁ ଏବଂ ଝାରପୋଖରିଆ ନିବାସୀ ଦିଲ୍ଲୀପ ପାତ୍ର। ଏହି ଦୁଇ ଜଣଙ୍କ ନାଁ ରେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଞ୍ଚଳିକ ପରିବନା ଅଧିକାରୀ ଶ୍ରୀ ବିସ୍ୱରାଜ ବେହେରା ଏହି ଋଓଜ ଦାଖଲ କରିଛନ୍ତି । ସୂଚନା ଥାଉକି, ଗତ କିଛି ଦିନ ତଳେ, ଏକକାଳୀନ ସାଧାରଣ ନିର୍ବାଚନ ପାଇଁ, ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୦ ଅନୁସାରେ, ଆବଶ୍ୟକତା ଦୃଷ୍ଟିକୋଣରୁ ଜିଲ୍ଲାପାଳ ଶ୍ରୀ ସିନ୍ଧେ ଚାରୋଟି ଗାଡିକୁ ତାଙ୍କ ମାଲିକଙ୍କ ଦ୍ୱାରା ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଏହି ଗାଡି ଗୁଡ଼ିକୁ ଉତ୍ତମ ଅବସ୍ଥା ଏବଂ ଚାଳକ ସହିତ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଉପଜିଲ୍ଲାପାଳ, ବାରିପଦାଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗାଡିର ମାଲିକ ମାନେ, ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୦ ଉଲଂଘନ କରି ଏହି ଗାଡ଼ିଟିକୁ ଧାର୍ଯ୍ୟ ସମୟ ଏବଂ ସ୍ଥାନରେ ଉପସ୍ଥାପନ କରିନଥିଲେ। ଯାହାଫଳରେ, ଜିଲ୍ଲାପାଳ, ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୭ ପ୍ରୟୋଗ କରି, ସେହି ଚାରିଜଣ ଗାଡି ମାଲିକଙ୍କ ବିପକ୍ଷରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯଥା ସ୍ଥାନୀୟ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା: ଯୋଗାଣ ଅଧିକାରୀଙ୍କୁ ଫେରାଦ ହେଲେ ଗ୍ରାମବାସୀ

ବେତନଟୀ, ୧୮/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ କଳମା ପଞ୍ଚାୟତର ଗୋବିନ୍ଦରାୟପୁର ଓ ତାଳପଦା ଗ୍ରାମରେ ଚାଉଳ ମିଳୁନଥିବା ଅଭିଯୋଗ ହୋଇଛି। ଏପ୍ରିଲ ମାସ ରେ ମଧ ବାରମ୍ବାର ଚାଉଳ ପାଇଁ ପଞ୍ଚାୟତ ଅଫିସ୍ ଦଉଡ଼ି ଦଉଡ଼ି ଲୋକେ ହନ୍ତସନ୍ତ ହୋଇଥିଲେ। ଏ ମାସ ମଧ ସେଇ ଅବସ୍ଥା। ଫଳରେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକ୍ରମ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଲୋକେ ଅଭିଯୋଗ କରିଛନ୍ତି। ହିତାଧିକାରୀଙ୍କ ବାୟୋମେଟ୍ରିକ୍ ନେବା ପରେ ସେମାନଙ୍କୁ କାର୍ଯ୍ୟାଳୟ ତରଫରୁ ଯୋଗାଣ ସହାୟକ ଗୋଟିଏ ରସିଦ ଦେଇ ଚାଉଳ ଆସିନାହିଁ , ପରେ ଆସି ରସିଦ ଦେଖାଇ ନେଇଯିବ କହୁଥିବା ହିତାଧିକାରୀଙ୍କ ଅଭିଯୋଗ। ଚାଉଳ ପାଇନଥିବା ହିତାଧିକାରୀ ମାନେ ବ୍ଲକ ଯାଇ ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ନିଜର ଅସନ୍ତୋଷ ଜାହିର କରିଛନ୍ତି। ଏ ସଂକ୍ରାନ୍ତରେ ବେତନଟୀ ବ୍ଲକ ଯୋଗାଣ ଅଧିକାରୀ ସସ୍ମିତା ସେଠୀଙ୍କୁ ପଚାରିବାରୁ ସେ ଗ୍ରାମବାସୀଙ୍କଠାରୁ ଏ ବାବଦରେ ଅଭିଯୋଗ ପାଇଛନ୍ତି ଏବଂ ଏକ ସପ୍ତାହ ମଧ୍ୟରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଲେ।

# ଧୁପୁରା ପଂଚାୟତରେ ବିଜେଡିର କର୍ମୀ ସମ୍ମିଳନୀ

ବାଲିଆପାଳ, ୧୮/୫ (ନି.ପ୍ର): ବାଲିଆପାଳ ବ୍ଲକସ୍ଥିତ ମଧୁପୁରା ପଞ୍ଚାୟତର ବଡସିମୁଳିଆର ରାବଣ ପୋଡି ପଡିଆରେ ବିଜେଡି ଦଳର ମହା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେଡି ଦଳର ଶହ ଶହ କର୍ମୀ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ମଧୁପୁରା ପଂଚାୟତର ବିଜେଡି ସଭାପତି ରଜନୀ ଗିରୀଙ୍କ ପୌରାହିତ୍ୟରେ ଜିଲ୍ଲା ଛାତ୍ର ସଭାପତି ସୁମନ ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ତାଙ୍କ ଭାଷଣରେ ମଧୁପୁରା ସରପଞ୍ଚ କିଭଳି ଚଞ୍ଚକତା କରି ଦଳ ପରିତ୍ୟାଗ କର୍ମୀ ମାନଙ୍କ ପ୍ରତି ବିଶ୍ୱାସ ଘାତକତା କରିଛନ୍ତି ସେ ସମ୍ବନ୍ଧରେ ପୁଙ୍ଖାନୁ ପୁଙ୍ଖ ବୁଝାଇଥିଲେ । ବସ୍ତା ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ସୁଭାଷିନୀ ଜେନା ବାଲିଆପାଳ ବିକାଶ କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ଓ ନିଜର ଯଥା ଶକ୍ତି ଖଟାଇ



ରବୀନ୍ଦ୍ର ଜେନାଙ୍କ ସାହାଯ୍ୟ ରେ ବାଲିଆପାଳକୁ ଘଇଡ ଘୋଷଣା କରି ପାରି ଛନ୍ତି ସବୋଲି କହି ଶଙ୍ଖ ଚ଼ିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ । ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର ବିଜୁ ଜନତା ଦଳର ଇସ୍ତାହାର ସମ୍ବନ୍ଧରେ ପ୍ରକାଶ କରି ମହିଳାମାନଙ୍କୁ କିଭଳି ନବୀନ ସରକାର ତେତିଶ ଶତକଡା ନିର୍ବାଚନ କ୍ଷେତ୍ରରେ ସଂରକ୍ଷଣ କରିଛନ୍ତି ବୁଝାଇଥିଲେ । ଏହାଛଡା ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ତାଙ୍କ ସମୟରେ କିପରି ବିକାଶ ହୋଇଥିଲା ଓ ଆଗକୁ ତାହା କିପରି ଜାରି ରହିବ ସେ କଥା ବୁଝାଇ ଥିଲେ । ଆସନ୍ତା ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟ ମନ୍ତ୍ରୀ ଆସନରେ ବସାଇ ବିଧାୟକ ଭାବେ ସୁବାସିନୀଙ୍କୁ ଓ ସାଂସଦ ରୂପେ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ । ଏହି କରମିସମ୍ମିଳନୀ ମଧୁପୁରା ପଂଚାୟତ ନିର୍ବାଚନ କମିଟିର ସଦସ୍ୟ ଯଥା ଦୀପୁ ଚକ୍ରବର୍ତ୍ତୀ ମନ୍ମଥ ବାରିକ ସନ୍ନ୍ୟାସୀ ବେହେରା ପରେଶ ରାହୁଳ ସ୍ବଳ ଅରିଫ ମହମ୍ମଦ ପରିଚାଳନା କ୍ଷେତ୍ରରେ ସାହାଯ୍ୟ କରିଥିଲେ ।

# ଖଇରାରେ ବିଜେଡିର ମିଶ୍ରଣ ପର୍ବ

## ଯୋଗଦେଲେ ବର୍ତ୍ତମାନ ଓ ପୂର୍ବତନ ଲୋକ ପ୍ରତିନିଧି

ଖଇରା, ୧୮/୫ (ନି.ପ୍ର): ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ଦୁର୍ଗାମଣ୍ଡପ ଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ପୌରହିତ୍ୟ ରେ ଆୟୋଜିତ ଏହି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ରାଜ୍ୟ ସଂସ୍କୃତି ଓ ମାନବ ସମ୍ବଳବିକାଶ ବିଭାଗ ସମ୍ପାଦକ ଶଶି କୁମାର ସାହୁ ଯୋଗ ଦେଇ ସାଢେ ୪କୋଟି ଓଡିଆଙ୍କୁ ନିଜର ପରିବାର ଭାବୁଥିବା ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ । ଏଥିସହ ସିମୁଳିଆ ଭାଜପାରେ ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଜଣକ ତାଙ୍କୁ ବିଭିନ୍ନ ସଭାରେ ବିଦେଶୀ ବୋଲି ସମ୍ବୋଧିତ କରୁଛନ୍ତି । ହେଲେ ଜଣେ ଡିଲରରୁ ୩ଥର ବିଧାୟକ ହୋଇଥିବା ଏହି ବ୍ୟକ୍ତି ଜଣକ କୋଟି କୋଟି ଟଙ୍କାର ସମ୍ପତ୍ତି କେଉଁଠୁ ଆଣିଲେ ବୋଲି ପାଲଟା ପ୍ରଶ୍ନ



କରିଥିଲେ । ବିଜେଡି ବିଧାୟକ ପ୍ରାର୍ଥୀନୀ ସୁବାଶିନୀ ସାହୁ ସାଂସଦ ପ୍ରାର୍ଥନୀ ମଞ୍ଜୁଲତା ମଣ୍ଡଳ ବକ୍ତବ୍ୟରେ ସିମୁଳିଆ ଭୋଟର ଯୋଡି ଶଙ୍ଖରେ ଭୋଟ ଦେଇ ନବୀନ ସରକରଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଅନିତା ପାଇକରାୟ,ଜ୍ୟୋସ୍ନାରାଣୀ ଦାସ,ନରୋତ୍ତମ ମହିମା ଜେନା, ଶତ୍ରୁଘ୍ନ ସେଠୀ,ଅମିର ବିଶ୍ୱାଳ, ସୁକାନ୍ତି ଲତା ବାରିକ, ରବିନ୍ଦ୍ର କୁମାର ନାୟକ, ମନୋରଞ୍ଜନ ସାହୁ,ସୁନେଲୀ ଶତପଥି, ସୁରେନ୍ଦ୍ର ନାୟକ,ଗୋବର୍ଦ୍ଧନ ପାଇକରାୟ, ସୁଶାନ୍ତ କୁମାର ମହାକୁଡ ଓ ପ୍ରଭାସ ଚନ୍ଦ୍ର ବାରିକ ପ୍ରମୁଖ ବିଜେଡିରେ ଯୋଗଦାନ କରିଥିଲେ । ମିଶ୍ରଣ ପର୍ବରେ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ସଭ୍ୟ ମାନସ କୁମାର ଦାଶ,ମହିଳା ସଭାପତି ଜୟନ୍ତୀ ମହଲା,ଜୟନ୍ତୀ ପତି ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ । ପ୍ରଥମେ ଏକ ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରି ଦୁର୍ଗାମଣ୍ଡପରେ ପହଞ୍ଚିଥିଲା ।

# କେନ୍ଦୁଆ ପଞ୍ଚାୟତରେ ବିଜେଡ଼ି ଶୋଭାଯାତ୍ରା ଓ ପ୍ରଚାର ଆରମ୍ଭ

ବେତନଟୀ, ୧୮/୫ (ନି.ପ୍ର): ଚଳିତ ନିର୍ବାଚନରେ କେନ୍ଦୁଆ ପଞ୍ଚାୟତରେ ଆଜି ପ୍ରଥମ ଥର ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀନୀ ଅନୂସୟା ପାତ୍ର ପଞ୍ଚାୟତ ପରିକ୍ରମା କରିବା ସହିତ କେନ୍ଦୁଆ ଶୀତଳା ମନ୍ଦିର ନିକଟରେ ଏକ ପଥ ପ୍ରାନ୍ତ ସଭା କରିଥିବାର ଜଣାଯାଇଛି କ୍ଷ ବାଇକ ଶୋଭା ଯାତ୍ରା ମାଧ୍ୟମରେ ପ୍ରଥମେ ଗାୟତ୍ରୀ ଗୁରୁକୁଳ ଆଶ୍ରମ ଛକ ନିକଟରୁ ବାହାରି ବଣ ଦାମଦରପୁର, ପଦ୍ମପୁର ଦେଇ ବଡାମ ଛକ , ଚୁଆପଦା, ଦଲଦଲି, ବିଦୁକୁଡିଆ ଓ ଶେଷରେ କେନ୍ଦୁଆ ଶୀତଳା ମନ୍ଦିର ନିକଟରେ ପହଞ୍ଚିଥିଲେ । ପ୍ରାର୍ଥୀନୀ ଅନୂସୟା ପାତ୍ରଙ୍କ ସହିତ ତାଙ୍କ ସ୍ୱାମୀ ଗଣେଶ୍ୱର ପାତ୍ର , ବେତନଟୀ ବ୍ଲକ ସଭାପତି ସନ୍ତକ ଲେଙ୍କା , ପଞ୍ଚାୟତ ସଭାପତି ସୀତାନାଥ ବେହେରା , ଶୁଭ୍ରାନ୍ତ ତିଆଡ଼ି, ସୀମା ଦାସ , ୩୭ନଂ ଜିଲ୍ଲା ପରିଷଦର ସଦସ୍ୟା ଧାନୀ କିସ୍କୁ, ୩୬ ନଂ ଜିଲ୍ଲା ପରିଷଦର ସଦସ୍ୟା ସବିତା ଦାସ ,ସମିତି ସଭ୍ୟ ଶ୍ରୀଧର ପଣ୍ଡିତ , ବିନୋଦ ସିଂ , ରାଜୀବ ରଞ୍ଜନ ସେନାପତି, ପିଣ୍ଟୁ , ପ୍ରଦୀପ, ଗୋପୀ ,କଳ୍ପନା ଦାସ,ଦୀପୁ , ସଞ୍ଜୀବ ସିଂ, ପରେଶ ବାରିକ , ବିଶ୍ୱାମିତ୍ର ଦାସ , ହରିଶ୍ଚନ୍ଦ୍ର ମାହାର୍ଣ୍ଣା ,ମଦନ ଦାସ , ରଥ ସିଂ ଏବଂ ଅନ୍ୟ ମାନେ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ପ୍ରାର୍ଥିନୀ ଶ୍ରୀମତୀ ପାତ୍ର ନିଜ ବକ୍ତବ୍ୟରେ ବିଜେଡି ସରକାରଙ୍କର ଲୋକାଭିମୂଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକ ମାନଙ୍କୁ ସୂଚନା ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo